R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୬୯
ତିଥି : ତ୍ରୟୋଦଶୀ
୨୭ ମାର୍ଚ୍ଚ ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 169
27 March 2025, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## ବିଧାନସଭା ସମ୍ମୁଖ ପାଲଟିଲା ରଣକ୍ଷେତ୍ର



ଭୁବନେଶ୍ୱର, ୨୬।୩ (ସବ୍ୟୁ) : ବିଧାନସଭା ସମ୍ମୁଖ ଆଜି ରଣକ୍ଷେତ୍ର ସଦୃଶ ପାଲଟିଥିବା ଦେଖିବାକୁ ମିଳିଛି । ବିଧାନସଭାରୁ କଂଗ୍ରେସ ବିଧାୟକଙ୍କ ନିଲମ୍ବନ ପ୍ରସଙ୍ଗରେ ଆକ୍ରମଣାତ୍ମକ ମୁଦ୍ରାରେ କଂଗ୍ରେସ ଆସିଛି । ବିଧାୟକମାନଙ୍କ ସପକ୍ଷରେ ଦଳ ବାହାରିଛି । ଆଜି ବିଧାନସଭା ସମ୍ମୁଖରେ ଧସ୍ତାଧସ୍ତି, ଠେଲାପେଲା, ବାରିକେଡ ଭାଙ୍ଗିବା ଓ ଜୋର ଜବରଦସ୍ତ ତାଲା ପଡ଼ିଥିବା ଗେଟ୍ ଖୋଲାଯିବାର ଦୃଶ୍ୟକୁ ଦେଖି ରଣକ୍ଷେତ୍ରର ଭ୍ରମ ସୃଷ୍ଟି ହୋଇଥିଲା ।

ଗତକାଲି ବାଚସ୍ପତି ୧୨ କଂଗ୍ରେସ ବିଧାୟକଙ୍କୁ ଗୃହରୁ ନିଲମ୍ବନ କରିଥିଲେ । ବିଧାୟକମାନେ ଗୃହରେ ରାତି କାଟିବା ସହ ମାଷ୍ଟରକ୍ୟାଣ୍ଟିନ୍‌ରେ ଥିବା କଂଗ୍ରେସ ଭବନ ସମ୍ମୁଖରେ ମଧ ଧାରଣା ଦେଇଥିଲେ । ଆଜି ସକାଳୁ ନିଲମ୍ବିତ ବିଧାୟକଙ୍କ ସମେତ ନିଲମ୍ବିତ ହୋଇନଥିବା ଦୁଇ ବିଧାୟକ ତାରା ପ୍ରସାଦ ବାହିନୀପତି ଓ ରମେଶ ଜେନା ଘଣ୍ଟ ବଜାଇ ମାଷ୍ଟରକ୍ୟାଣ୍ଟିନ୍‌ରୁ ଏକ ଶୋଭାଯାତ୍ରାରେ ଆସିଥିଲେ । ବିଧାୟକମାନଙ୍କ ସହ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ । ବିଧାନସଭା ସମ୍ମୁଖରେ (୯ ପୃଷ୍ଠାରେ)

### ଧସ୍ତାଧସ୍ତି ସହ ବ୍ୟାରିକେଡ୍ ଭଙ୍ଗା
### ଧାରଣାରତ କଂଗ୍ରେସ ବିଧାୟକଙ୍କୁ ଉଠାଇନେଲା ପୋଲିସ
### ଫାଟକ ଖୋଲି ବାହାରକୁ ଗଲେ ବିଜେଡି ବିଧାୟକ

## ବାରମ୍ବାର ବିଶୃଙ୍ଖଳିତ ଆଚରଣ ଲାଗି ନିଲମ୍ବନ ନିଷ୍ପତ୍ତି ବାଧ କରିଥିଲା : ବାଚସ୍ପତି

ଭୁବନେଶ୍ୱର, ୨୬।୩ (ସବ୍ୟୁ) : ବିଧାନସଭାରେ ବିରୋଧି କଂଗ୍ରେସ ଦଳର ବିଧାୟକ ମାନେ ଗୃହ ଚଳାଇବାରେ ବାଧା ସୃଷ୍ଟି କରୁଥିଲେ । ଅନେକ ସମୟରେ ତାଗିଦ୍ ସତ୍ତ୍ୱେ ସେମାନେ ନିଜକୁ ପରିବର୍ତ୍ତନ କରୁନଥିଲେ । ଫଳରେ ବାଧ୍ୟ ହୋଇ ମୁଖ୍ୟ ସଚେତନଙ୍କ ପ୍ରସ୍ତାବକୁ କାର୍ଯ୍ୟକାରୀ ପୂର୍ବରୁ ପ୍ରଥମେ ୧୨ ଜଣେ ଓ ପରବର୍ତ୍ତି ସମୟରେ ୨ ଜଣ କଂଗ୍ରେସ ସଦସ୍ୟ ସଦସ୍ୟାଙ୍କୁ ୬ କାର୍ଯ୍ୟଦିବସ ପାଇଁ ନିଲମ୍ବନ କରାଗଲା ବୋଲି ବାଚସ୍ପତି ଆଜି ଗୃହରେ ବିବୃତି ରଖିଥିଲେ । ଗତ ୭ ତାରିଖ ଗୃହ କାର୍ଯ୍ୟର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭରୁ ବିରୋଧୀ ସଦସ୍ୟ ବିଭିନ୍ନ ଉପାୟରେ ପ୍ରତିବାଦ କରୁଥିଲେ । ଫ୍ଲାଗ କାର୍ଡ, ପୋଷ୍ଟର, ବ୍ୟାନର ଧରି ପ୍ରତିବାଦ କରୁଥିଲେ । ୨୦ ମାର୍ଚ୍ଚରୁ କଳା ବ୍ୟାଜ, କଳା ପୋଷାକ ପରିଧାନ କରି ହୁଇସିଲ ତୂରୀ, ଘଣ୍ଟ ଓ ବଂଶୀ ବଜାଇ ଗୃହକାର୍ଯ୍ୟରେ ବାଧା ପହଞ୍ଚାଇଥିଲେ।

ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି, ମୋଟ ୧୨ଟି କାର୍ଯ୍ୟ ଦିବସରୁ ୨ଟିରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚାଲି ଥିଲା । ୨୫ ତାରିଖ ସୁଦ୍ଧା ନିର୍ଦ୍ଧାରିତ ସମୟରୁ ୩୯ ଘଣ୍ଟା ୨ ମିନିଟ ଗୃହ କାର୍ଯ୍ୟ ଚାଲି ପାରିନଥିଲା । ସେଥିପାଇଁ ମାର୍ଚ୍ଚ ୧୦, ୧୩, ୨୪ ଓ ୨୫ ତାରିଖରେ ସର୍ବଦଳୀୟ ବୈଠକ ଡକା ଯାଇଥିଲା । କିନ୍ତୁ ଏହା ସତ୍ତ୍ୱେ ବିରୋଧୀ ଦଳର ବିଧାୟକମାନେ ବିଶୃଙ୍ଖଳିତ ଆଚରଣ (୯ ପୃଷ୍ଠାରେ)




### ବିଧାନସଭାରେ ଶାସକ–ବିରୋଧୀ ବାକ୍‌ଯୁଦ୍ଧ

## ନିଲମ୍ବନ, ପୋଲିସର କାର୍ଯ୍ୟାନୁଷ୍ଠାନ ବିରୋଧରେ ଗର୍ଜିଲେ

ଭୁବନେଶ୍ୱର, ୨୬।୩ (ସବ୍ୟୁ): ବିଧାନସଭାରେ କଂଗ୍ରେସ ବିଧାୟକଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗରେ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ସଭ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏଭଳି ଘଟଣା ଏକ ଅଭୂତପୂର୍ବ ଓ ଦୁଃଖଦାୟକ । ବିରୋଧୀଙ୍କ ଅଧିକାର ଅଛି ପ୍ରତିବାଦ ଓ ମତ ରଖିବାକୁ । ତେବେ ସରକାର ବେଶି ପ୍ରତିକ୍ରିୟାଶୀଳ ହେବା ଉଚିତ ନୁହେଁ । ଏମିତି ଶାଣିତ ସ୍ୱରରେ ଶାସକ ଦଳକୁ ସମାଲୋଚନା କରିଛି ବିଜେଡି ।



ବଜେଟ ଅଧିବେଶନରେ ସପ୍ତାହେ ହେବ କଂଗ୍ରେସ ବିଧାୟକମାନେ ନାରୀ ସୁରକ୍ଷା ପ୍ରସଙ୍ଗରେ ଗୃହରେ ଘଣ୍ଟ, ତୁରୀ ଓ ବଂଶୀ ବଜାଇ ଗୃହକୁ ଅଚଳ କରିଛନ୍ତି । ତେବେ ଶେଷରେ କଂଗ୍ରେସ ସଭ୍ୟମାନେ ଏ ପ୍ରସଙ୍ଗରେ ଏକ ଗୃହ କମିଟି ଗଠନ ଲାଗି ଦାବି କରିଆସୁଛନ୍ତି । ଗୃହ କମିଟି ଗଠନ କରିବାକୁ ଅଡ଼ି ବସିବା ସହିତ ଘଣ୍ଟ ଓ ତୁରୀ ବଜାଇ ହଟ୍ଟଗୋଳ କରିଛନ୍ତି । କଂଗ୍ରେସ ସଭ୍ୟମାନଙ୍କ ଏଭଳି ପ୍ରତିବାଦକୁ ଅଶୋଭନୀୟ ଆଚରଣ କହିବା (୯ ପୃଷ୍ଠାରେ)

### ସରକାରୀ ଦଳ ପ୍ରତିକ୍ରିୟାଶୀଳ ହେବା ଉଚିତ ନୁହେଁ : ବିଜେଡି
### ବିଜେପି ଶାନ୍ତିଶୃଙ୍ଖଳାର ସହ ଚଳାଇବାକୁ ପ୍ରସ୍ତୁତ : ବିଜେପି
### ସମସ୍ତ କଂଗ୍ରେସ ବିଧାୟକ ଗୃହରୁ ନିଲମ୍ବିତ

## ୨୧ ମିଶା ବନ୍ଦୀଙ୍କୁ ମିଳିବ ପେନ୍‌ସନ୍

ଭୁବନେଶ୍ୱର, ୨୬।୩ (ସବ୍ୟୁ) : ୨୫ ଜୁନ ୧୯୭୫ ମସିହାରୁ ୨୧ ମାର୍ଚ୍ଚ ୧୯୭୭ ମସିହା ପର୍ଯ୍ୟନ୍ତ ଜାତୀୟ ଜରୁରୀକାଳୀନ ପରିସ୍ଥିତି ସମୟରେ ମିଶା, ଡିଆଇଆର୍ ଏବଂ ଡିଆଇଏସ୍‌ଆଇଆର ପ୍ରଭୃତି ଆଇନ ବଳରେ ଗିରଫ ହୋଇଥିବା ବନ୍ଦୀମାନଙ୍କୁ ସରକାରଙ୍କ ଦ୍ୱାରା ମାସିକ ପେନସନ ଦେବାପାଇଁ ଗତ ସ୍ୱାଧୀନତା ଦିବସରେ ଘୋଷଣା କରାଯାଇଥିଲା ।

ସେହି ଘୋଷଣା ମୁତାବକ, ସରକାରଙ୍କ ଦ୍ୱାରା ଏକ ସଂକଳ୍ପ ପତ୍ର ୧୩ ଜାନୁୟାରୀ ୨୦୨୫ ତାରିଖରେ ଜାରି କରାଯାଇଥିଲା । ସେହି ସଂକଳ୍ପ ପତ୍ରରେ ଜରୁରୀକାଳୀନ ପରିସ୍ଥିତି ସମୟରେ ବନ୍ଦୀ ହୋଇଥିବା ବ୍ୟକ୍ତିମାନଙ୍କୁ (୯ ପୃଷ୍ଠାରେ)

## ମହଙ୍ଗା ହେବ କ୍ୟାନ୍ସର, ଡାଇବେଟିସ୍ ଔଷଧ

ନୂଆଦିଲ୍ଲୀ, ୨୬।୩ : ସରକାରଙ୍କ ନିୟନ୍ତ୍ରଣରେ ଥିବା କ୍ୟାନ୍ସର, ମଧୁମେହ, ହୃଦୟ ଜନିତ ଔଷଧ ଓ ଅନ୍ୟ ଆଣ୍ଟିବାୟୋଟିକ୍ସଗୁଡ଼ିକ ଆଗକୁ ମହଙ୍ଗା ହୋଇପାରେ । ପ୍ରାୟ ୧.୭% ମୂଲ୍ୟ ବୃଦ୍ଧି ଘଟିବ ବୋଲି ଏକ ସୂତ୍ରରୁ ଜଣାପଡିଛି । ଖୁବ୍‌ଶୀଘ୍ର ଏହା ମହଙ୍ଗା ହେବ ବୋଲି ଜଣାପଡ଼ିଛି ।

ଅଲ୍‌ଇଣ୍ଡିଆ ଅର୍ଗାନାଇଜେସନ୍ ଅଫ୍ କେମେଷ୍ଟି ଓ ଡ୍ରଗିଷ୍ଟର ସାଧାରଣ ସମ୍ପାଦକ ରାଜୀବ ସିଙ୍ଗଲ ଏକ କନ୍‌କ୍ଲେଭ୍‌ରେ ସୂଚନା ଦେଇଛନ୍ତି ଯେ ଫାର୍ମାସିଷ୍ଟକାଲ୍ ଶିଳ୍ପକୁ ସାହାଯ୍ୟ କରିବା ପାଇଁ ଏହି ପଦକ୍ଷେପ ନିଆଯାଇପାରେ । କାରଣ କଞ୍ଚା ମାଲ୍‌ର ମୂଲ୍ୟ ବଢ଼ିବା ସହ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ିଛି । ବ୍ୟବସାୟ ଦୃଷ୍ଟିକୋଣରୁ (୯ ପୃଷ୍ଠାରେ)

## କହିବାକୁ ସଂସଦରେ ସୁଯୋଗ ଦିଆଯାଉନି : ରାହୁଲ

ନୂଆଦିଲ୍ଲୀ, ୨୬।୩ : ଲୋକସଭାରେ ବିରୋଧୀ ଦଳ ନେତାଙ୍କୁ କହିବାକୁ ସୁଯୋଗ

### ବାଚସ୍ପତିଙ୍କୁ ଭେଟିଲେ ୭୦ କଂଗ୍ରେସ ସାଂସଦ
### ରାହୁଲଙ୍କ ଅଭିଯୋଗ ପିଲାଳିଆମି : ବିଜେପି

ଦିଆଯାଉନାହିଁ । ଯେତେବେଳେ କହିବା ପାଇଁ ସେ ଉଠୁଛନ୍ତି ବାଚସ୍ପତି ଗୃହକୁ ମୁଲତବୀ କରିଦେଉଛନ୍ତି । ଏହା ଗୃହ ଚଳାଇବାର ବାଟ ନୁହେଁ ବୋଲି ବିରୋଧୀ ଦଳ ନେତା ରାହୁଲ



ଗାନ୍ଧି ଅଭିଯୋଗ କରିଛନ୍ତି । ମାତ୍ର ବିଜେପି ପକ୍ଷରୁ ତାଙ୍କର ଏହି ମନ୍ତବ୍ୟକୁ ପିଲାଳିଆମି ବୋଲି ଟିପ୍ପଣୀ ଦିଆଯାଇଛି ।

ରାହୁଲ କହିଛନ୍ତି ଯେ ଯେତେବେଳେ ସେ କହିବା ପାଇଁ ଠିଆ ହେଉଛନ୍ତି ସେତେବେଳେ ବାଚସ୍ପତି ହଠାତ୍ ଗୃହକୁ ମୁଲତବୀ କରିଦେଉଛନ୍ତି । ଲୋକସଭା ବାଚସ୍ପତି ଅଗଣତାନ୍ତ୍ରୀକ ଭାବେ ଗୃହ ଚଳାଉଛନ୍ତି । ପ୍ରମୁଖ ପ୍ରସଙ୍ଗଗୁଡ଼ିକୁ ବାରମ୍ବାର ଅଣଦେଖା କରାଯାଉଛି ଓ କହିବାକୁ ସୁଯୋଗ (୯ ପୃଷ୍ଠାରେ)

## ସୋସିଆଲ କୋଟ୍ସ



"ମନୋଜ ସନ୍ତୋଷୀଙ୍କର ମୃତ୍ୟୁ ଡାକ୍ତରଙ୍କ ଅବହେଳାରୁ ହୋଇଛି । ସେମାନେ ଯଦି ତାଙ୍କୁ ଠିକ୍ ଟ୍ରିଟ୍‌ମେଣ୍ଟ କରିଥାନ୍ତେ ତେବେ ସେ ଆଜି ଆମ ଗହଣରେ ଥାଆନ୍ତେ ।

**ଶିଲ୍ପା ସିନ୍ଦେ, ଅଭିନେତ୍ରୀ**



"ଶୋ'ରେ ଯାହା ହେଲା ସେଥିପାଇଁ ମୁଁ ଦୁଃଖୀତ । ଏଥିପାଇଁ ମୁଁ ସମସ୍ତଙ୍କୁ କ୍ଷମା ପ୍ରାର୍ଥନା କରୁଛି । ଭବିଷ୍ୟତରେ ଏଭଳି ଘଟଣା ଯେପରି ହେବ ନାହିଁ ସେଥିପାଇଁ ସାବଧାନ ରହିବି ।

**ସମୟ ରୈନା, କମେଡିଆନ**



"ମୁଁ ଶାହରୁଖ ଖାନ ଓ ସଲମାନ ଖାନ୍ ଉଭୟଙ୍କ ପାଇଁ ଗୀତ ବୋଲିଛି, ହେଲେ ଉଭୟଙ୍କୁ ବ୍ୟକ୍ତିଗତ ସ୍ତରରେ କେବେ ବି ଦେଖିନି କି କଥା ହୋଇନି ।

**ଦେବ ନେଗୀ, ସିଙ୍ଗର**

## ଆଜିର ଦିନ

୧୮୫୫ – ଆବ୍ରାହମ୍ ପିନେଓ ଗେସ୍‌ନେର କିରାସିନିର ପେଟେଣ୍ଟ୍ ପ୍ରାପ୍ତ କରିଥିଲେ ।

୧୮୯୭ – ଭାରତୀୟ ସ୍ୱତନ୍ତ୍ରତା ସେନାନୀ ଓ ରାଜନୀତିଜ୍ଞ ଲକ୍ଷ୍ମୀ ଏନ୍ ମେନନଙ୍କର ଜନ୍ମ ।

୧୯୧୨ – ଭାରତୀୟ ରାଜନୀତିଜ୍ଞ ବିମଳା ପ୍ରସାଦ ଚାଲିହାଙ୍କ ଜନ୍ମ ଦିବସ ।

୧୯୨୩ – ମସଲା କମ୍ପାନୀ ଏମ୍‌ଡିଏଚ୍‌ର ମାଲିକ ଧର୍ମପାଲ ଗୁଲାଟିଙ୍କର ଜନ୍ମ ।

୧୯୭୭ – ସ୍ପେନ୍‌ର କେନେରୀ ଦୀପରେ ଜେଟ୍ ଦୁର୍ଘଟଣାରେ ପାଖାପାଖି ୫୮୩ ଜଣଙ୍କର ମୃତ୍ୟୁ ହୋଇଥିଲା ।

୧୯୮୧ – ଭାରତୀୟ ମୁଷ୍ଟିଯୋଦ୍ଧା ଅଖିଲ କୁମାର ।

୧୯୯୦ – କୋଲକାତାରେ ଯାତ୍ରୀବାହି ବସ୍ ଦୁର୍ଘଟଣାରେ ୪୧ଜଣଙ୍କର ମୃତ୍ୟୁ ।

୨୦୧୦ – ଓଡ଼ିଶାର ଚାନ୍ଦିପୁରରେ ଧନୁଷ ଓ ପୃଥିବୀ ୨ର ସଫଳ ପରୀକ୍ଷଣ କରାଯାଇଥିଲା ।

**ବର୍ତ୍ତମାନ ହିଟ୍‌ୱେଭ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି । ବଢୁଥିବା ତାପମାତ୍ରା ବିଭିନ୍ନ ରୋଗ ଯେପରି ସନ୍‌ଷ୍ଟ୍ରୋକ୍, ହିଟ୍ କ୍ରାମ୍ପ, ଡିହାଇଡ୍ରେସନ୍ ଆଦି ଦେଖିବାକୁ ମିଳୁଛି । ତେବେ ଏଥିପାଇଁ ବିଭିନ୍ନ ଦିଗ ପ୍ରତି ଧ୍ୟାନଦେବାର ଆବଶ୍ୟକତା ରହିଛି । ସେଥିପାଇଁ କିଛିଟା ପରାମର୍ଶ ରହିଛି ଯାହାକୁ ଅନୁକରଣ କରିବାର ଆବଶ୍ୟକତା ରହିଛି ।**

**ହାଲୁକା ପୋଷାକ–** ଖରାଦିନେ ବାହାରକୁ ଯିବା ସମୟରେ ପୋଷାକର ପ୍ରମୁଖ ଭୂମିକା ରହିଥାଏ । ପୋଷାକ କାରଣରୁ ଅନେକ ସମୟରେ ଝାଳ ଅଧିକ ବାହାରିଥାଏ, ଯାହା ଡିହାଇଡ୍ରେସନର କାରଣ ସାଜିଥାଏ । ତେଣୁ ସବୁବେଳେ ହାଲକା ପୋଷାକ ପିନ୍ଧନ୍ତୁ ।

**ଥଣ୍ଡା ପାଣିରେ ସ୍ନାନ–** ଏହି ସମୟରେ ଚେଷ୍ଟା କରନ୍ତୁ ସବୁବେଳେ ଥିବା ପାଣିରେ ଗାଧୋଇବାକୁ । ଦିନକୁ ଦୁଇଥର ମଧ୍ୟ ଗାଧୋଇ ପାରିବେ । ଏହା ଆପଣଙ୍କୁ ଫ୍ରେସ୍ ଓ ଆକ୍ଟିଭ୍ ରଖିବ ।

**ହାଇଡ୍ରେଟ୍ ରୁହନ୍ତୁ –** ଏହି ସମୟରେ ଜଳୀୟଅଂଶର ଭୂମିକା ଅଧିକ ରହିଥାଏ । ଖରା କାରଣରୁ ଦେହରୁ ଜଳୀୟଅଂଶ କମିବାର ସମ୍ଭାବନା ବଢିଥାଏ । ତେଣୁ ଅଧିର ପାଣି ପିଇବା ସହ ଜଳୀୟଅଂଶ ଥିବା ଫଳ ଯେପରି କାକୁଡି, ତରଭୁଜ, ତାଳ ଆଦି ଖାଆନ୍ତୁ । ଅଧିକ ତେଲ ମସଲାଯୁକ୍ତ ଖାଦ୍ୟଠାରୁ ଦୂରରେ ରୁହନ୍ତୁ ।

**ସନ୍‌ସ୍କ୍ରିନ–** ଖରାରେ ହେଉଥିବା ସନ୍‌ବର୍ଣ୍ଣ ଠାରୁ ଦୂରରେ ରହିବା ପାଇଁ ସନ୍‌ସ୍କ୍ରିନର ବ୍ୟବହାର ନିଶ୍ଚିନ୍ତ ଭାବେ କରନ୍ତୁ । ଯେତେବେଳେ ବି ବାହରକୁ ଯାଉଛନ୍ତି ସନ୍‌ସ୍କ୍ରିନ ଲଗାଇବାକୁ ଭୁଲନ୍ତୁ ନାହିଁ ।




## ହିଟ୍‌ୱେଭ୍ ଟିପ୍ସ

# ଚାଟ୍ ଜିପିଟି କରୁଛି ନିଃସଙ୍ଗ !

ବର୍ତ୍ତମାନ ଚାଟ୍ ଜିପିଟିର ବ୍ୟବହାର ବଢିବାରେ ଲାଗିଛି । ଖୁବ ଛୋଟଛୋଟ କଥା ପାଇଁ ମଧ୍ୟ ଲୋକମାନେ ଚାଟ୍ ଜିପିଟି ଉପରେ ନିର୍ଭର କରୁଛନ୍ତି । କୌଣସି ବିଷୟରେ ତଥ୍ୟ କାଢିବା ହେଉ କିମ୍ବା ନିଜର ଅଫିସ୍ କାର୍ଯ୍ୟ ହେଉ ସବୁ ପାଇଁ ସେମାନେ ଚାଟ୍ ଜିପିଟିକୁ ବ୍ୟବହାର କରୁଛନ୍ତି । ତେବେ ନିକଟରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁସାରେ ଅତ୍ୟଧିକ ଚାଟ୍ ଜିପିଟି ବ୍ୟବହାର ବ୍ୟବହାରକାରୀଙ୍କୁ ଏକୁଟିଆ କରିଦେଉଛି । ସେମାନେ ଚାଟ୍ ଜିପିଟି ସହିତ ନିଜର ଭାବର ଆଦାନ ପ୍ରଦାନ କରିବାରେ ଏତେ ମଜି ଯାଉଛନ୍ତି କି ବାସ୍ତବ ଜୀବନ ଠାରୁ ଦୂରେଇ ଯାଉଛନ୍ତି । ସେମାନଙ୍କ ନିକଟରେ ନିଃସଙ୍ଗତା ବଢିବାରେ ଲାଗୁଛି । ଏଥିପାଇଁ ପାଖାପାଖି ୪ହଜାରରୁ ଅଧିକ ଚାଟ୍ ଜିପିଟି ୟୁଜର୍ସଙ୍କ ଉପରେ ଏକ ଗବେଷଣା କରାଯାଇଥିଲା । ଏହି ଭଲ୍ୟୁଣ୍ଟରମାନେ ସବୁଦିନ କିଛି ସମୟ ଚାଟ୍ ଜିପିଟି ସହିତ କାଟୁଥିଲେ । ତେବେ ଏଥିରୁ ଜଣା ପଡିଥିଲା କି ଯେଉଁମାନେ ବେଶି ସମୟ ଚାଟ୍ ଜିପିଟି ସହିତ କାଟୁଛନ୍ତି ସେମାନେ ଜୀବନରେ ଏକୁଟିଆ ଫିଲ୍ କରୁଛନ୍ତି । ତେଣୁ ଏହା ବର୍ତ୍ତମାନ ଏକ ଚିନ୍ତାଜନକ ବିଷୟ ଭାବେ ଉଭା ହୋଇଛି ।






## ବିଶ୍ୱ ନାଟ୍ୟ ଦିବସ

ପ୍ରତିବର୍ଷ ମାର୍ଚ୍ଚ ମାସ ୨୭ ତାରିଖରେ ପାଳନ କରାଯାଇଥାଏ ବିଶ୍ୱ ନାଟ୍ୟ ଦିବସ । ଯାହାର ମୁଖ୍ୟ ଉଦ୍ଦେଶ୍ୟ ନାଟକକୁ ଲୋକଙ୍କ ପାଖରେ ଅଧିକ ଆଦୃତ କରାଇବା । ଅନ୍ତର୍ଜାତୀୟ ନାଟ୍ୟ ଅନୁଷ୍ଠାନ ଦ୍ୱାରା ୧୯୬୧ ମସିହାରୁ ଏହା ପାଳିତ ହୋଇଆସୁଛି । ସେହି ବର୍ଷରୁ ଅନ୍ତର୍ଜାତୀୟ ନାଟ୍ୟ ଅନୁଷ୍ଠାନ ଦ୍ୱାରା ପାଳିତ ହେଉଛି । ଏହା ଅନ୍ତର୍ଜାତୀୟ ନାଟ୍ୟ ଅନୁଷ୍ଠାନର ବିଭିନ୍ନ ଦେଶରେ ଥିବା ଶାଖା ଓ ଅନ୍ତର୍ଜାତୀୟ ନାଟ୍ୟ କର୍ମୀମାନଙ୍କ ଦ୍ୱାରା ପାଳନ କରାଯାଏ । ଏହି ଅବସରରେ ବିଭିନ୍ନ ନାଟକ ଆୟୋଜନ କରାଯାଏ । ଏହି ଅବସରରେ ବିଶ୍ୱର ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ନାଟକ ଓ ବିଶ୍ୱ ଶାନ୍ତି ଉପରେ ନିଜର ସଂଦେଶ ପ୍ରଦାନ କରିଥାନ୍ତି । ଯାହାକୁ ବିଶ୍ୱବ୍ୟାପି ପ୍ରେରଣ କରାଯାଇଥାଏ । ୧୯୬୨ ମସିହାରେ ପ୍ରଥମ କରି ଏହି ସଂଦେଶ ପ୍ରଦାନ କରିଥିଲେ ଫ୍ରାନ୍ସର କବି 'ଜୀନ କକଟ୍ୟୋୟୁ' ।

## କୁନାଲଙ୍କୁ ସମାଲୋଚନା

କମେଡିଆନ କୁନାଲ କାମ୍ରାଙ୍କ ବିବାଦୀୟ କମେଡି ଭିଡିଓକୁ ନେଇ ଅଡୁଆ ବଢିବାରେ ଲାଗିଛି । ଏହି ଘଟଣାରେ ମହାରାଷ୍ଟ୍ର ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି । ତେବେ ଏହି ଘଟଣାକୁ ନେଇ ଅନେକ ବରିଷ୍ଠ ବ୍ୟକ୍ତିତ୍ୱ ନିଜର ମତ ଦେବାରେ ଲାଗିଛନ୍ତି । ଏହି ତାଲିକାରେ ସାମିଲ ହୋଇଛନ୍ତି ବଲିଉଡ ଅଭିନେତ୍ରୀ ତଥା ବିଜେପି ସାସଂଦ କଙ୍ଗନା ରାଣାଓ୍ୱତ । କମେଡି ଆଢୁଆଳରେ କୌଣସି ବ୍ୟକ୍ତିଙ୍କର ଅପମାନ କରିବା ଠିକ୍ କଥା ନୁହେଁ ବୋଲି କଙ୍ଗନା ମତ ଦେଇଛନ୍ତି । କମେଡିର ସାହାଯ୍ୟ ନେଇ ଆପଣ କାହାର କାର୍ଯ୍ୟର ଅନାଦର କରିପାରିବେ ନାହିଁ । ସେହିଭଳି ଏକନାଥ ସିନ୍ଦେ ବହୁତ ଆଗରୁ ରିକ୍ସା ଚଳାଉଥିଲେ, ଏହାପରେ ସେ ନିଜ ପରିଶ୍ରମ ବଳରେ ଜୀବନରେ ବହୁତ କିଛି ହାସଲ କରିଛନ୍ତି ବୋଲି କଙ୍ଗନା ମତ ଦେଇଛନ୍ତି । ସେହିଭଳି କୁନାଲଙ୍କର କୌଣସି ଅକାତ୍ ନାହିଁ, ସେ କମେଡି ନାଁରେ ଖାଲି ସମସ୍ତଙ୍କୁ ଗାଳି ଦେଇଥାଆନ୍ତି ବୋଲି କଙ୍ଗନା କହିଛନ୍ତି । ସେହିଭଳି ଏମାନେ ନିଜକୁ ଇନ୍‌ଫ୍ଲୁଏନ୍ସର କହୁଛନ୍ତି, ହେଲେ ଏମାନେ ସମାଜକୁ ଖରାପ ଦିଗରେ ପ୍ରବର୍ତ୍ତାଉଛନ୍ତି ବୋଲି କଙ୍ଗନା ନିଜ ମତରେ ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ କୁନାଲ କାମ୍ରା ନିଜର ଏକ ଶୋରେ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ତଥା ଶିବସେନା ନେତା ଏକନାଥ ସିନ୍ଦେଙ୍କ ଉପରେ କିଛି ମନ୍ତବ୍ୟ ଦେଇଥିଲେ । ଯେଉଁ ଭିଡିଓ ଭାଇରାଲ ହେବା ପରେ ଶିବସେନା ଦଳର କାର୍ଯ୍ୟକର୍ତ୍ତା କ୍ଷୁବ୍ଧ ହେବା ସହ କୁନାଲଙ୍କୁ କ୍ଷମା ମାଗିବା ପାଇଁ ଧମକ ଦେଉଛନ୍ତି । ହେଲେ କୁନାଲ କ୍ଷମା ମାଗିବାକୁ ସ୍ପଷ୍ଟ ଭାବେ ମନା କରିବା ପରେ ଏହି ବିବାଦ ବଢିବାରେ ଲାଗିଛି । ଏନେଇ ଥାନାରେ ମାମଲା ମଧ୍ୟ ରୁଜୁ କରାଯାଇଛି ।



## ବିଶ୍ୱର ବିପଦପୂର୍ଣ୍ଣ ରାସ୍ତା



ଅନେକ ଲୋକ ଯେତେବେଳେ ଷ୍ଟ୍ରେସ୍‌ରେ ଥାଆନ୍ତି ଲଙ୍ଗ ଡ୍ରାଇଭ୍‌ରେ ବାହାରି ଯାଆନ୍ତି, କାରଣ ଏହା ଖୁବ ଷ୍ଟ୍ରେସ ଫ୍ରି ହୋଇଥାଏ । ହେଲେ ସବୁ ରାସ୍ତା ଆପଣଙ୍କୁ ଶାନ୍ତି ଦେଇ ନଥାଏ, କିଛି ରାସ୍ତା ଭୟଙ୍କର ମଧ୍ୟ ହୋଇଥାଏ । ତୁର୍କିରେ ରହିଛି ବିଶ୍ୱର ସବୁଠାରୁ ଭୟଙ୍କର ରାସ୍ତା । ଏହା ଏଭଳି ଏକ ରାସ୍ତା ଯିଏ ଆପଣଙ୍କ ଷ୍ଟ୍ରେସ କମାଇବା ବଦଳରେ ବଢାଇଥାଏ । ୧୦୫ କିମିର ଏହି ରାସ୍ତା ତୁର୍କିର ଆଣ୍ଟୋଲିଆ ପ୍ରୋଭିନାକକୁ ବ୍ଲାକ୍ ସି ସହିତ ଯୋଡିଥାଏ । ଏହି ରାସ୍ତାରେ ଅନେକ ଚାଲେଞ୍ଜିଂ ଟୁଇଷ୍ଟ ଆଣ୍ଡ ଟର୍ଣ୍ଣ ରହିଛି ଯାହା ଏହାକୁ ଖୁବ ବିପଦପୂର୍ଣ୍ଣ କରିଥାଏ । ଏହି ରାସ୍ତାରେ ଯିବା ପୂର୍ବରୁ ସମସ୍ତ ଡ୍ରାଇଭର ଭୟ କରି ଥାଆନ୍ତି ଏବଂ ସେମାନେ ଏଠାରେ ଖୁବ ସତର୍କତାର ସହିତ ଗାଡି ଚଳାଇଥାଆନ୍ତି । ୧୯୧୬ ମସିହାରେ ରସିଆନ ଆର୍ମି ଏହି ରାସ୍ତାର ନିର୍ମାଣ କରିଥିଲେ । ଏହି ରାସ୍ତାରେ ୩୮ଟି ସାର୍ପ ହେୟାରପିନ୍ ବେଣ୍ଡ ରହିଛି, ଯାହା ଏହାକୁ ଖୁବ ଆଡ୍‌ଭେଞ୍ଚେରିଅସ କରିଥାଏ ।

# ଏଲିଅନକୁ ନେଇ ଭବିଷ୍ୟବାଣୀ

ବାବା ଭେଙ୍ଗା ଜଣେ ପରିଚିତ ବ୍ୟକ୍ତିତ୍ୱ, ଯିଏ ସବୁବେଳେ ନିଜ ଭବିଷ୍ୟବାଣୀଙ୍କୁ ନେଇ ଚର୍ଚ୍ଚାରେ ରହିଥାଆନ୍ତି । ନିକଟରେ ସେ ଏଲିଅନକୁ ନେଇ ଦେଇଥିବା ଭବିଷ୍ୟବାଣୀ ଖୁବ ଚର୍ଚ୍ଚା ସାଉଁଟିବାରେ ଲାଗିଛି । ତାଙ୍କ ଭବିଷ୍ୟବାଣୀ ଅନୁସାରେ ପୃଥିବୀର ଏଭଳି ସ୍ଥାନ ରହିଛି ଯେଉଁଠିକୁ ଏଲିଅନ୍‌ମାନେ ନିଜର ପ୍ରଥମ ବାର୍ତ୍ତା ପ୍ରଦାନ କରିବେ । ଭବିଷ୍ୟବାଣୀ ଅନୁସାରେ ୨୧୨୫ରେ ଏଲିଅନ୍‌ମାନେ ସିଧା ହଙ୍ଗେରୀକୁ ସମ୍ପର୍କ କରିବେ । ଆଜିଠାରୁ ପାଖାପାଖି ୧୦୦ ବର୍ଷ ପରେ ଏହି ଘଟଣାଟି ଘଟିବ ବୋଲି ସେ ଭବିଷ୍ୟବାଣୀ କରିଛନ୍ତି । ସେମାନେ ସିଗ୍‌ନାଲ ମାଧ୍ୟରେ ହଙ୍ଗେରୀ ସହିତ ସମ୍ପର୍କ ସ୍ଥାପନ କରିବେ ବୋଲି ସେ ମତ ଦେଇଛନ୍ତି । ତେବେ ଏହାକୁ ନେଇ କୌଣସି ବୈଜ୍ଞାନିକ ତଥ୍ୟ ନାହିଁ । ପୂର୍ବରୁ ମଧ୍ୟ ଅନେକ ସମୟରେ ବାବାଙ୍କର ଭବିଷ୍ୟବାଣୀ ବୈଜ୍ଞାନିକ ତଥ୍ୟ ଅଭାବରୁ ଲୋକମାନେ ବିଶ୍ୱାସ କରି ନଥାନ୍ତି ।



### ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନ ସ୍ମୃତି ସମ୍ବଳିତ ସ୍ମରଣିକା ''ସିଦ୍ଧ ପୁରୁଷ'' ଉନ୍ମୋଚିତ

# ଦେବେନ୍ଦ୍ର ପ୍ରଧାନ ଥିଲେ ଜଣେ ଟୁ ଷ୍ଟେଟ୍ସ ମ୍ୟାନ: ରାଜ୍ୟପାଳ



ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱର ଜୟଦେବଭବନ ଠାରେ ବୁଧବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଓଡ଼ିଶାର ବର୍ଷିଆନ୍ ରାଜନେତା ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତି ସମ୍ବଳିତ ସ୍ମରଣୀକା ସିଧ ପୁରୁଷ ଉନ୍ମୋଚିତ ହୋଇଯାଇଛି । ରାଜ୍ୟପାଳ ଡା. ହରିବାବୁ କମ୍ଭମ୍ପାଟି ଏହାର ଉନ୍ମୋଚନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଆନ୍ଧ୍ର ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ଭୁଷଭୁଷଣ ହରିଚନ୍ଦନ ସ୍ୱତନ୍ତ୍ର ଅତିଥି ଭାବେ ବିଶିଷ୍ଟ ସାମ୍ବାଦିକ ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଡାକ୍ତର ପ୍ରଧାନଙ୍କ ସ୍ମୃତିରେ ଆଉ ଏକ ଇଂରାଜୀ ପୁସ୍ତକ 'ରୋଡମ୍ୟାନ' ମଧ ଉନ୍ମୋଚିତ ହୋଇଛି । ଏହି ଅବସରରେ ରାଜ୍ୟପାଳ କହିଲେ ଯେ, ଡାକ୍ତର ପ୍ରଧାନଙ୍କ ନେତୃତ୍ୱରେ ଜାତୀୟ ଓ ରାଜ୍ୟସ୍ତରୀୟ ହୋଇଥିବା ବିକାଶ ଅବିସ୍ମରଣୀୟ । ଯେଉଁ ସ୍ମରଣିକା ଉନ୍ମୋଚିତ ହୋଇଛି ତାହା କେବଳ ତାଙ୍କ ସ୍ମୃତି କଥା ଗୁଡିକର ସଂଗ୍ରହର ବିଷୟ ନୁହେଁ, ବରଂ ତାଙ୍କ ଜୀବନ ଚରିତ୍ର, ସେବା, ଦେଶ ନିର୍ମାଣ ତଥା ଜଣେ ଅନନ୍ୟ ନେତୃତ୍ୱର ପ୍ରତିଫଳନ । ସେ ଥିଲେ । ଟୁର୍ ଷ୍ଟେଟ୍ସମ୍ୟାନ ଯିଏ ଲୋକଙ୍କ କଲ୍ୟାଣରେ ବ୍ରତୀ ରହୁଥିଲେ । ସେ ଡାକ୍ତର ଭାବରେ ଲୋକଙ୍କ ସେବା କରୁଥିଲେ ଏବଂ ତାଙ୍କର ଭିଜନ ଥିଲା ବହୁତ ଉର୍ଦ୍ଧ୍ୱରେ । ଭୂତଳ ଓ ପରିବହନ ମନ୍ତ୍ରଣାଳୟ ଏବଂ କୃଷି ମନ୍ତ୍ରଣାଳୟରେ କେନ୍ଦ୍ରମନ୍ତ୍ର ଭାବେ ତାଙ୍କର ଯୋଗଦାନ ରହିଛି । ଓଡ଼ିଶାର ବିକାଶ ଏବଂ ସୁସମୃଦ୍ଧ କରାଇବା ତଥା ରାଜ୍ୟର ଯୋଗାଯୋଗକୁ ସୁଦୃଢ଼ ସହ କୃଷି ନୀତିରେ ସଂସ୍କାର ଆଣିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଓଡ଼ିଶାର ବିକାଶ ପାଇଁ ସେ ପ୍ରତିଶ୍ରୁତି ବଦ୍ଧ ଥିଲେ ବୋଲି ରାଜ୍ୟପାଳ କହିଛନ୍ତି ।

ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ଡାକ୍ତର ପ୍ରଧାନଙ୍କ ସହ ଥିବା ସ୍ମୃତିକୁ ସ୍ମରଣ କରିଥିଲେ । ସେ କହିଲେ ତାଙ୍କର ବିୟୋଗ ଖବର ମୋ ବିଶ୍ୱାସ ବାହାରେ ଥିଲା । ଗର୍ବ ଅହଂକାରରୁ ସେ ଦୂରରେ ଥିଲେ । ଦୂରଦିନ ସମୟରେ ସେ ବିଜେପିକୁ ପରିଚାଳନା କରୁଥିଲେ । ଓଡ଼ିଶାକୁ ବିଜେପିକୁ ସଶକ୍ତ କରିବା ଥିଲା ତାଙ୍କର ମୂଳପରିକଳ୍ପନା ।

ବିଶିଷ୍ଟ ସାମ୍ବାଦିକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଥିଲେ ୮୪ ବର୍ଷର ସଫଳ କାହାଣୀର ନାୟକ ଆରପାରିକୁ ଚାଲିଥିବା ଅସ୍ୱାଭାବିକ ନୁହେଁ, କିନ୍ତୁ ଏଭଳି ସଫଳ କାହାଣୀକୁ ଉତ୍ସବ ଭାବରେ ପାଳନ କରିବାର ଅଭ୍ୟାସ ଆମ ମଧ୍ୟରେ ରହିବା ଦରକାର । ଦେବେନ୍ଦ୍ର ବାବୁ ଜଣେ ଦୁର୍ଲ୍ଲଭ ମଣିଷ ଥିଲେ । ସରଳ ନିଷ୍କପଟ, ନମ୍ର ଏବଂ ଅହଂକାର ନଥିବା ବ୍ୟକ୍ତିତ୍ୱ ହୋଉଛନ୍ତି ଡାକ୍ତର ପ୍ରଧାନ । ଜୀବନରେ ସେ ଈର୍ଷଣୀୟ ସଫଳତା ହାସଲ କରିଥିଲେ । ରାଜପଥ କ୍ଷେତ୍ରରେ ତାଙ୍କର ଅବଦାନ ଅନେକ । ସ୍ୱୟଂସେବୀ ଭାବେ ସଂଗଠନ କାମ ପ୍ରତି ସେ ସମ୍ପୂର୍ଣ୍ଣ ଭାବେ ସମର୍ପିତ ଥିଲେ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ଏହି ସଭାରେ ରଙ୍ଗବତୀ ଗୀତରେ ରଚୟିତା ଶ୍ରୀ ଗୌନ୍ତିଆ କହିଥିଲେ ଯେ, ସେ ସତରେ ଜଣେ ସିଦ୍ଧ ପୁରୁଷ । ଅନେକ ଜଣେ ସୁନା ପୁଅକୁ ହରାଇଛୁ । ସରଳ ଓ ଅବାୟିକ ବ୍ୟକ୍ତିତ୍ୱ ଥିଲା ତାଙ୍କର ପରିଚୟ । ଆଜିକାଲିର ନେତାମାନେ ତାଙ୍କ ପଥକୁ ଅନୁକରଣ କରିବା ଉଚିତ । ଡାକ୍ତର ଦେବେନ୍ଦ୍ର ପ୍ରଧାନ ସମ୍ବଲପୁର ଅଞ୍ଚଳର କଳା ସଂସ୍କୃତି, ପରମ୍ପରା ଓ ଜୀବନ ଶୈଳୀକୁ ବହୁତ ଭଲ ପାଉଥିଲେ । ସମ୍ବଲପୁରୀ ଭାଷା ସେ ଲେଖିବା ପାଇଁ ମୋତେ ଉତ୍ସାହିତ କରିଥିଲେ । ତାଙ୍କ ଭଳି ନେତୃତ୍ୱ ସେ ଭଳି ପରିବାରରେ ପୁନର୍ବାର ଜନ୍ମ ହେବା ଦରକାର । ଓଡ଼ିଶାକୁ ସେ ଏତେ ସ୍ନେହ କରିଥିଲେ ଯେ, ଯଦି ଆମେ ତାଙ୍କୁ ଡାକିବା ସେ ସ୍ୱର୍ଗରୁ ଓହ୍ଲାଇ ଆସିବେ, ଏପରି ବିଶ୍ୱାସ ଆମର ରହିଛି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ନେତା, ବୁଦ୍ଧିଜୀବୀ, ସାମ୍ବାଦିକ, ଲେଖକ ଓ ସାମାଜିକ ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ ।



## ସ୍ୱାମୀଙ୍କ ନୈତିକ ଦାୟିତ୍ୱ ସ୍ତ୍ରୀକୁ ଭରଣ ପୋଷଣ କରିବା: ହାଇକୋର୍ଟ

କଟକ,(ସବ୍ୟୁ): ସ୍ୱାମୀର ନୈତିକ ଦାୟିତ୍ୱ ହେଉଛି ପତ୍ନୀଙ୍କ ଭରଣ ପୋଷଣ କରିବା । କ୍ଷମତା ଏବଂ ସାମର୍ଥ୍ୟ ଅନୁସାରେ ସ୍ୱାମୀ ପତ୍ନୀଙ୍କୁ ଭରଣପୋଷଣ ଦେବା ଏକ କର୍ତ୍ତବ୍ୟ ବୋଲି ଓଡ଼ିଶା ହାଇକୋର୍ଟ ଏକ ଭରଣପୋଷଣ ସଂକ୍ରାନ୍ତ ଏକ ମାମଲା ରାୟ ପ୍ରକାଶ କରିବା ଅବସରରେ ଏହି ଗୁରୁତ୍ୱପୂର୍ଣ୍ଣ ମତ ଦେଇଛନ୍ତି । ଭରଣପୋଷଣ ସଂକ୍ରାନ୍ତରେ ନିମ୍ନ ଅଦାଲତ ଦେଇଥିବା ଆଦେଶକୁ ଚାଲେଞ୍ଜ କରି ପ୍ରଭାସ ରଞ୍ଜନ ସାହୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହ ଆବେଦନକାରୀଙ୍କ ପିଟିସନକୁ ଖାରଜ କରିବା ସହ ନିମ୍ନ ଅଦାଲତ ଦେଇଥିବା ଆଦେଶକୁ କାଏମ୍ ରଖୁଛନ୍ତି ।

ସ୍ୱାମୀ ପ୍ରଭାସ ରଞ୍ଜନ ସାହୁ, ପତ୍ନୀ ଶଶ୍ମିତାଙ୍କୁ ଶାରିରୀକ ଏବଂ ମାନସିକ ଭାବେ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ହୋଇଥୁଲା । ଫଳରେ ଶଶ୍ମିତା, ସ୍ୱାମୀ ପ୍ରଭାସଙ୍କୁ ଛାଡ଼ି ଚାଲି ଯାଇଥିଲେ । ଏହପରେ ନିମ୍ନ ଅଦାଲତରେ ଏନେଇ ମାମଲା ରୁଜୁ ହୋଇଥିଲା । ଅଦାଲତ ଉଭୟଙ୍କ ମଧ୍ୟରେ ଏକ ଆପୋଷ ବୁଝାମଣା କରିଥିଲେ । ଉଭୟ ମଧ ପୁନର୍ବାର କିଛିଦିନ ସାଥୀ ହୋଇ ରହିଥିଲେ । କିନ୍ତୁ ଅଳ୍ପ କିଛିମାସ ପରେ ପୁନର୍ବାର ଝଗଡ଼ା ହେବାରୁ ପତ୍ନୀ ଶଶ୍ମିତା ପୁଣୀ ସ୍ୱାମୀଙ୍କୁ ଛାଡ଼ି ଚାଲିଯାଇଥିଲେ । ଏହାପରେ ଶଶ୍ମିତା ଭରଣପୋଷଣ ପାଇବା ପାଇଁ ମାମଲା ରୁଜୁ କରିଥିଲେ । ଭବାନୀପାଟଣା ପରିବାର ଅଦାଲତ ଉଭୟପକ୍ଷଙ୍କୁ ଶୁଣିବା ପରେ ପତ୍ନୀ ଶଶ୍ମିତା ସାହୁଙ୍କୁ ମାସିକ ଭରଣପୋଷଣ ବାବଦରେ ୧୦ ହଜାର ଟଙ୍କା ପ୍ରଦାନ କରିବାକୁ ସ୍ୱାମୀ ପ୍ରଭାସ ରଞ୍ଜନ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶକୁ ଚାଲେଞ୍ଜ କରି ପ୍ରଭାସ ସାହୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେଛ ସେ ପିଟିସନରେ ଦର୍ଶାଇଥିଲେ ଯେ, ହିନ୍ଦି ଭାଷାରେ ସେ ପୋଷ୍ଟ ଗ୍ରାଜୁଏଟ୍ କରିଛନ୍ତି । ସେ କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ଜ୍ଞାନଭାରତୀ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି । ଏବଂ ମାସକୁ ସେ ୩,୫୦୦ ଟଙ୍କା ଦରମା ପାଆନ୍ତି । କିନ୍ତୁ ନିମ୍ନ ଅଦାଲତ ଏସବୁକୁ ବିଚାରକୁ ନନେଇ ଅନ୍ତରୀଣ ଭରଣପୋଷଣ ବାବଦରେ ୧୦ ହଜାର ଟଙ୍କା ମାସିକ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଗୃହ କମିଟି ଗଠନ ଦାବି ଅବାସ୍ତବ: ଆଇନ୍ ମନ୍ତ୍ରୀ

ଭୁବନେଶ୍ୱର,(ସବ୍ୟୁ): ଗତ ୭ ମାର୍ଚ୍ଚ ତାରିଖ ଠାରୁ ବିଧାନସଭାରେ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳୁଛି, ଯାହା ବିଧାନସଭା ପରମ୍ପରାରେ କେବେ ହୋଇନଥିଲା । ବିଧାନସଭା ହେଉଛି ପବିତ୍ର ଗୃହ, ଯେଉଁଠି ରାଜ୍ୟର ବିକାଶ ପାଇଁ ନୀତି ପ୍ରଣୟନ ହେବା କଥା। କିନ୍ତୁ କିଛି ରାଜନୈତିକ ଦଳ ନିଜର ରାଜନୈତିକ ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ ଦୀର୍ଘ ଦିନ ହେବ ହାଇ ଡ୍ରାମା ଚାଲିଛି। ।ଯେତେବେଳେ ଏହା ଅସହଣିୟ ହେଲା ସେତେବେଳେ କଂଗ୍ରେସ ଦଳର ଜଣେ ବରିଷ୍ଠ ବିଧାୟକଙ୍କୁ ବାଚସ୍ପତି ନିଜର ଅନିଚ୍ଛା ସତ୍ତ୍ୱେ ନିଲମ୍ବନ କରିଥିଲେ। ଆଶା କରାଯାଉ ଥିଲା ଯେ ଏହି ନିଷ୍ପତ୍ତି ପରେ କଂଗ୍ରେସ ବିଧାୟକମାନେ ନିଜ ଆଚରଣ ଉଚ୍ଚାରଣରେ ପରିବର୍ତ୍ତନ ଆଣିବେ। କିନ୍ତୁ ତାହା ପରିଲକ୍ଷିତ ହେଲା ନାହିଁ। ଗୃହର ବିଶୃଙ୍ଖଳାକୁ ନେଇ ଅପରାହ୍ନରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସାମ୍ବାଦିକ ସମ୍ମିଳନୀ କରି ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, କଂଗ୍ରେସ ରାଜନୈତିକ ଚକ୍ରାନ୍ତ କରି ବିଧାନସଭାର ଗୃହ କାର୍ଯ୍ୟକୁ ବନ୍ଦ କରିବାକୁ ଷଡ଼ଯନ୍ତ୍ର କରୁଛି। କଂଗ୍ରେସ ଦଳ ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ ୨୭ ତାରିଖରେ ଆନ୍ଦୋଳନର ଡାକରା ଦେଇଛ। ଦିଲ୍ଲୀରୁ ନିର୍ଦ୍ଦେଶ ଆସିଛି ୨୭ ତାରିଖ ପର୍ଯ୍ୟନ୍ତ ଗୃହକୁ ଚଳେଇ ଦିଅ ନାହିଁ। ତାର ଅର୍ଥ ନୁହେଁ ଓଡ଼ିଶାର ସ୍ୱାର୍ଥକୁ ପ୍ରତିହତ କରିବା ବିକାଶକୁ ହତ୍ୟା କରିବ । ଏଥିପାଇଁ ଭଗବାନ କେବେ ବି ଏମାନଙ୍କୁ କ୍ଷମା ଦେବେନାହିଁ । ବିଧାନସଭାରେ ଗୁଣ୍ଡା ରାଜ କରିବା, ଖରାପ ଭାଷା ବ୍ୟବହାର କରିବା, ଘଣ୍ଟ ଘଣ୍ଟା ବଜେଇବା ଅଗଣତାନ୍ତ୍ରିକ ଓ ବଡ଼ ଅପରାଧ। ଏହି ଆଚରଣ ପାଇଁ କଂଗ୍ରେସକୁ ଲୋକେ ପ୍ରତ୍ୟାଖ୍ୟାନ କରିଥିଲେ। ଆମେ ସ୍ପଷ୍ଟ ଭାବେ କହିଛୁ ଆଲୋଚନାକୁ ଆସନ୍ତୁ। କିନ୍ତୁ ଆଲୋଚନାକୁ ନ ଆସି ବାହାରେ ବିରୋଧି ମାନେ ପ୍ରହସନ କରୁଛନ୍ତି। ଆଇନ୍ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, କଂଗ୍ରେସ ଯେଉଁ ଗୃହ କମିଟି ଦାବି କରୁଛି ସେଥିରେ କୌଣସି ଯୁକ୍ତି ସଂଗତ ନାହିଁ। ବିଧାନସଭାର ରୁଲ ଆଣ୍ଡ ପ୍ରୋସିଜିୟର କହୁଛି, କୌଣସି ନିର୍ଦ୍ଦିଷ୍ଟ ଘଟଣାରେ ଗୃହ କମିଟି ଗଠନ କରାଯାଏ। କିନ୍ତୁ ସାମଗ୍ରିକ ଘଟଣାକୁ ନେଇ ଗୃହ କମିଟି ଗଠନ କରାଯାଏ ନାହିଁ, ଯାହା କି କଂଗ୍ରେସର ସଦସ୍ୟମାନେ ଭଲ ଭାବେ ଜାଣିଛନ୍ତି। କେବଳ ଅଛିଣ୍ଡା ଅଙ୍କ କଥା କହି ଗୃହକୁ କଂଗ୍ରେସ ୱାସ୍ ଆଉଟ କରିବାକୁ ପରିକଳ୍ପନା କରିଛି। ବିରୋଧୀ ଉତ୍ତର ଚାହୁଁଛି ଆମେ ଉତ୍ତର ଦେବୁ। ମୁଖ୍ୟମନ୍ତ୍ରୀ ଉତ୍ତର ଦେବାକୁ ପ୍ରସ୍ତୁତ। ବିରୋଧୀ ଦଳ କେବେ ବି ମୁଖ୍ୟମନ୍ତ୍ରୀ ବିବୃତି ଦାବି କରି ନାହାନ୍ତି, କିନ୍ତୁ ତାମାନେ ନୁହେଁ ଯେ ଉତ୍ତର ବାହାରେ ମାଗିବେ ,ବିଧାନସଭାରେ ଗଣ୍ଡଗୋଳ କରିବେ ତାକୁ ଗ୍ରହଣ କରାଯିବ।

କଂଗ୍ରେସକୁ ଛତ୍ର ଛାୟା ତଳେ ଘୋଡେଇ କି ରଖିଛି ପ୍ରମୁଖ ବିରୋଧୀ ଦଳ। ଭାବ ଦୋସ୍ତିରେ ସାମିଲ ଅଛନ୍ତି। ତାଙ୍କ ଶାସନ ସମୟର ମହିଳା ଅପରାଧ କଥା କହିଲେ ପିଏଚଡ଼ି ହେବ। ତତ୍କାଳୀନ ସରକାର ବେଳେ ପୁଲିସ ବିଭାଗକୁ ବଡ଼ ଅବହେଳିତ କରି ରଖା ଯାଇଥିଲା। ୧୬ ହଜାର ପଦବି ଖାଲି ପଡିଥିଲା। ମିଛ କେସ ଲଗେଇ ଆମ କର୍ମୀକୁ ଗିରଫ କରୁଥିଲେ। ଅଭିଯୁକ୍ତକୁ ଗିରଫ କରିବା ପାଇଁ ତୃତୀୟ ମହଲାରୁ ଅନୁମୋଦନ ନେବାକୁ ପଡୁଥିଲା। ଏଭଳି କ୍ଷେତ୍ରରେ ବିଜେଡି ଆଇନଶୃଙ୍ଖଳା କଥା କହିବା ଲଙ୍କାରେ ହରି ଶବ୍ଦ ଭଳି ବୋଲି ଶ୍ରୀ ହରିଚନ୍ଦନ କହିଥିଲେ ।

ପ୍ରତିଦିନ ବିଧାନସଭା ଚଲେଇବାକୁ ୭୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି ଏବଂ ବାହାର ସୁରକ୍ଷା ବ୍ୟବସ୍ଥାକୁ ମିଶଇଲେ ଦିନକୁ ୧ କୋଟି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ଗୃହରେ ବିଶୃଙ୍ଖଳା ସୃଷ୍ଟି କରି ଲୋକଙ୍କ ଟଙ୍କାକୁ କଂଗ୍ରେସ ବରବାଦ କରୁଛି। ମଙ୍ଗଳବାର ରାତିରେ କଂଗ୍ରେସ ଯାହା କରିଛି ତାହାର ପ୍ରମାଣ ଅଛି। କିନ୍ତୁ ସେମାନେ ଯାହା ଅଭିଯୋଗ କରିଛନ୍ତି ତାହାର ଫଟୋ ଦିଅନ୍ତୁ ଆମେ କହିବୁ ଆମେ ଆମର ଭୁଲ ମାନିନେବୁ। ଆମେ ବିରୋଧୀଙ୍କୁ ଅନୁରୋଧ କରୁଛୁ ଆସନ୍ତୁ ସମସ୍ତେ ମିଳି ମିଶି ରାଜ୍ୟର ବିକାଶ ପାଇଁ ନକ୍ସା ପ୍ରସ୍ତୁତ କରିବା।

## କ୍ରୀଷ୍ଣା ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ




ଭୁବନେଶ୍ୱର,(ସବ୍ୟୁ): ବରଗଡ଼ କ୍ରୀଷ୍ଣା ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ସମ୍ମିଳନୀ କକ୍ଷରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଅଛି । ଏହି ବର୍ଷର ଥିମ୍ - ୟେସ୍ ୱି କେନ୍ ଏଣ୍ଡ ଟି.ବି. : କମିଟ୍, ଇନ୍‌ଭେଷ୍ଟ, ଡେଲିଭର୍। ୱାର୍ଲ୍ଡ ଟ୍ୟୁବର୍‌କ୍ୟୁଲୋସିସ୍ ଡେ ଅବସରରେ କ୍ରୀଷ୍ଣା ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ବରଗଡ଼ ରେ ଯକ୍ଷ୍ମା (ଟି.ବି.) ଜାଗରୁଗ୍‌ତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ପ୍ରମୂଖ ଚିକିତ୍ସକ ଏବଂ ସ୍ୱାସ୍ଥ୍ୟ ଅଧିକାରୀମାନେ ଅଂଶଗ୍ରହଣ କରି ଯକ୍ଷ୍ମା ଚିହ୍ନଟ ଏବଂ ଚିକିତ୍ସା ଉପରେ ଆଲୋଚନା କରିଥିଲେ। ଡା. ନିରୂପମା ଷଡ଼ଙ୍ଗୀ, ସି.ଡି.ଏମ୍ (ପି.ଏଚ୍.ଓ.) ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ । ଡା. ସୁଭାଷ ଅଗ୍ରୱାଲ୍, ଏ.ଡି. ପି.ଏଚ୍.ଓ (ଏଫ୍. ଡବ୍ଲ୍ୟୁ) ଡା. ବିନୟ ବେହେରା, ଏ.ଡି. ପି.ଏଚ୍. ଓ. (ଟି.ବି) ବିଶେଷ ଅତିଥିଭାବେ ଯୋଗଦେଇଥିଲେ । ଅନ୍ୟ ଅତିଥିମାନଙ୍କ ଭିତରେ ଶ୍ରୀ ଡି. ମୂରଲୀକ୍ରୀଷ୍ଣା (ଚେୟାର୍‌ମେନ, କ୍ରୀଷ୍ଣା ବିକାଶ ଗ୍ରୁପ୍), ଡା. ହିମାଂଶୁ ଶେଖର ମିଶ୍ର (ମେଡିକାଲ୍ ଡାଇରେକ୍ଟର୍, ବରଗଡ଼ କ୍ରୀଷ୍ଣା ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ,), ଡା. ପ୍ରବୀର କୁମାର ରୋୟ (ମେଡିକାଲ୍ ଡାଇରେକ୍ଟର୍, କ୍ରୀଷ୍ଣା ବିକାଶ ବିନାୟକ ହସ୍ପିଟାଲ ବୁର୍ଲା) ଏବଂ ଡା. ସି.ଏଚ୍ ରବିକୁମାର (ସିଇଓ, କ୍ରୀଷ୍ଣା ବିକାଶ ହସ୍ପିଟାଲ ସମୂହ) ମଧ ଉପସ୍ଥିତ ଥିଲେ ।

ଡା. ଏନ୍ ଶ୍ରୀନିବାସ, ଡା. ଆଶିଷ କୁମାର ଶତପଥି, ଡା. ଦୀନେଶ ମେହେର, ଡା. ନାରାୟଣ ପ୍ରସାଦ ମିଶ୍ର, ଡା. ନୀଳମଣି ପାତ୍ର, ଡା. ଗୀତାରାଣୀ ପୁରୋହିତ, ଡା. ପ୍ରମୋଦ୍, ଡା. ଉଦୟ ହେମ୍‌ରମ୍ ଏବଂ ଅନ୍ୟ ଚିକିତ୍ସକ ମାନେ ଯକ୍ଷ୍ମାର ନିର୍ଦ୍ଧାରଣ ଓ ଅଗ୍ରଗତି ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ସମସ୍ତ ଅତିଥି ମାନେ ନିଜର ଅଭିଭାଷଣ ଏବଂ ଯକ୍ଷ୍ମା ରୋଗର ସମ୍ପୂର୍ଣ୍ଣ ନିରାକରଣ ଉପରେ ନିଜର ମତ ରଖିଥିଲେ। ଏହି ଅବସରରେ ଶ୍ରୀ ଡି. ମୂରଲୀକ୍ରୀଷ୍ଣା (ଚେୟାର୍‌ମେନ, କ୍ରୀଷ୍ଣା ବିକାଶ ଗ୍ରୁପ୍) ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା ଅର୍ନ୍ତଗତ ସେବା ମାଧମରେ ଯକ୍ଷ୍ମା ରୋଗର ସମ୍ପୂର୍ଣ୍ଣ ନିରାକରଣ ପାଇଁ କ୍ରୀଷ୍ଣା ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ବରଗଡ଼ କିଭଳି ଭାବରେ ଅନବରତ ନିଜର ପ୍ରୟାସ ଜାରୀରଖିଛି ସେ ସମ୍ପର୍କରେ କହିଥିଲେ । ଡା. ହିମାଂଶୁ ଶେଖର ମିଶ୍ର (ମେଡିକାଲ୍ ଡାଇରେକ୍ଟର୍, କ୍ରୀଷ୍ଣା ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ, ବରଗଡ଼) ଟି.ବି ର ଶିଘ୍ର ଚିହ୍ନଟ ଏବଂ ସଚେତନତା ହେଉଛି ଏହି ରୋଗକୁ ନିୟନ୍ତ୍ରଣ କରିବାର ମୁଖ୍ୟ ଉପାୟ ବୋଲି ମତପ୍ରକାଶ କରିଥିଲେ।


वित्त मंत्रालय MINISTRY OF FINANCE

ଧ୍ୟାନ ଦିଅନ୍ତୁ !
ଜିଏସ୍‌ଟି ଟିକସଦାତାଗଣ

ଯାହାଙ୍କର ମୋଟ ବାର୍ଷିକ ଟର୍ଣ୍ଣଓଭର* ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ* ସେମାନେ ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଜିଏସ୍‌ଟି କମ୍ପୋଜିସନ ସ୍କିମ୍ ଲାଗି ବାଛି ପାରିବେ ।

ଯୋଗ୍ୟ ଟିକସଦାତା ଯେଉଁମାନେ କି କମ୍ପୋଜିସନ ସ୍କିମ୍ ନେବାକୁ ଇଚ୍ଛୁକ ସେମାନେ ଜିଏସ୍‌ଟି ପୋର୍ଟାଲ (www.gst.gov.in) ପୋର୍ଟାଲରେ ନିମ୍ନୋକ୍ତ ଏହି ଷ୍ଟେପ୍‌କୁ ଯାଇପାରିବେ :

ଟିକସଦାତାଙ୍କ ଇଣ୍ଟରଫେସ୍‌କୁ ଲଗ ଇନ୍ କରନ୍ତୁ
ସର୍ଭିସେସ୍‌କୁ ଯାଆନ୍ତୁ > ପଞ୍ଜିକରଣ > କମ୍ପୋଜିସନ ଲେଭି ପାଇଁ ଆବେଦନ ବାଛନ୍ତୁ
ଫର୍ମ ଜିଏସଟି ସିଏମ୍‌ପି-୦୨ ପୂରଣ କରନ୍ତୁ ଏବଂ ଦାଖଲ

ଯେଉଁ ଯୋଗ୍ୟ ଟିକସଦାତାଗଣ ଯେ କି କମ୍ପୋଜିସନ ସ୍କିମ୍‌ର ସୁବିଧା ନେଇ ସାରିଛନ୍ତି ସେମାନେ ଯଦିଓ ଯୋଗ୍ୟ ଅଟନ୍ତି ତେବେ ଫର୍ମ ସିଏମ୍‌ପି - ୦୨ ଫାଇଲ୍ କରିବାର ଆବଶ୍ୟକତା ନାହିଁ ।

ସହଜ ଓ ସୁବିଧା ଜନକ ଅନୁପାଳନ
ଆକର୍ଷଣୀୟ ଟିକସ ହାର
ସର୍ବନିମ୍ନ ଅନୁପାଳନ ଆବଶ୍ୟକତା
ଅଟୋ ନବୀକରଣ ଏବଂ ବାଦ୍ ଦେବା ସହଜ
ଗୁଡସ ଏବଂ ସର୍ଭିସେସ୍ ଆଦିର ଯୋଗାଣକାରୀଙ୍କ ପାଇଁ ଉପଲବ୍ଧ
କମ୍ ବୁକ୍‌କିପିଂ

| * ଯୋଗାଣକାରୀଙ୍କ ପ୍ରକାର | | # ଆର୍ଥିକ ବର୍ଷ ୨୦୨୪-୨୫ରେ ମୋଟ ବାର୍ଷିକ ଟର୍ଣ୍ଣ ଓଭର |
|---|---|---|
| ସାମଗ୍ରୀ ଆଦିର ଯୋଗାଣକାରୀ | ୦୮ ନିର୍ଦ୍ଧାରିତ ରାଜ୍ୟରେ ପଞ୍ଜିକୃତ ଟିକସଦାତା | ଟ. ୭୫ ଲକ୍ଷ ପର୍ଯ୍ୟନ୍ତ |
| | ଅନ୍ୟାନ୍ୟ ରାଜ୍ୟରେ ପଞ୍ଜିକୃତ ଟିକସଦାତା | ଟ. ୧୫୦ ଲକ୍ଷ ପର୍ଯ୍ୟନ୍ତ |
| ସର୍ଭିସେସ୍ ଯୋଗାଣକାରୀ | | ଟ. ୫୦ ଲକ୍ଷ ପର୍ଯ୍ୟନ୍ତ |

ସବିଶେଷ ବିବରଣୀ ପାଇଁ, ସିଜିଏସ୍‌ଟି ଆଇନ୍‌ର ସେକ୍ସନ ୧୦, ସିଜିଏସ୍‌ଟି ରୁଲ୍‌ସ ର ରୁଲ ୩-୭ ଏବଂ ବିଜ୍ଞପ୍ତି ନଂ. ୧୪/୨୦୧୯- କେନ୍ଦ୍ରୀୟ ଟିକସ ତାରିଖ : ୦୭.୦୩.୨୦୧୯ ଦେଖନ୍ତୁ ।

ଜିଏସ୍‌ଟି କମ୍ପୋଜିସନ ସ୍କିମ୍ : କ୍ଷୁଦ୍ର ଟିକସଦାତାଙ୍କ ପାଇଁ ବୃହତ ଉପକାର

ଅଧିକ ଜାଣିବା ପାଇଁ ସ୍କାନ୍ କରନ୍ତୁ !

CBC 15502/13/0010/2425

କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ବହିଃଶୁଳ୍କ ବୋର୍ଡ

@cbicindia @cbic_india @cbicindia @cbicindia @CBIC india



ଏଜି ଛକସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ତଳେ ବିଜେଡି ବିଧାୟକଙ୍କ ଧାରଣା ।



ବିଧାୟକ ନିଲମ୍ବନ ପ୍ରତିବାଦରେ କଂଗ୍ରେସ ନେତାଙ୍କ ଧାରଣା



ପ୍ରତିବାଦରେ ସ୍ୱତନ୍ତ୍ର ଜର୍ସି ପିନ୍ଧି ଚା ପିଇଲେ ନେତା

### ମାଲଗୋଦାମ ବ୍ୟବସାୟୀଙ୍କୁ ଲୁଟ ଘଟଣା

## ମାଷ୍ଟରମାଇଣ୍ଡ ଡ୍ରାଇଭର ତାର ଦୁଇ ସହଯୋଗୀ ଗିରଫ

କଟକ,(ସବ୍ୟୁ): ମାଲଗୋଦାମ ବ୍ୟବସାୟୀଙ୍କୁ ଲୁଟ ଘଟଣାର ଖୁଲାସା । ଏହି ମାମଲାରେ ବାଦାମବାଡି ଥାନା ପୋଲିସ ଅଭିଯୁକ୍ତ ଡ୍ରାଇଭର ଢେଙ୍କାନାଳ ଗଦିଁଆ ଥାନା ଲତାଦେଇପୁରର ମଣ୍ଟୁ ଓରଫ ସଞ୍ଜୟ ମଲ୍ଲିକ(୨୫) ସମେତ ଦୁଇ ସହଯୋଗୀ ପପୁ ଓରଫ ବିକାଶ ମଲ୍ଲିକ(୨୭) ଏବଂ ଶେଷ ଓରଫ ସୁଶାନ୍ତ ମଲ୍ଲିକ(୪୫)କୁ ଗିରଫ କରିଛି । ଏମାନଙ୍କ ପାଖରୁ ୨ ଲକ୍ଷ ୮୦ହଜାର ୯୨୦ ଟଙ୍କା ଉଦ୍ଧାର ହୋଇଛି । ଏହାସହ ୪ଟି ମୋବାଇଲ, ଗୋଟିଏ ବାଇକ, ଖେଳନା ବନ୍ଧୁକ ଜବତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି । ଗତ ସୋମବାର ରାତି ପ୍ରାୟ ୯ଟାରେ ବ୍ୟବସାୟୀ ନିରଞ୍ଜନ ଗୋଏଙ୍କା ଲୁଟପାଟର ଶିକାର ହୋଇଥିଲେ । ସେ ବାଦାମବାଡି ବିକାଶ ନଗର ସ୍ଥିତ କୌସ୍ତୁଭ ଆପାର୍ଟମେଣ୍ଟ ଫ୍ଲାଟକୁ ଆସୁଥିଲା ବେଳେ ଲୁଟେରା ତାଙ୍କୁ ଆକ୍ରମଣ କରି ଟଙ୍କା ଭର୍ତ୍ତି ବ୍ୟାଗ ଧରି ଚମ୍ପଟ ମାରିଥିଲା । ଘଟଣାସ୍ଥଳରୁ ପୋଲିସକୁ ଗୋଟିଏ ଖେଳନା ବନ୍ଧୁକ ମିଳିଥିଲା ବେଳେ ସିସିଟିଭି ଫୁଟେଜରୁ ଲୁଟପାଟରେ ଦୁଇ ଜଣଙ୍କ ସଂପୃକ୍ତି ଥିବା ସ୍ପଷ୍ଟ ହୋଇଥିଲା । ତେବେ ଘଟଣାର ମୁଖ୍ୟ ପ୍ରତ୍ୟେକ୍ଷଦର୍ଶୀ ଡ୍ରାଇଭର ସଞ୍ଜୟର ବୟାନରେ ତାଳମେଳ ରହିନଥିଲା । ଲୁଟର ସମୟ, ଦୁର୍ବୃତ୍ତଙ୍କ ସଂଖ୍ୟାକୁ ନେଇ ପ୍ରତିଥର ବିଭ୍ରାନ୍ତିକର ବୟାନ ଦେଉଥିଲା । ଗୁରୁତ୍ୱପୂର୍ଣ୍ଣ ହେଲା, ଦୁର୍ବୃତ୍ତ ଜଣକ ସଞ୍ଜୟ ହାତରୁ ଟଙ୍କା ଭର୍ତ୍ତି ବ୍ୟାଗ ଛଡାଇଲା ବେଳେ ତାକୁ ଆକ୍ରମଣ ନକରିବା ପୋଲିସର ସନ୍ଦେହ ବଢାଇଥିଲା । ତେଣୁ ପୋଲିସ ସଞ୍ଜୟକୁ ଅଟକ ରଖି ପଚରାଉଚରା କରିବାରୁ ସେ ଭୁଲ ସ୍ୱୀକାର କରିଥିଲା । ପୂର୍ବ ଯୋଜନା ମୁତାବକ ଗାଁର ପପୁ ଓ ଶେଷ ସହ ମିଶି ଏଭଳି କାଣ୍ଡ ଭିଆଇଥିବା ସଞ୍ଜୟ ମାନିଥିଲା । ସଞ୍ଜୟ ଗଲା ୪ ମାସ ହେବ ନିରଞ୍ଜନଙ୍କ ଡ୍ରାଇଭର ଭାବେ କାମ କରୁଛି । ରହିବା, ଖାଇବା ସହିତ ତାକୁ ମାସିକ ଦରମା ଦିଆଯାଉଥିଲା । ସର୍ବଦା ପାଖାପାଖି ରହୁଥିବାରୁ ନିରଞ୍ଜନଙ୍କ ସବୁ ଆର୍ଥିକ କାରବାର ବିଷୟ ସଞ୍ଜୟକୁ ଜଣାଥିଲା । ଏଣୁ ଲୁଟପାଟ ଲାଗି ସେ ଗଲା ଜାନୁଆରୀରୁ ଷଡଯନ୍ତ୍ର ଚଳାଇଥିଲା । ଏପରିକି ଗଲା ଫେବ୍ରୁଆରୀ ୩ରେ ତିନି ଜଣ ମିଶି ନିରଞ୍ଜନଙ୍କୁ ଟାର୍ଗେଟ କରି ବିଫଳ ହୋଇଥିଲେ । ଏହାପରଠୁ ସଞ୍ଜୟ ଭଲ ସୁଯୋଗ ଅପେକ୍ଷାରେ ଥିଲା । ହୋଲି ସମୟରେ ଗାଁକୁ ଯାଇଥିବା ସଞ୍ଜୟ ଦୁଇ ସହଯୋଗୀଙ୍କ ସହ ମିଶି ଯୋଜନା ପ୍ରସ୍ତୁତ କଲା । ଆଉ ନିଷ୍ପତ୍ତି ମୁତାବକ, ଗଲା ସୋମବାର ସେମାନେ ନିରଞ୍ଜନଙ୍କୁ ଟାର୍ଗେଟ କରିଥିଲେ । ଯେହେତୁ ଶନିବାର, ରବିବାର ବ୍ୟାଙ୍କ ବନ୍ଦ ଯୋଗୁଁ କାରବାର ଟଙ୍କା ଜମା ହୋଇପାରିବନାହିଁ । ସୋମବାରର କାରବାର ପରେ ସମୁଦାୟ ଟଙ୍କା ପରଦିନ ବ୍ୟାଙ୍କରେ ଜମା କରାଯିବ । ତେଣୁ ସୋମବାର ଦିନ ଲୁଟିଲେ ଅଧିକ ପରିମାଣର ଟଙ୍କା ମିଳିବ ବୋଲି ସଞ୍ଜୟ ଆଶା ରଖିଥିଲା । ଏହି ଅନୁସାରେ, ରାତି ସାଢେ ୮ଟାରେ ମାଲଗୋଦାମରୁ ନିରଞ୍ଜନଙ୍କୁ ଧରି କାରରେ ବାହାରିବା ବିଷୟ ସଞ୍ଜୟ ଦୁଇ ସହଯୋଗୀଙ୍କୁ ଜଣାଇଲା । ଏହାପରେ ଏକ ବାଇକରେ ଅଭିଯୁକ୍ତ ଶେଷ ଓ ପପୁ ଆସି ଆପାର୍ଟମେଣ୍ଟ ପାଖରେ ପହଞ୍ଚିଲେ । ନିରଞ୍ଜନ ଆପାର୍ଟମେଣ୍ଟ ପାହାଚ ଦେଇ ପ୍ରଥମ ମହଲାକୁ ଯାଉଥିଲା ବେଳେ ତାଙ୍କ ପଛରେ ସଞ୍ଜୟ ଟଙ୍କା ଭର୍ତ୍ତି ବ୍ୟାଗ ଧରି ଆସୁଥିଲା । ଆଉ ସଞ୍ଜୟ ପଛରେ ଆସୁଥିଲା ଅଭିଯୁକ୍ତ ପପୁ । ଠିକ ଏହି ସମୟରେ ଆପାର୍ଟମେଣ୍ଟ ବାହାରେ ଶେଷ ବାଇକ ଷ୍ଟାର୍ଟ କରି ଛିଡା ହୋଇଥିଲା । ସେଠାରେ ପପୁ ହଠାତ ନିରଞ୍ଜନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇବା ସହ ଆକ୍ରମଣ କରିଥିଲା । ପରେ ସଞ୍ଜୟକୁ ଧକ୍କା ମାରି ତା' ହାତରୁ ଟଙ୍କା ଭର୍ତ୍ତି ବ୍ୟାଗ ଧରି ଚମ୍ପଟ ମାରିଥିଲା ।

## ବିଧାୟକମାନଙ୍କୁ ବିଧାନସଭା ପରିସରକୁ ଯିବାକୁ ନଦେବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ: କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ନିର୍ବାଚିତ ବିଧାୟକମାନଙ୍କୁ ବିଧାନସଭା ପରିସର ଭିତରକୁ ବାଚସ୍ପତିଙ୍କର ବିନା ନିର୍ଦ୍ଦେଶନାମାରେ ଯିବାକୁ ନଦେବା ସଂପୂର୍ଣ୍ଣ ଅଗଣତାନ୍ତ୍ରିକ ଏବଂ ଓଡ଼ିଶା ବିଧାନସଭା ଇତିହାସରେ ପ୍ରଥମଥର ପାଇଁ ପୋଲିସ ବିଧାନସଭାର ନୀତି ନିର୍ଦ୍ଧାରିକ ସାଜିଛି ଏବଂ ବାଚସ୍ପତି ସରକାରୀ ଦଳର ହାତବାରିସି ସାଜିଛନ୍ତି । ମଙ୍ଗଳବାର ରାତି ଏବଂ ବୁଧବାର ଘଟଣାକ୍ରମକୁ ଦେଖିଲେ ଏଭଳି କିଛି ପ୍ରତୀୟମାନ ହେଉଥିବା ଅଭିଯୋଗ କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସର ତମାମ ବରିଷ୍ଠ ନେତା ନରସିଂହ ମିଶ୍ର, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶ୍ରୀକାନ୍ତ ଜେନା, ରାମଚନ୍ଦ୍ର ଖୁଣ୍ଟିଆ, ଅନନ୍ତ ପ୍ରସାଦ ସେଠୀ, ଅମର ପ୍ରଧାନ, ପଞ୍ଚାନନ କାନୁନଗୋ, ଶରତ ରାଉତ, ସନ୍ତୋଷ ସିଂ ସାଲୁଜା, ସମୀର ରାଉତରାୟ, ଅଖିଳଭାରତ ମହିଳା କଂଗ୍ରେସ ସମ୍ପାଦିକା ସସ୍ମିତା ବେହେରାଙ୍କ ଉପସ୍ଥିତିରେ ପିସିସି ସଭାପତି ରାଜ୍ୟର ବିଜେପି ସରକାରର ମହିଳା ହିଂସାକୁ ନେଇ ଦୋମୁହାଁ ନୀତିକୁ କଠୋର ସମାଲୋଚନା କରିଥିଲେ । ପୂର୍ବତନ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ ପ୍ରଥମଥର ପାଇଁ ଓଡିଶା ବିଧାନସଭା ଇତିହାସରେ




ବାଚସ୍ପତିଙ୍କର ବିନାନିର୍ଦ୍ଦେଶନାମାରେ ପୋଲିସ ନିର୍ବାଚିତ ଜନପ୍ରତିନିଧି ମାନଙ୍କୁ ବିଧାନସଭା ପରିସର ଭିତରକୁ ଯିବାକୁ ଦେଉନାହିଁ । ମଙ୍ଗଳବାର ରାତିରେ ପୂର୍ବତନ ବିଧାୟକ ହିସାବରେ ସେ ବିଧାନସଭା ଭିତରକୁ ଯାଇ କଂଗ୍ରେସର ଧାରଣାରତ ବିଧାୟକ ମାନଙ୍କ ସହିତ ଆଲୋଚନା କରିବାକୁ ଚାହିଁଥିଲେ ଏବଂ ଏହା ଜଣେ ପୂର୍ବତନ ବିଧାୟକ ହିସାବରେ ତାଙ୍କର ଅଧିକାର ପରିସରଭୁକ୍ତ ହୋଇଥିଲେ ମଧ୍ୟ ପୋଲିସ ତାଙ୍କୁ ଯିବାକୁ ଦେଇନଥିଲା । ସେ ବ୍ୟକ୍ତିଗତ ଭାବରେ ବାଚସ୍ପତଙ୍କ ସହିତ ଫୋନ ଯୋଗେ କଥାହେବା ପାଇଁ ଚାହିଁଥିଲେ ମଧ୍ୟ ବାଚସ୍ପତି ତାଙ୍କ ଫୋନକୁ ଉଠାଇନଥିଲେ କିମ୍ବା କଲକୁ ରିସିଭ କରିନଥିଲେ । ବିଧାନସଭା ପରିସର ଭିତରେ ଧାରଣାରତ ବିଧାୟକ ମାନଙ୍କ ସହିତ ସୁରକ୍ଷାକର୍ମୀମାନେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ ଏବଂ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଆହତ ହୋଇଥିଲେ । ସୁରକ୍ଷା ଦୃଷ୍ଟିରୁ ଧାରା୧୬୩ ଓ ୧୪୪ ବଳବତ୍ତର ଥିଲା । ବେଳେ ମଧ୍ୟ ୫ଜଣ ପୂର୍ବତନ ବିଧାୟକ ବିଧାନସଭା ଭିତରକୁ ଯିବାରେ କୌଣସି ଆଇନଗତ ପ୍ରତିବନ୍ଧକ ନଥିବା ସତ୍ତ୍ୱେ ପୋଲିସ ବଳପୂର୍ବକ ସେଠାରେ ଉପସ୍ଥିତ ଥିବା ୫ଜଣ ପୂର୍ବତନ ବିଧାୟକ ଏବଂ ବରିଷ୍ଠ କଂଗ୍ରେସ ନେତାମାନଙ୍କୁ ଜୋରଜବରଦସ୍ତ ଗାଡିରେ ଉଠାଇ ନେଇଥିଲା । ବିଜେପି ଗଣତନ୍ତ୍ରର ଗାରିମାକୁ ନଷ୍ଟ କରିବା ସହିତ ଗଣତନ୍ତ୍ରକୁ ସ୍ପଷ୍ଟ ଦିବାଲୋକରେ ହତ୍ୟା କରୁଛି ଯାହାକୁ ପ୍ରଦେଶ କଂଗ୍ରେସ ତରଫରୁ ଜୋରଦାର ବିରୋଧ କରାଯିବ ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ ଯେ ଓଡ଼ିଶା ସମେତ ବିଜେପି ଶାସିତ ଅନେକ ରାଜ୍ୟରେ ମହିଳାକମିସନଙ୍କୁ ସ୍ଥାଣୁ ଅବସ୍ଥାରେ ରଖାଯାଇଛି । ଗୃହବିଭାଗର ରିପୋର୍ଟ ସାର୍ବଜନୀନ ହେଲାପରେ ଜଣାଗଲା ଯେ ପ୍ରତେକଦିନ ଓଡିଶାରେ ୮ଟି ଦୁଷ୍କର୍ମ ଘଟଣା ଘଟୁଛି ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏବଂ ସେଥିପାଇଁ ଆସନ୍ତା ୨୭ ତାରିଖ ଦିନ ଓଡ଼ିଶା ବିଧାନସଭା ଘେରାଉ କାର୍ଯ୍ୟକ୍ରମକୁ ଓଡ଼ିଶାର କୋଣ ଅନୁକୋଣରେ ସମସ୍ତ ଓଡ଼ିଶାବାସୀ ସମର୍ଥନ ଦେବାପାଇଁ ସେ ଅନୁରୋଧ କରିଥିଲେ । ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ମଧ୍ୟ ଏପ୍ରସଙ୍ଗରେ ବିଜେପି ସରକାରର କଡା ସମାଲୋଚନା କରିଥିଲେ ।

# ଦୁର୍ନୀତି ହେଉଛି ସମାଜ ପାଇଁ କ୍ୟାନସର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ସବ୍ୟୁ): ଦୁର୍ନୀତି ହେଉଛି ଏକ ସମାଜ ପାଇଁ ଏକ କ୍ୟାନ୍ସର, ଏହା ଏକ ପ୍ରକାରେ ଉଇ ପରି, ଘର ମୂଳଦୁଆକୁ ଖାଇ ଖାଇ ଫମ୍ପା କରିଦିଏ। ଓଡିଶା ପରି ଏକ ବିକାଶଶୀଳ ରାଜ୍ୟକୁ ବିକଶିତ ରାଜ୍ୟ କରିବା ପାଇଁ ଏହି କ୍ୟାନ୍ସରର ସମୂଳେ ଉତ୍ପାଟନ କରିବା ଆବଶ୍ୟକ। ତେଣୁ ଆମ ସରକାର ପ୍ରଥମ ଦିନରୁ ହିଁ ଦୁର୍ନୀତି ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ।

ସାଧାରଣ ପ୍ରଶାସନ ବିଭାଗର ୭୦୭ କୋଟି ୪ ଲକ୍ଷ ୮୯ ହଜାର କୋଟି ଟଙ୍କାର ଅନୁଦାନ ଓ ଗୃହ ବିଭାଗର ୧୦୫୯୪, ୭୨,୧୩୦୦୦ ଟଙ୍କା ଦାବି ଉପରେ ହୋଇଥିବା ଆଲୋଚନାର ଉତ୍ତର ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ । ରାଜ୍ୟ ସରକାରଙ୍କ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଭାଗ ହେଉଛି ଗୃହ ବିଭାଗ । ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ଓ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ଏବଂ ସମାଜରେ ସୁରକ୍ଷିତ ବାତାବରଣ ପ୍ରଦାନରେ ଗୃହ ବିଭାଗ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଭାବେ ଶାନ୍ତିପୂର୍ଣ୍ଣ ଅଛି । ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସାମ୍ପ୍ରଦାୟିକ ସଦଭାବ ବଜାୟ ରହିଛି । ସମୟୋପଯୋଗୀ ଗୁଇନ୍ଦା ତଥ୍ୟ ଏବଂ ପୋଲିସର ଆଗୁଆ ଓ ଦୃଢ କାର୍ଯ୍ୟାନୁଷ୍ଠାନ ଫଳରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜି ନାହିଁ । ପୋଲିସର ସୁବନ୍ଦୋବସ୍ତ ଯୋଗୁଁ ୨୦୨୪ ମସିହା ଜୁଲାଇ ମାସରେ ଅନୁଷ୍ଠିତ ହୋଇଥିବା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା, ବାହୁଡା ଯାତ୍ରା, ସୁନାବେଶ ଏବଂ ନଭେମ୍ବର ମାସରେ ଅନୁଷ୍ଠିତ ହୋଇଥିବା ଐତିହାସିକ ବାଲିଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ସମାହିତ ହୋଇଥିଲା । ସେହିପରି ଗତବର୍ଷ ନଭେମ୍ବର ମାସ ୨୯ ତାରିଖରୁ ଡିସେମ୍ବର ମାସ ୦୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ସର୍ବଭାରତୀୟ ପୋଲିସ ମହାନିର୍ଦ୍ଦେଶକ/ ଆରକ୍ଷୀ ନିର୍ଦ୍ଦେଶକ ସମ୍ମିଳନୀ, ଡିସେମ୍ବର ୦୩ ରୁ ୦୭ ତାରିଖ ପର୍ଯ୍ୟନ୍ତ ପୁରୀ ବେଳାଭୂମିରେ ଅନୁଷ୍ଠିତ ହୋଇଥିବା ଭାରତୀୟ ନୌସେନା ଦିବସ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ମଧ୍ୟ ଶୃଙ୍ଖଳିତ ଭାବେ ଆୟୋଜନ କରାଯାଇଥିଲା। ଚଳିତବର୍ଷ ଜାନୁଆରୀ ମାସରେ ଭୁବନେଶ୍ୱରର ଜନତା ମଇଦାନ ଠାରେ ୧୮ତମ ପ୍ରବାସୀ ଭାରତୀୟ ଦିବସ

### ଗୃହ,ସାଧାରଣ ପ୍ରଶାସନ ବିଭାଗ ଖର୍ଚ୍ଚଦାବି ପାରିତ

### ବିନା ବିରୋଧୀରେ ଖର୍ଚ୍ଚଦାବି ଆଲୋଚନା

### ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ

### ମହିଳା ବିରୋଧୀ ହିଂସା ଅପରାଧ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେଉଛି

### ମାଓ ଦମନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା

### ଅପରାଧ ହାର ହ୍ରାସ ପାଇଛି

ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଭାରତର ମହାମହିମ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ବୈଦେଶିକ ମନ୍ତ୍ରୀଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ପୃଥିବୀର କୋଣ ଅନୁକୋଣରୁ ବହୁ ସଂଖ୍ୟକ ପ୍ରବାସୀ ଭାରତୀୟ ଯୋଗଦେଇଥିଲେ । ପୋଲିସର ସୁବନ୍ଦୋବସ୍ତ ଯୋଗୁଁ ଏହି ପ୍ରବାସୀ ଭାରତୀୟ ଦିବସ ଶାନ୍ତିଶୃଙ୍ଖଳାର ସହିତ ସମାହିତ ହୋଇଥିଲା।

ଏହାସହ ଜାନୁଆରୀ ମାସରେ ଭୁବନେଶ୍ୱର ଜନତା ମଇଦାନ ଠାରେ ଉତ୍କର୍ଷ ଓଡିଶା – ୨୦୨୫ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ସମେତ ଦେଶ ବିଦେଶର ବହୁ ଶିଳ୍ପପତି ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ପୋଲିସର ସୁବନ୍ଦୋବସ୍ତ ଯୋଗୁ ଏହା ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା। ଦୀର୍ଘବର୍ଷର ବ୍ୟବଧାନ ପରେ ଚଳିତ ବର୍ଷ ଫେବୃଆରୀ ୦୯ ତାରିଖରେ ବାରବାଟୀ ଷ୍ଟାଡିୟମ, କଟକ ଠାରେ ବହୁ ପ୍ରତୀକ୍ଷିତ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଏକଦିବସୀୟ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚର ଆୟୋଜନ ଏବଂ ସୁପରିଚାଳନାରେ ପୋଲିସ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।ମାଓବାଦୀ ଦମନ କ୍ଷେତ୍ରରେ ଓଡ଼ିଶା ପୋଲିସ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ୨୦୨୪ ମସିହାରେ ୦୬ ଜଣ ମାଓବାଦୀଙ୍କ ପ୍ରାଣହାନୀ ଘଟିଥିବା ବେଳେ ୦୮ ଜଣ ଗିରଫ ହୋଇଛନ୍ତି ଏବଂ ୨୪ ଜଣ ଆତ୍ମସମର୍ପଣ କରିଛନ୍ତି।

ସେହିପରି, ଚଳିତବର୍ଷ ଫେବୃଆରୀ ମାସରେ କଳାହାଣ୍ଡି ଜିଲ୍ଲା ପୋଲିସ ଆଠ ଜଣିଆ ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗକୁ ଗିରଫ କରିଥିଲାଛ ସେମାନଙ୍କ ନିକଟରୁ ପ୍ରାୟ ୩ କୋଟି ୫୧ ଲକ୍ଷ ଟଙ୍କା ଜବତ କରିବାରେ ସଫଳ ହୋଇଥିଲା। ୪୮ଘଣ୍ଟା ମଧ୍ୟରେ ସମ୍ପୃକ୍ତ ଡକାୟତଙ୍କୁ ଗିରଫ କରାଯିବା ସହ ବିପୁଳ ପରିମାଣରେ ଟଙ୍କା ଜବତ କରିବା ଘଟଣା ଓଡିଶା ପୋଲିସ ପାଇଁ ନିଶ୍ଚିତ ଭାବେ ଏକ ବିରଳ ସଫଳତା ।ମହିଳା ମାନଙ୍କ ବିରୁଦ୍ଧରେ ଘଟୁଥିବା ଚାଞ୍ଚଲ୍ୟକର ଓ ସମ୍ବେଦନଶୀଳ ଅପରାଧଗୁଡିକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ଉକ୍ତ ମାମଲାଗୁଡିକୁ ରେଡ ଫ୍ଲାଗ ପର୍ଯ୍ୟାୟଭୁକ୍ତ କରାଯାଇ ତଦନ୍ତ ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା ଏବଂ ବିଚାର ପ୍ରକ୍ରିୟା ଉପରେ ତୀକ୍ଷଣ ନଜର ରଖିବା ପାଇଁ ସ୍ୱତନ୍ତ୍ର ସରକାରୀ ଅଭିଯୋଜକ ଙ୍କୁ ନିଯୁକ୍ତି କରାଯାଉଛି । ଫଳରେ ଚଳିତ ବର୍ଷ ରେଡ ଫ୍ଲାଗ ମାମଲାରେ ଦୋଷୀ ସାବ୍ୟସ୍ତ ହାର ବୃଦ୍ଧି ପାଇଛି ।

ଆମ ସରକାର ମହିଳା ଓ ଶିଶୁମାନଙ୍କ ପ୍ରତି ହେଉଥିବା ଅପରାଧିକ ମାମଲାରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଓ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ପୀଡ଼ିତାକୁ ନ୍ୟାୟ ପ୍ରଦାନ କରିବାକୁ ସର୍ବଦା ଗୁରତ୍ୱ ଦେଉଛି ।

ସରକାର ଶାସନକୁ ଆସିବା ପରଠାରୁ ଅର୍ଥାତ ତା ୦୧.୦୬.୨୦୨୪ ରିଖରୁ ତା ୨୮.୦୨.୨୦୨୫ ରିଖ ପର୍ଯ୍ୟନ୍ତ ମହିଳା ଓ ଶିଶୁ ମାନଙ୍କ ପ୍ରତି ହେଉଥିବା ଅପରାଧିକ ମାମଲାକୁ ଯଦି ପୂର୍ବ ବର୍ଷର ସେହି ଅବଧି ଅର୍ଥାତ ୧.୦୬.୨୦୨୩ ରୁ ୨୮.୦୨.୨୦୨୪ ରିଖ ମଧ୍ୟରେ ହୋଇଥିବା ପରିସଂଖ୍ୟାନକୁ ତୁଳନା କରାଯାଏ, ତେବେ ରାଜ୍ୟରେ ଅପରାଧ ସଂଖ୍ୟା ଅପେକ୍ଷାକୃତ ଭାବରେ ହ୍ରାସ ଘଟିଛି । ଘଟିଥିବା ହତ୍ୟା ମାମଲାର ପରିସଂଖ୍ୟାନକୁ ଅନୁଶୀଳନ କଲେ ଜଣାଯାଏ ହତ୍ୟା ମାମଲା ସଂଖ୍ୟା ପୂର୍ବବର୍ଷର ସେହି ସମୟ ଅବଧି ମଧ୍ୟରେ ଘଟିଥିବା ଅପରାଧ ୭.୪% ହ୍ରାସ ପାଇଛି। ନାବାଳିକା ଦୁଷ୍କର୍ମ ଘଟଣାରେ ଏହି ହାର ୪.୭%, ଦୁଷ୍କର୍ମ ଘଟଣାରେ ଏହି ହ୍ରାସ ହାର ୧.୭% ରହିଛି। ମହିଳା ବିରୋଧରେ ଅନ୍ୟ ଅପରାଧ ସଂଖ୍ୟା ଅନୁଧ୍ୟାନ କଲେ ଜଣାଯାଏ ଯେ, ଆମ ସରକାର ଦାୟିତ୍ୱ ଗ୍ରହଣ କଲା ପରେ ସମାନ ଅବଧିରେ ଅସଦାଚରଣ ଘଟଣାରେ ଅପରାଧ ହ୍ରାସ ହାର ୩.୯%, ଯୌନ ନିର୍ଯାତନା ଘଟଣାରେ ହ୍ରାସ ହାର ୧୩.୫%,ଘଟଣାରେ ହ୍ରାସ ହାର ୧୬.୯%, ନାରୀ ଚାଲାଣରେ ହ୍ରାସ ହାର ୨୯.୪%,ରହିଛି । ଠିକ ସେହିପରି ଏହି ସମୟ ମଧ୍ୟରେ ମହିଳା ବିରୋଧୀ ଅପରାଧର ତୁଳନାତ୍ମକ ସମୀକ୍ଷା କଲେ ଯୌତୁକ ଜନିତ ମୃତ୍ୟୁ କ୍ଷେତ୍ରରେ ଅପରାଧ ହ୍ରାସ ହାର ୨୦.୧% ଥିଲାବେଳେ ଯୌତୁକ ନିର୍ଯାତନା କ୍ଷେତ୍ରରେ ଏହା ୪.୬% ରହିଛି।ମୃତ ସରକାରୀ କର୍ମଚାରୀଙ୍କ ଝିଅ କିମ୍ବା ସାବତ ଝିଅମାନଙ୍କୁ (ସେମାନଙ୍କ ବିବାହ ସ୍ଥିତି ନିର୍ବିଶେଷରେ) ଯଦି ସେମାନେ ସେମାନଙ୍କ ପିତାମାତାଙ୍କ ଉପରେ ନିର୍ଭରଶୀଳ ବୋଲି ପ୍ରମାଣିତ ହୋଇଥାଏ, ତେବେ ସେମାନଙ୍କୁ ବର୍ଗ-'ଘ' ପଦବୀରେ ଅନୁକମ୍ପା ମୂଳକ ନିଯୁକ୍ତି ନିମନ୍ତେ ନିୟମାନୁଯାୟୀ ବିଚାର କରାଯିବ ବୋଲି ବ୍ୟବସ୍ଥା କରାଯାଇଛି । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପାଇଁ ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ମୋଟ ୭୦୭ କୋଟି ୪ ଲକ୍ଷ ୮୯ ହଜାର ଟଙ୍କାର ଦାବି ଗୃହରେ ଉପସ୍ଥାପନ କରାଯାଇଛି। ସେଥିରୁ ପ୍ରଶାସନିକ ବ୍ୟୟ ନିମନ୍ତେ ୪୮୪ କୋଟି ୯୩ ଲକ୍ଷ ୯୯ ହଜାର ଓ କାର୍ଯ୍ୟକ୍ରମ ବ୍ୟୟ ନିମନ୍ତେ ୨୨୨ କୋଟି ୧୦ ଲକ୍ଷ ୯୦ ହଜାର ଟଙ୍କା ରହିଛି। ଅନୁଦାନ ଦାବିକୁ ଗୃହରେ ପାରୀତ କରାଯାଇଥିଲା । ଖର୍ଚ୍ଚ ଦାବି ଆଲୋଚନାରେ ବିଜେପି ସଭ୍ୟ ଈରାଶିଷ ଆଚାର୍ଯ୍ୟ, ଦୁଷ୍ମନ୍ତ କୁମାର ସ୍ୱାଇଁ , ମ–ନୋଜ ଦ୍ୟାନ ସାମନ୍ତରାୟ ପ୍ରମୁଖ ସାମିଲ ଥିଲେ ।

## କେନ୍ଦୁପତ୍ର ତୋଳାଳିଙ୍କୁ ୫୨.୬୩ କୋଟି ଟଙ୍କାର ଲାଭାଂଶ ଦିଆଯିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ସବ୍ୟୁ): କେନ୍ଦୁପତ୍ର ହିତାଧିକାରୀ ମାନଙ୍କ କଲ୍ୟାଣ ପାଇଁ, ସରକାର, ୨୦୨୪ କେନ୍ଦୁପତ୍ର ଶସ୍ୟ ବର୍ଷ ପାଇଁ ୮,୫୯,୪୪୯ ଜଣ କେନ୍ଦୁପତ୍ର ତୋଳାଳି ମାନଙ୍କ ପାଇଁ ଶତକଡା ୨୫ ହାରରେ ୫୨.୬୩ କୋଟି ଟଙ୍କଛ ଲାଭାଂଶ ପ୍ରଦାନ କରିବାପାଇଁ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ୮,୫୯,୪୪୯ ଜଣ ତୋଳାଳୀଙ୍କ ମଧ୍ୟରୁ ୮୩.୯୨% ମହିଳା ଅଟନ୍ତି । ସେହିପରି, ୨୦,୫୦୨ ଜଣ କେନ୍ଦୁପତ୍ର ବନ୍ଧେଇ ଶ୍ରମିକମାନଙ୍କୁ ଶତକଡା ୫ ହାରରେ ୧.୯୪ କୋଟି ଟଙ୍କା ପ୍ରୋତ୍ସାହନ ରାଶି ଏବଂ ୧୬,୭୫୪ ଜଣ କେନ୍ଦୁପତ୍ର ସାମୟିକ କର୍ମଚାରୀମାନଙ୍କୁ ଶତକଡା ୫ ହାରରେ ୪.୯୯ କୋଟି ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିବାପାଇଁ ମୋହନ ସରକାର ଘୋଷଣା କରିଛନ୍ତି।

ଉପରୋକ୍ତ ଲାଭାଂଶକୁ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ (ଡ଼ିବିଟି) ମାଧ୍ୟମରେ ପ୍ରଦାନ କରାଯାଉଅଛି। ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳି ଯୋଜନାର ସଫଳ ରୂପାୟନ ପାଇଁ ୨ଞ୨୪-୨୫ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠି ମାଧ୍ୟମରେ ୫୦.୦୦ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି।

## ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ୍ ହରିଶ୍ ଟଣ୍ଡନ

କଟକ,(ସବ୍ୟୁ): ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ପଦରେ ଜଷ୍ଟିସ୍ ହରିଶ୍ ଟଣ୍ଡନ ଶପଥ ନେଇଛନ୍ତି । ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦତ୍ତ ନିଯୁକ୍ତି ପତ୍ରକୁ ରାଜ୍ୟପାଳଙ୍କ ଅନୁମତି ନେଇ ମୁଖ୍ୟ ଶାସନସଚିବ ମନୋଜ ଆହୁଜାଙ୍କ ପଠନ ପରେ ରାଜ୍ୟପାଳ ହରି ବାବୁ କମ୍ଭମପାଟି ମୁଖ୍ୟବିଚାରପତିଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ । ଏହି ଶପଥ ଗ୍ରହଣ ଉତ୍ସବରେ ହାଇକୋର୍ଟର ଅନ୍ୟ ସମସ୍ତ ବିଚାରପତି, ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି କକ୍ଲେଶ ସତେନ୍ଦ୍ର ଜାଭେରୀ, ଅନ୍ୟ ଅବସରପ୍ରାପ୍ତ ବିଚାରପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏଜି ପୀତାମ୍ବର ଆଚାର୍ଯ୍ୟ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା,



ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ନିଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ପୁଲିସ୍ ଡିଜି ୱାଇ.ବି. ଖୁରାନିଆ, ଡିସିପି ରିସିକେସ୍ ଖୁଲାରୀ ଙ୍କ ସମେତ ହାଇକୋର୍ଟର ବହୁ ଆଇନଜୀବୀ ଉପସ୍ଥିତ ଥିଲେ । ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ପଦରେ ଥିବା ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଗତ ଜାନୁଆରୀ ୧୯ତାରିଖରେ ଅବସର ଗ୍ରହଣ କରିବା ପରେ ଏହି ପଦ ପୂରଣ ହୋଇପାରି ନଥିଲା । ଏହି ପଦ ପୂରଣ ଲାଗି ସୁପ୍ରିମକୋର୍ଟ କଲେଜିୟମ୍ ଜଷ୍ଟିସ୍ ହରିଶ ଟଣ୍ଡନଙ୍କ ନାମ ସୁପାରିସ୍ କରିଥିଲା । ଏହା ଉପରେ କେନ୍ଦ୍ର ଆଇନ ମନ୍ତ୍ରାଳୟ ମୋହର ମାରିବା ପରେ ଆଜି ସେ ଏହି ପଦରେ ଶପଥଗ୍ରହଣ କରିଛନ୍ତି ।

# ୬ ଘଣ୍ଟାରେ ଚେନ ଲୁଟେରାଙ୍କୁ କାବୁ କଲା ପୋଲିସ




ରଙ୍ଗେଇଲୁଣ୍ଡା, (ସବ୍ୟୁ): ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋଲନ୍ଥରା ଚଟି ଛକରେ ଘଟି ଯାଇଥିବା ଏକ ଦୁଇ ଜଣିଆ ଆନ୍ଧ୍ର ଲୁଟେରା ଯୁବକଙ୍କୁ ସ୍ଥାନୀୟ ଗୋଲନ୍ଥରା ପୋଲିସ ଅତି ସାହସ ଏବଂ ଚାଲାକିର ସହ ମାତ୍ର ଛ ଘଣ୍ଟା ମଧ୍ୟରେ ଗିରିଫ କରି ଛିଣ୍ଡେଇ ନେଇଥିବା ସୁନା ଚେନକୁ ଜବତ କରିବାରେ ସକ୍ଷମ ହୋଇଛି । ଏଠାରେ ସୂଚନାଯୋଗ୍ୟ ଯେ, ଗୋଲନ୍ଥରା ଚଟି ସ୍ଥିତ ଅଭିଯୋଗ କାରିଣୀ ପ୍ରତିମା ଜେନା ଗତକାଲି ସକାଳ ଭୋର ପାଞ୍ଚ ଘଣ୍ଟା ତିରିଶ ମିନିଟ ସମୟରେ ତାଙ୍କ ଘର ଆଗରେ ଝାଡୁ କରୁଥିବା ସମୟରେ ଗୋଟେ ଧଳା ରଙ୍ଗର ପଲସର ୨୦୦ ବାଇକରେ ଦୁଇ ଜଣ ଯୁବକ ଆସି ତାଙ୍କ ବେକରୁ ସେ ପିନ୍ଧିଥିବା ଏକ ଷୋହଳ ଗ୍ରାମର ନେକଲେସକୁ ଝାମ୍ପି ନେଇଥିଲେ । ଘଟଣା ପରେ ପୀଡିତା ମହିଳା ଜଣକ ଗୋଲନ୍ଥରା ଥାନାକୁ ଯାଇ ଘଟଣା ସମ୍ପର୍କରେ ଜଣାଇବା ସହ ଲିଖିତ ଭାବେ ଅଭିଯୋଗ କଲେ । ତୁରନ୍ତ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ କରି ଘଟଣାର ଅନୁସନ୍ଧାନ କଲେ ଏବଂ କିଛି ଘଣ୍ଟା ବ୍ୟବଧାନରେ ଦୁଇ ଲୁଟେରା ଜି, ତାଜେସ,୧୯ ଏବଂ କେ, ଦିନେଶ ୧୯ ଙ୍କୁ ଗିରିଫ କରିବାରେ ସକ୍ଷମ ହୋଇଥିଲେ । ଜଣକ ଘର ଇଚ୍ଛାପୁରମ ହୋଇଥିବା ବେଳେ ଅନ୍ୟ ଜଣଙ୍କ ଘର ମୋଚିନ୍ଦ୍ରି, ଥାନା, ଇଚ୍ଛାପୁରମ। ଝାମ୍ପି ନେଇଥିବା ସୁନା ମଧ ଅଭିଯୁକ୍ତଙ୍କ ନିକଟରୁ ଜବତ ହୋଇଛି । ତେଣୁ ଥାନା କେଶ ନମ୍ବର ୧୨୮/୨୫ ରେ ଏକ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ସୁନା ଚେନ ଲୁଟିଆ ଗ୍ୟାଙ୍ଗ ଗିରଫ

# ୭ ଅଭିଯୁକ୍ତଙ୍କ ମଧ୍ୟରେ ୬ ମହିଳା, ମାଷ୍ଟରମାଇଣ୍ଡ ଫେରାର

ବ୍ରହ୍ମପୁର, (ସବ୍ୟୁ): ଓଡ଼ିଶାର ଏକ ୭ ଜଣିଆ ସୁନା ଚେନ ଲୁଟିଆ ଗ୍ୟାଙ୍ଗକୁ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୁଲିସ ଗିରଫ କରିଛି । ପୂର୍ବରୁ ଏହି ଦଳର ପ୍ରମୁଖ ମହିଳା ପ୍ରଭାତୀ ନାୟକ ଓରଫ ସବିତା ଓରଫ ଜମୁନା ବେହେରା ବ୍ରହ୍ମପୁରରୁ ଗିରଫ ହୋଇଥିଲେ । ହେଲେ ଏହି ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ତଥା ଜମୁନାଙ୍କ ପୁଅ ପି. ରାଜା ଏବେ ସୁଧା ଫେରାର ରହିଛି । ପୁଲିସ ଏହି ଗ୍ୟାଙ୍ଗ ନିକଟରୁ ଗୋଟିଏ ସୁନା ଚେନ, ୪ଟି ଇମିଟେସନ ସୁନା ଚେନ୍, ଗୋଟିଏ ଟାଭେରା କାର ଓ ନଗଦ ୨୫ ହଜାର ଟଙ୍କା ଜବତ କରିଛି । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ କଟକ ଯୋବ୍ରା ମଝିସାହିର ନାଗୁ ବେହେରା(୪୬), ୪୨ ମୌଜାର କାର ଚାଳକ ବିଜୟ ଜେନା(୨୮) ମଧୁପାଟଣାର ଏସ. ପୁଷ୍ପା, ଭଦ୍ରକ ରେଲଷ୍ଟେସନ ନିକଟର ବାସନ୍ତି ରାଓ(୬୨) ଓ ସବିତା ସାହୁ(୩୨), ବାଲେଶ୍ୱର ଷ୍ଟେସନବଜାର ମଝିସାହିର ମିନା ରାଓ(୪୩), ତାମିଲନାଡୁ ପୁନେରି ରେଳଷ୍ଟେସନ ନିକଟର ଏଚ ପୁଷ୍ପା(୫୦) । ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମଙ୍କ ଠାରୁ ମିଳିଥିବା ସୂଚନାପ୍ରକାରେ, ଗତ ଫେବୃଆରୀ ମାସରେ ବଡ ଏକାଦଶୀ ଦିନ ବ୍ରହ୍ମପୁର କୋର୍ଟପେଟା ଜଗନ୍ନାଥ ମନ୍ଦିରକୁ ଯାଇଥିବା ଗଜପତିନଗର ଅଞ୍ଚଳର ଜଣେ ମହିଳାଙ୍କ ବେକରୁ ସୁନା ଚେନ ଲୁଟ ହୋଇଥିଲା । ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୁଲିସ ଏକ



ମାମଲା ରୁଜୁ କରି ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି କଟକ ଯୋବ୍ରା ନୂଆ ସାହି ଜମୁନା ବେହେରାଙ୍କୁ ଗିରଫ କରିଥିଲା । ଜମୁନାଙ୍କୁ ପଚରାଉଚରା ସହ ତାଙ୍କ ମୋବାଇଲ ଯାଞ୍ଚ ବେଳେ ତାଙ୍କ ପୁଅ ପି. ରାଜା ଏବଂ କାର ଚାଳକ ବିଜୟ ବିଷୟରେ ପୁଲିସ ଜାଣିବାକୁ ପାଇଥିଲା । ବିଜୟକୁ କଟକରୁ କାବୁ କରି ପଚରାଉଚରା ପରେ ଏହି ଗ୍ୟାଙ୍ଗର ସମସ୍ତ ସଦସ୍ୟ ବିଷୟରେ ଜଣାପଡିଥିଲା । ଏହି ଗ୍ୟାଙ୍ଗ କଟକରେ ରହି ସହରର ବିଭିନ୍ନ ଅଞ୍ଚଳକୁ କାର ଯୋଗେ ଯାଇ ଗହଳି ସ୍ଥାନରୁ ମହିଳାଙ୍କ ବେକରୁ ସୁନା ଚେନ ଚୋରି କରୁଥିଲେ ବୋଲି ବ୍ରହ୍ମପୁର ଏସପି କହିଛନ୍ତି । ଘଟଣା ଦିନ ଏହି ଗ୍ୟାଙ୍ଗର ସଦସ୍ୟମାନେ ବ୍ରହ୍ମପୁରରେ ପହଞ୍ଚିବା ପରେ ସହରର ବିଭିନ୍ନ ମନ୍ଦିରକୁ ଯାଇଥିଲେ । ସେଥିରୁ ୨ ଜଣ ସଦସ୍ୟ କୋର୍ଟପେଟା ଓ ଖାସପା ସାହି ଜଗନ୍ନାଥ ମନ୍ଦିରରୁ ୨ ଜଣ ମହିଳାଙ୍କ ବେକରୁ ସୁନା ଚେନ ଚୋରି କରିବାରେ ସଫଳ ହୋଇଥିଲେ । ସେହିପରି ଏହି ଗ୍ୟାଙ୍ଗର ସଦସ୍ୟମାନେ ବ୍ରହ୍ମପୁର ସମେତ ଭୁବନେଶ୍ୱର,, ପୁରୀ, ଢେଙ୍କାନାଳ, ଜଗତସିଂହପୁର, ପାରାଦୀପ, ଖୋର୍ଦ୍ଧା, ଯାଜପୁର, ଭଞ୍ଜନଗର ଭଳି ବିଭିନ୍ନ ସ୍ଥାନରୁ ମହିଳାଙ୍କ ବେକରୁ କୌଶଳକ୍ରମେ ସୁନା ଚେନ ଚୋରି କରିଥିବା ଏସପି କହିଛନ୍ତି ।

## ମାନସିକ ଅନଗ୍ରସର ଯୁବତୀଙ୍କୁ ହତ୍ୟା ମାମଲା

# ରୁବିତା ଅଧିକାରୀଙ୍କୁ ଆଜୀବନ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ପୋଲିସ ଜିଲା କେ.ନୂଆଗାଁ ଥାନା ଅନ୍ତର୍ଗତ ଚୌଧୁରୀ ଟିକରପଡା ଗ୍ରାମରେ ୨୦୨୩ ଜାନୁଆରୀ ୮ତାରିଖରେ ଜଣେ ଭିନ୍ନକ୍ଷମ ଯୁବତୀ ବିଷ୍ଣୁପ୍ରିୟା ସାହୁ(୩୮)ଙ୍କୁ ହତ୍ୟା କରାଯାଇଥିଲା। ଗଞ୍ଜାମ ଜିଲା ଦୌରା ଜଜ ରୂପଶ୍ରୀ ଚୌଧୁରୀ ଉକ୍ତ ହତ୍ୟା ମାମଲାର ଶୁଣାଣି କରି ମୁଖ୍ୟ ଅଭିଯୁକ୍ତ ଚୌଧୁରୀ ଟିକରପଡା ଗ୍ରାମର ବିନୋଦ ଅଧିକାରୀଙ୍କ ସ୍ତ୍ରୀ ରୁବିତା ଅଧିକାରୀ (୪୮)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୧୫ ହଜାର ଟଙ୍କା ଜରିମାନା ଦେବାକୁ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ଉକ୍ତ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ରୁବିତାଙ୍କ ସହଯୋଗୀ ତଥା ତାଙ୍କ ପ୍ରେମିକ ପଦ୍ମନ ସାହୁ(୪୨ )ଙ୍କୁ ପ୍ରମାଣ ଅଭାବରୁରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି । ଘଟଣାରୁ ପ୍ରକାଶ ଯେ, ଚୌଧୁରୀ ଟିକରପଢ଼ାର ବାସୁ ସାହୁଙ୍କ ଭିନ୍ନକ୍ଷମ ଝିଅ ବିଷ୍ଣୁପ୍ରିୟା ପ୍ରତିଦିନ ରାତ୍ର ଖାଇବା ପରେ ସେହି ସାହିରେ ରହୁଥିବା ତାଙ୍କ ସାନ ଭଉଣୀ ଘରକୁ ଶୋଇବାକୁ ଯାଉଥାନ୍ତି। ୨୦୨୩ ଜାନୁଆରୀ ୮ ତାରିଖ ରାତ୍ର ଖାଇସାରି ତାଙ୍କ ବାପାଙ୍କୁ କହି ଭଉଣୀ ଘରକୁ ଯାଇଥିଲେ। ରାତ୍ର ବିଷ୍ଣୁପ୍ରିୟା ଭଉଣୀ ଘରକୁ ଯାଇନଥିବା ବେଳେ ସକାଳୁ ପରିବାର ଲୋକ ତାଙ୍କୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ୯ତାରିଖ ରାତ୍ର ୧୦ ଟା ବେଳେ ଏକ ବ୍ୟବହୃତ ଘର ବାରି ପଟେ ମୃତଦେହ ପଡିଥିବା ନେଇ ଗାଁ'ରେ ପ୍ରଚାର ହୋଇଥିଲା। ଲୋକମାନେ ରୁବିତା ଅଧିକାରୀଙ୍କ ଘର ଦେଇ ତାଙ୍କ ବାରିପାଟକୁ ଯିବାକୁ ଚାହିଁଥିଲେ ମଧ୍ୟ ସେ ଘରେ ତାଲା ପକାଇ ଚାଲିଯାଇଥିଲେ । ପୋଲିସ ଖବର ପାଇ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲା। କେ.ନୂଆଗାଁ ପୋଲିସ ମାମଲା ନଂ୬/୨୩ ରେ ଏକ ମାମଲା ରୁଜୁ କରି ତଦନ୍ତ ବେଳେ ପ୍ରଥମେ ରୁବିତା ଅଧିକାରୀ ଓ ପରେ ତାଙ୍କ ପ୍ରେମିକ ପଦ୍ମନ ସାହୁଙ୍କୁ ଗିରଫ କରିଥିଲା । ଜେରା ବେଳେ ସେମାନେ ବିଷ୍ଣୁପ୍ରିୟାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଉଭୟଙ୍କ ଅନୈତିକ ସମ୍ପର୍କ ସେ ଜାଣିଥିବାରୁ ତାଙ୍କୁ ହତ୍ୟା କରିଥିଲୁ ବୋଲି ସେମାନେ ପୋଲିସକୁ କହିଥିଲେ। ପରେ ପୋଲିସ ସେମାନଙ୍କୁ କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାରଣା ବେଳେ ୧୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ସାକ୍ଷୀ ମାନଙ୍କ ବୟାନକୁ ଆଧାର କରି ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ତ୍ରିଲୋଚନ ପରିଡା ମକଦ୍ଦମା ପରିଚାଳନା କରିଥିଲେ ।

# ଯୁବତୀଙ୍କୁ ବଳାତ୍କାର ପରେ ପ୍ରତାରଣା, ଥାନାରେ ମାମଲା

ବ୍ରହ୍ମପୁର, (ସବ୍ୟୁ): ଜନୈକା ଯୁବତୀଙ୍କୁ ବିବାହର ପ୍ରତିଶୃତି ଦେଇ ଶାରୀରିକ ସମ୍ପର୍କ ରଖି ଶେଷରେ ପ୍ରତାରଣା କରିଥିବା ନେଇ ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛିଛ ସମ୍ପୃକ୍ତ ଯୁବକ ଜଣଙ୍କ ଫେରାର ଥିବା ପୋଲିସ କହିଛି । ଅନ୍ୟପଟେ ପିଡ଼ିତାଙ୍କ ମେଡିକାଲ ଟେଷ୍ଟ କରିବା ସହ କୋର୍ଟରେ ତାଙ୍କ ବୟାନ ରେକର୍ଡ କରାଯାଇଛି । ତଦନ୍ତ ବେଳେ ଉକ୍ତ ଯୁବତୀଙ୍କୁ ୨୦୨୪ ରେ ଅନ୍ୟ ଏକ ଘଟଣାକ୍ରମରେ ଅସଦାଚାରଣ ହୋଇଥିବା ନେଇ ବାଲିଗୁଡା ଥାନାରେ ଅଭିଯୋଗ ହୋଇଥିଲା । ଉଭୟ ପିଡ଼ିତା ଓ ଅଭିଯୁକ୍ତ ଯୁବକ ପ୍ରାପ୍ତ ବୟସ୍କ ହୋଇଥିବାରୁ ପୋଲିସ ପାଇଁ ଏବେ ଚିନ୍ତାର ବିଷୟ ହୋଇଛି । ଏପରିକି ପିଡ଼ିତା ଜଣଙ୍କ ଉକ୍ତ ଯୁବକଙ୍କ ଠାରୁ ବୟସରେ ବଡ଼ ଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି । ପିଡ଼ିତାଙ୍କ ଡାକ୍ତରୀ ମଇନା କରାଯାଇଥିବା ବେଳେ କୋର୍ଟରେ ତାଙ୍କର ବୟାନ ରେକର୍ଡ ମଧ କରାଯାଇଛି। ଘଟାଣରୁ ପ୍ରକାଶ ଯେ, ବାଲିଗୁଡା ଅଞ୍ଚଳର ଜନୈକା ଯୁବତୀଙ୍କ ବାପା ଭୁବନେଶ୍ୱରରେ ରୁହନ୍ତି । ହଟାତ ଖାଉରିଆ ଅଞ୍ଚଳର ଜଣେ ଯୁବକ ଯିଏକି ମୁମ୍ବାଇରେ ରହି ଶୁଟିଂ କାମ କରୁଥିବା ବେଳେ ୨୦୨୧ ମସିହାରେ ଉକ୍ତ ୩୫ ବର୍ଷୀୟା ଯୁବତୀଙ୍କ ଫୋନ ଜରିଆରେ ଭାବ ଆଦାନ ପ୍ରଦାନ ହୋଇଥିଲା । ପରେ ଏକ ବାଲିଗୁଡା ଅଞ୍ଚଳର ଜଣେ ବିଶିଷ୍ଟ ସାଧୁଙ୍କ ଜୀବନୀ ଉପରେ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ ପାଇଁ ସମ୍ପୃକ୍ତ ଯୁବକ ଜଣଙ୍କ ତାଙ୍କୁ କହିଥିଲେ । ଏପରିକି ସେଥିରେ ତାଙ୍କୁ ଏକ ଭୂମିକାରେ ଅଭିନୟ କରିବାକୁ ସୁଯୋଗ ଦିଆଯିବ ବୋଲି କହି ପ୍ରଲୋଭିତ କରିଥିଲେ । ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ୨୦୨୪ ଜୁନ ମାସରେ ପ୍ରେମିକ ଜଣଙ୍କ ଉକ୍ତ ଯୁବତୀଙ୍କୁ ବ୍ରହ୍ମପୁର ଆଣିଥିଲେ । ଲୋଚପଡା ଅଞ୍ଚଳରେ ଉଭୟେ ସ୍ୱାମୀ ଓ ସ୍ତ୍ରୀ ବୋଲି ପରିଚୟ ଦେଇ ଏକ ଘର ଭଡା ନେଇ ରହିଥିଲେ। ଯୁବକ ଜଣଙ୍କ ଯୁବତୀଙ୍କୁ ବିବାହର ପ୍ରତିଶୃତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। କିଛିମାସ ପରେ ଯୁବକ ଜଣଙ୍କ ତାଙ୍କୁ ଛାଡି ଅନ୍ୟତ୍ର ବାହା ହେବା ନେଇ ସେ ଜାଣିବାକୁ ପାଇଥିଲେ। ପ୍ରେମିକଙ୍କ ନପାଇ ଯୁବତୀ ଜଣଙ୍କ ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୮୮/୨୫ ରେ ଏକ ମାମଲା ରୁଜୁ କରିବା ସହ ଫେରାର ଯୁବକଙ୍କୁ ଧରିବା ପାଇଁ ତାଙ୍କ ମୋବାଇଲ ଟ୍ରାକିଂ କରୁଛି ।

# ଗାମୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଭଞ୍ଜନଗର, (ସବ୍ୟୁ): ନିକଟସ୍ଥ ଗାମୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବାଉଁଶଲୁଣ୍ଡି ଗ୍ରାମପଞ୍ଚାୟତର ସରପଞ୍ଚ ଉଦ୍ଧବ କୁମାର ମିଶ୍ର ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲା ବେଳେ ଭଞ୍ଜନଗର ପ୍ରାକ୍ତନ ସହ ଗୋଷ୍ଠୀ ଶିକ୍ଷାଧିକାରୀ ନେତାଜୀ ବିଷୋୟୀ ମୁଖ୍ୟବକ୍ତା, ସହଗୋଷ୍ଠୀ ଶିକ୍ଷାଧିକାରୀ ଗଜେନ୍ଦ୍ର କୁମାର ସେଠି, ସଂସ୍କୃତି ରତ୍ନ ନାରାୟଣ ମହାରଣା, ସିଆରସିସି ଅନୁପମା ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ବିଦ୍ୟାଳୟର ପରିଚାଳନା କମିଟି ସଭାପତି ସୁଶାନ୍ତ ସାହୁ ଏଥିରେ ସଭାପତିତ୍ୱ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ରତ୍ନ ପ୍ରଭା ଦାଶ ବିବରଣୀ ପଠନ କରିଥିଲେ । ଶିକ୍ଷକ ନିର୍ମଳ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । କର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଶିକ୍ଷୟିତ୍ରୀ ରଞ୍ଜୁଲତା ବେହେରା । ଏଅବସରରେ ଦକ୍ଷତାଭିତ୍ତିକ ସୃଜନାତ୍ମକ ଖେଳନା ପ୍ରଦର୍ଶନୀକୁ ମୁଖ୍ୟଅତିଥି ଉଦଘାଟନ କରିଥିଲେ । କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ସହ ସିଲ ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ । ଛାତ୍ରଛାତ୍ରୀ ମାନେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶେଷରେ ଶିକ୍ଷୟିତ୍ରୀ ନନ୍ଦିନୀ ଶତପଥି ଧନ୍ୟ ବାଦ ଅର୍ପଣ କରିଥିଲେ ।

# ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ

ବୁଗୁଡ଼ା, (ସବ୍ୟୁ) : ସ୍ଥାନୀୟ ମା' ମାଳିଖୋଳା ମନ୍ଦିର ପରିସରରେ ବିଜୁ ଜନତା ଦଳ ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ବରିଷ୍ଠ ନେତା କବିରାଜ ଗୌଡ଼ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗ ଦେଇଥିବା ବେଳେ ବିଜୁ ଜନତା ଦଳର ନିର୍ବାଚନ ପ୍ରକ୍ରିୟା ଚାଲୁ ରହିଥିବା ପରିପ୍ରେକ୍ଷୀରେ ବୁଗୁଡା ବ୍ଲକ୍ ଏବଂ ଏନ୍ଏସିରେ ୧୧ ଜଣିଆ କମିଟି ଚୟନ କରାଯାଇ ତାହାର ନିଷ୍ପତ୍ତି ପ୍ରକାରେ ବୁଗୁଡ଼ା ବ୍ଲକ୍ ସଭାପତି ଖଦାଳ ଖଟେଇ, କାର୍ଯ୍ୟକାରୀ ସଭାପତି କବିରାଜ ଗୌଡ଼, ସମ୍ପାଦକ ହରିହର ବିଷୋୟୀ ଏବଂ ବୁଗୁଡ଼ା ଏନ୍ଏସି ସଭାପତି କେ.ତ୍ରିଲୋଚନ ଦୋରା, କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ଦାଶ, ସମ୍ପାଦକ ଅମରେନ୍ଦ୍ର ସେନାପତି ପ୍ରମୁଖଙ୍କ ନାମ ସୁପାରିଶ କରାଯାଇଥିବା ଜଣାପଡ଼ିଛି । ପରବର୍ତ୍ତୀ ସମୟରେ ବ୍ଲକର ସମସ୍ତ ପଞ୍ଚାୟତ ଏବଂ ଏନ୍ଏସିର ସମସ୍ତ ୱାର୍ଡ଼ ପାଇଁ ବିଭିନ୍ନ ପଦ ପଦବୀ ସକାଶେ ନିର୍ବାଚନ କରାଯିବା ନେଇ ଆଲୋଚନା କରାଯାଇଥିଲା । ଉକ୍ତ ବୈଠକରେ କିଶୋର ବେହେରା, କୃଷ୍ଣ ଚନ୍ଦ୍ର ରା, କାର୍ତ୍ତିକ ସାହାଣୀ, ପ୍ରଦୀପ କୁମାର ଜେନା, କୈଳାସ ପ୍ରଧାନ, ବରୁଣ କୁମାର ସେନାପତି, ମକୁନ୍ଦ ନାୟକ, ସୂର୍ଯ୍ୟ ନାରାୟଣ ମହାନ୍ତି, ରଜବୀନ୍ଦ୍ର କୁମାର ପଣ୍ଡା, ଟୁକୁନା ସ୍ୱାଇଁ, ସୁଶାନ୍ତ କୁମାର ପ୍ରଧାନ, ସଞ୍ଜୟ ବିଶ୍ୱାଳ, ଜିତେନ୍ଦ୍ର ନାୟକ, ଅଲେଖ ନାୟକ, ରାଜେନ୍ଦ୍ର ପ୍ରସାଦ ଦାଶ, ସନ୍ତୋଷ କୁମାର ଜେନା, ଚିତ୍ରସେନ ନାୟକ, ଚୋରିଆ ମଳିକ, ପ୍ରଶାନ୍ତ କୁମାର ପାତ୍ରଙ୍କ ସମେତ ଅନେକ ସରପଞ୍ଚ, ସମିତି ସଭ୍ୟ, ଦଳୀୟ ଜନପ୍ରତିନିଧି ଏବଂ ଶତାଧିକ କର୍ମୀ ଉପସ୍ଥିତ ରହିଥିଲେଛ । ଏ ଅବସରରେ ବୁଗୁଡ଼ା ବ୍ଲକ୍ ପ୍ରଶାସନ ବିଜୁ ଜନତା ଦଳର କର୍ମୀ ଏବଂ ସମର୍ଥିତ ସରପଞ୍ଚ ଓ ସମିତି ମେମ୍ବରଙ୍କ ପଞ୍ଚାୟତର ଗୁଡିକର ବିଭିନ୍ନ ଉନ୍ନୟନ କାର୍ଯ୍ୟର ଯେଉଁସବୁ ବିଲ୍ ବନ୍ଦ କରି ରଖିଛି, ତା'ର ପ୍ରତିବାଦ ସାଙ୍ଗକୁ ପୋଲିସ ପ୍ରଶାସନର ଅନ୍ୟାୟ ଅନୀତି ବିରୁଦ୍ଧରେ ଆଗାମୀ ଦିନରେ ଜନ ଆନ୍ଦୋଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ଦିଲ୍ଲୀ ପ୍ୟାରେଡ ଉତ୍ସବରେ ଅଂଶଗ୍ରହଣ କରିଥିବା ୫ ଏନସିସି କ୍ୟାଡେଟ ସମ୍ବର୍ଦ୍ଧିତ




ଭଞ୍ଜନଗର, (ସବ୍ୟୁ) : ସ୍ଥାନୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ୫ ଜଣ ଏନସିସି କ୍ୟାଡେଟ୍ ଦିଲ୍ଲୀରେ ୨୦୨୩ରୁ ୨୦୨୫ ମଧ୍ୟରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ ପରେଡ୍ରେ ଭାଗ ନେଇ କଲେଜର ସୁନାମ ଆଣିଥିଲେ । ବୁଧବାର ଉକ୍ତ କ୍ୟାଡେଟଙ୍କୁ କଲେଜ ପରିସରରେ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିସହ ଶେଷ ବର୍ଷ କ୍ୟାଡେଟ୍ଙ୍କୁ ମଧ ସମ୍ବର୍ଦ୍ଧନା ଦିଆଯାଇଥିଲା। ଘୁମୁସର ଦକ୍ଷିଣ ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ୟାଡେଟ୍ ମାନଙ୍କୁ ଉତ୍ସାହିତ କରିବା ସହ ଏନସିସି କ୍ୟାଡେଟ୍ଙ୍କ ଭୂମିକା ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିବା ସହ କ୍ୟାଡେଟକୁ ସମ୍ବର୍ଦ୍ଧିତ କରିଥିଲେ। ଅଧକ୍ଷ ରାଜେନ୍ଦ୍ର କୁମାର ଦାସ ଉତ୍ସବରେ ଅଧକ୍ଷତା କରି ଏନ୍ସିସି କ୍ୟାଡେଟ୍ମାନେ ଆମ କଲେଜର ଗର୍ବ ଓ ଗୌରବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ବିଭାସ ଦାସ, ସୈକ୍ଷିକ ପରିଷଦ ସମ୍ପାଦକ ହର ପ୍ରସାଦ ଶତପଥୀ, ନାଭାଲ ଅଫିସର ଡ ରବୀନ୍ଦ୍ର କୁମାର ମିଶ୍ର, ଆଇକ୍ୟୁସି ସଂଯୋଜକ ଡ ସୁନାମ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ୟାଡେଟ୍ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏନସିସି ଆର୍ମି ୱିଙ୍ଗ ଅଫିସର ରଜନୀ କାନ୍ତ ତ୍ରିପାଠୀ ସାଗତ ଭାଷଣ ଦେବାସହ ସଭା ସଂଯୋଜନା କରିଥିଲେ । ଏହି ଅବସରରେ ଆର୍ଡିସି କ୍ୟାଡେଟ୍ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ନିଖୋଜ ବ୍ୟକ୍ତିଙ୍କୁ ମୃତ ଦର୍ଶାଇ ଜମି ବିକ୍ରି କରିବାକୁ ଉଦ୍ୟମ

ରଙ୍ଗେଇଲୁଣ୍ଡା, (ସବ୍ୟୁ): କନିସି ତହସିଲ ଅନ୍ତର୍ଗତ ମାଣିକପୁର ମୌଜାର ଖାତା ନମ୍ବର ୬୬ ଜମିକୁ ଜାଲିଆତି କରି ବିକ୍ରି କରିବାକୁ ଉଦ୍ୟମ ଯାହା କି ଅଞ୍ଚଳରେ ବର୍ତ୍ତମାନ ଚର୍ଚ୍ଚା ବିଷୟ ପାଲଟିଛି । ଏଠାରେ ସୂଚନା ଯୋଗ୍ୟ ଯେ, ଉକ୍ତ ମାଣିକପୁର ମୌଜାର ଖାତା ନମ୍ବର ୬୬ ଜମିଟି ତିନି ଜଣଙ୍କ ନାମରେ ଥିବା ବେଳେ ସେମାନେ ହେଲେ କେ, ଗୋବିନ୍ଦ ଦ୍ୱତୀୟ ଜଣକ ହେଲେ କେ, ଆନନ୍ଦ ଏବଂ ତୃତୀୟ ବ୍ୟକ୍ତି କେ, ଚନ୍ଦ୍ର ମୋହନ ଆଜକୁ ଦୀର୍ଘ କୋଡିଏ ବର୍ଷ ହେଲା ନିଖୋଜ ଅଛନ୍ତି ଏବଂ ଉକ୍ତ ନିଖୋଜ ବ୍ୟକ୍ତି ଙ୍କ ସ୍ତ୍ରୀ ମଧ ମୃତ୍ୟୁ ବରଣ କରିଛନ୍ତି । ପ୍ରଥମ ଏବଂ ଦ୍ୱତୀୟ ବ୍ୟକ୍ତିଙ୍କ ଉତ୍ତରାଧିକାରୀ ମାନେ ନିଖୋଜ ଥିବା ବ୍ୟକ୍ତିଙ୍କ ଏକ ଜାଲ ମୃତ୍ୟୁ ପ୍ରମାଣପତ୍ର କରି ସମସ୍ତ ସରକାରୀ ନିୟମକୁ ଫାଙ୍କି ଜମି ବିକ୍ରି ପାଇଁ ଉଦ୍ୟମ କରୁଥିବା ଜଣାପଡିଛି । ଏଥିରେ ଜମି ଦଲାଲ ମାନେ ସମ୍ପୃକ୍ତି ରହି ଶାଗ ମାଛ ଦରରେ କିଣି ଚଢାଦରରେ ବିକ୍ରୟ କରିବାକୁ ମସୁଧା ଚଳାଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ନିଖୋଜଥିବା ବ୍ୟକ୍ତିଙ୍କ ମୃତ୍ୟୁ ପ୍ରମାଣପତ୍ର ସ୍ଥାନୀୟ କେଲୁଆପଲ୍ଲୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଦେଇ ନଥିବା ବେଳେ ଉକ୍ତ ମୃତ୍ୟୁ ପ୍ରମାଣପତ୍ର ଜମି ଦଲାଲମାନେ କିପରି ହାତେଇଲେ ତାହା ତଦନ୍ତ ସାପେକ୍ଷ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଲାଗି ରହିଛି । ଏଣୁ ଉକ୍ତ ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ବୋଲି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଏନ, ଡମ୍ବୁରୁ ରେଡି ଦାବୀ କରିଛନ୍ତି ।

## ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ ଯୋଜନାରେ

# ୧୧୦ଜଣଙ୍କୁ ୧ଲକ୍ଷ ଟଙ୍କା ଆର୍ଥିକ ସହାୟତା



ବାରିପଦା, (ସବ୍ୟୁ) : ଜନଜାତି ମାନଙ୍କ ଆର୍ଥିକ ସ୍ୱାଲମ୍ବନଶୀଳ ପାଇଁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ପକ୍ଷରୁ ବହୁବିଧ ଯୋଜନା ରାଜ୍ୟ ଓ କେନ୍ଦ୍ର ସରକାର ହାତକୁ ନେଇଛନ୍ତି। ଜନଜାତି ମାନଙ୍କ ଶିକ୍ଷା, ଗମନାଗମନ, ସ୍ୱାସ୍ଥ୍ୟ, ଜୀବିକା, ପିଇବା ପାଣି, ଦକ୍ଷତା ବିକାଶ ପାଇଁ ସରକାର ସଦାସର୍ବଦା ଚେଷ୍ଟିତ। ଜନଜାତି ମାନଙ୍କୁ ସ୍ୱଲମ୍ବନଶୀଳ କରାଇ ଜାତୀୟ ସ୍ରୋତରେ ମିଶାଇବା ପାଇଁ ସରକାର ପ୍ରତିଶ୍ରୁତି ବଦ୍ଧ। ଏଥିପାଇଁ ରାଇରଙ୍ଗପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାଇରଙ୍ଗପୁର ଆନୁକୁଲ୍ୟରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ପକ୍ଷରୁ ବାମନଘାଟୀ ଉପଖଣ୍ଡର ୭ଟି ବ୍ଲକ ଯଥା ବିଶୋଇ, ବିଜାତଳା, ରାଇରଙ୍ଗପୁର, କୁସୁମୀ, ଜାମଦା, ବହଳଦା ଏବଂ ତିରିଂର ୧୧୦ଜଣ ଉତ୍ସାହୀ ଯୁବ (ପୁରୁଷ/ ମହିଳା) ଉଦ୍ୟୋଗୀ ମାନଙ୍କୁ ୧ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ ଉତ୍ସବ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଯୋଗ ରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ଯୁବ ବିଧାୟକ ଜଲେନ ନାୟକ, ସମ୍ମାନିତ ଅତିଥି ମୟୂରଭଞ୍ଜ ସାଂସଦ ପ୍ରତିନିଧି ନବୀନ ରାମ, ବହଳଦା ପ୍ରାଣୀ ଚିକିତ୍ସାଧୀକାରୀ ଡଃ ଲକ୍ଷ୍ମୀରାଣୀ ମୁଣ୍ଡା, ଏଡିଡବ୍ଲ୍ୟୁଓ ଜ୍ଞାନେନ୍ଦ୍ର ସାମଲ, ପ୍ରୋଜେକ୍ଟ ମେନେଜର ସ୍ୱର୍ଣ୍ଣପ୍ରଭା ରଥ, ବିଷୟବସ୍ତୁ ବିଶେଷଜ୍ଞ ରାଜେନ୍ଦ୍ର ପ୍ରସାଦ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ବିଧାୟକ ଜଲେନ ନାଏକ କହିଥିଲେ ରାଜ୍ୟ ସରକାର ଜନଜାତିଙ୍କ ବିକାଶ ପାଇଁ ସଦାସର୍ବଦା ଚେଷ୍ଟିତ। ଜନଜାତିର ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ। ସମସ୍ତେ ନିଜ ଗୋଡ଼ରେ ଛିଡ଼ା ହେବାକୁ ଚେଷ୍ଟାକର। ପ୍ରଶାସନ ତରଫରୁ ଅର୍ଥ, ଆବଶ୍ୟକ ବୈଷୟିକ ଜ୍ଞାନ, ସବୁକିଛି ଯୋଗାଇ ଦିଆଯିବ। ତେଣୁ ଯୁବ ଉଦ୍ୱୋଗୀମାନେ ନିଜ ଅଂଚଳର ଚାହିଦାମୁତାବକ ଦୋକାନ, ବ୍ୟବସାୟ କରିବା ଉଚିତ। ପ୍ରଥମେ ପ୍ରଥମେ କଷ୍ଟ ହେବ ଓ ଧୈର୍ଯ୍ୟ ରଖିବାକୁ ପଡିବ। ସେହିଭଳି ପିଏ ଆଇଟିଡିଏ ଯୋଗ ରଞ୍ଜନ ନାୟକ କହିଥିଲେ ଆଇଟିଡିଏ କାର୍ଯ୍ୟାଳୟ ଜନଜାତିଙ୍କ ଉନ୍ନତି ପାଇଁ ସଦାସର୍ବଦା ଚେଷ୍ଟିତ ଓ ଉନ୍ମୁଖ। ସମସ୍ତେ ଆସନ୍ତୁ, ଆଗକୁ ବଢନ୍ତୁ ଏବଂ ବିଭିନ୍ନ ଯୋଜନା ବିଷୟରେ ଅବଗତ ହୁଅନ୍ତୁ ଏବଂ ଆତ୍ମ ନିର୍ଭରଶୀଳ ପାଇଁ କିଛି କିଛି କାର୍ଯ୍ୟ କରନ୍ତୁ। ୨୦୨୪-୨୫ ବର୍ଷ ପାଇଁ ବିଭିନ୍ନ ଉଦ୍ଯୋଗ ପାଇଁ ବିଛାଯାଇଥିବା ୭ଟି ବ୍ଲକର ବଛା ଯାଇଥିବା ୧୧୦ଜଣ ଉତ୍ସାହୀ ଯୁବ ଉଦ୍ୟୋଗଙ୍କୁ ଅତିଥିଗଣ ଏକଲକ୍ଷ ଲେଖାଏଁ ଟଙ୍କାର ଚେକ୍ ସମୁଦାୟ ୧କୋଟି ୧୦ଲକ୍ଷ ଟଙ୍କା ବଣ୍ଟନ କରାଯାଇଥିଲା। ୨୦୨୨-୨୩ ମସିହାରେ ୭ଟି ବ୍ଲକର ୧୦୪ଜଣ ଯୁବ ଉଦ୍ୟୋଗୀମାନଙ୍କୁ ଏକ କୋଟି ୪ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ସେମାନେ ଆଜିର ଦିନରେ ସଫଳ ଉଦ୍ୟୋଗୀ ହୋଇ ନିଜ ଗୋଡ଼ରେ ଛିଡା ହୋଇଛନ୍ତି ବୋଲି କହିଥିଲେ। ଯୁବ ଉଦ୍ଯୋଗୀ ମାନେ ମିଠା ଦୋକାନ, କୃଷି, ଛେଳି ଚାଷ, ଗୋପାଳନ, ପତ୍ରକପ୍ ପ୍ଲେଟ, ଗଦି/ ତକିଆ ପ୍ରସ୍ତୁତି, ୱେଲଡିଂ, ସାବୁନ ତିଆରି, ବିଉଟି ପାର୍ଲର, ଆଚାର, ମୋବାଇଲ, ମୁଢି, ସେଲୁନ, ସିମେଣ୍ଟ ୱାର୍କ, ଟେଲର, ମାଛ ଚାଷ, କମ୍ପ୍ୟୁଟର ସେଣ୍ଟ ଗ୍ୟାରେଜ, ଧୂପକାଠି ତିଆରି, ଝୁଡ଼ି, ସେଲୁନ, ମହୁଲ, ତଥା ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ ଓ ବିକ୍ରୟ କରି ଆତ୍ମ ନିର୍ଭରଶୀଳ ହେବେ ବୋଲି ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ୭ଟି ବ୍ଲକର ବ୍ଲକ ଜୀବିକା ବିଶେଷଜ୍ଞ ମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ବ୍ରହ୍ମପୁରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ନୂତନ ସୋ'ରୁମ୍ ଉଦ୍‌ଘାଟନ

ବ୍ରହ୍ମପୁର, (ସବ୍ୟୁ): ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ଓଡ଼ିଶାର ବ୍ରହ୍ମପୁରରେ ତାହାର ନୂଆ ସୋ'ରୁମ୍ ଉଦଘାଟନ କରିଛି। ଏହି ଅତ୍ୟାଧୁନିକ ସୋ' ରୁମ୍ ଗହଣାଗୁଡିକର ଆକର୍ଷଣୀୟ କଲେକ୍ସନ ସହିତ ଗ୍ରାହକଙ୍କୁ ଏକ ଅତୁଳନୀୟ କିଣାକିଣି ଅନୁଭୂତି ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି, ଯେଉଁଠାରେ ପ୍ରତ୍ୟେକ ଅବସର ନିମନ୍ତେ ବହୁବିଧ ବର୍ଗର ଡିଜାଇନ ଓ ଷ୍ଟାଇଲ ପ୍ରଦର୍ଶିତ ହେଉଛି । ଏହି ସୋ' ରୁମ ପରିଚାଳନା ମଣ୍ଡଳୀର ସଦସ୍ୟବୃନ୍ଦ, ଗ୍ରାହକ ଏବଂ ଶୁଭେଚ୍ଛୁଙ୍କ ଉପସ୍ଥିତିରେ ପ୍ରସିଦ୍ଧ ଓଡ଼ିଆ ଅଭିନେତା ତଥା ମାଲାବାର ଗୋଲ୍ଡ ଆଣ୍ଡ ଜାଏମଣ୍ଡସ୍ର ବ୍ରାଣ୍ଡ୍ ଆମ୍ବାସାଜର ଅଭିନେତା ସବ୍ୟସାଚୀ ମିଶ୍ର ଉଦଘାଟନ କରିଥିଲେ ।

ମାଲାବାର ଗୋଲ୍ଡ ଗୋଲ୍ଡ ଆଣ୍ଡ ଡାଏମ ଡାଏମଣ୍ଡର ଭାରତ, ମଧ୍ୟପ୍ରାଚ୍ୟ, ଆମେରିକା, କାନାଡା ଏବଂ ଅଷ୍ଟ୍ରେଲିଆ ସମେତ ୧୩ଟି ରାଷ୍ଟ୍ରରେ ୩୮୦ରୁ ସହିତ ବୈଶ୍ୟକ ଉପସ୍ଥିତି ରହିଛି । ଏହାର ବିପୁଳ କଲେକ୍ସନ, ଅତୁଳନୀୟ ଗୁଣବତ୍ତା ଏ ମାଲାବାର ବ୍ରାଣ୍ଡ୍ ଚଳିତ ମାର୍ଚ୍ଚରେ ଭାରତର ବିଭିନ୍ନ ସ୍ଥାନରେରେ ୧୨ଟି ନୂଆ ସୋ'ରୁମ୍ ଉଦଘାଟନ ୬ ଅଧିକ ସୋ'ରୁମ୍ ଗ୍ରାହକ-କେନ୍ଦ୍ରିକ ଆଭିମୁଖ୍ୟ ପାଇଁ ସୁଖ୍ୟାତି ଅର୍ଜନ ର୍ଜନ କରିଥିବା ଏହି ସହିତ ନିଜର ଉପସ୍ଥିତିକୁ ସମ୍ପ୍ରସାରିତ କରୁଛି । ଏହି ନୂଆ ଭାରତୀୟ ଜୁଏଲାରୀ ଦ ବଜାରରେରେ ମାଲାବାର ଗୋଲ୍ଡ ଆଣ୍ଡ ଆଣ୍ଡ ଡାଏମଣ୍ଡସ୍ର ନେତୃତ୍ୱ କୁ ପୁନଃ ପୁନଃ ସୁଦୃଢ କରୁଛି । ନୂଆ ସୋ'ରୁମ୍ ସୁନା, ହୀରା, ପ୍ଲାଟିନମ୍ ଏବଂ କେମ୍ ଷ୍ଟୋନ ପିସ୍ ସମେତ ବ୍ୟାପକ ବର୍ଗର ଗହଣା ଉପଲବ୍ଧ କରାଉଛି । ଭାରତରେ ଜନସାଧାରଣଙ୍କୁ ଏହି ନୂଆ ସୋ'ରୁମ୍ ସମ୍ପର୍କରେ ଏକ ବିବୃତିରେ ଏମ୍ପି ଅହମ୍ମଦ, ଚେୟାରମ୍ୟାନ, ମାଲାକାର ଗ୍ରୁପ୍ କହିଥିଲେ, ସମଗ୍ର ଭାରତ ବିଶ୍ୱ ୍ଶ୍ରେଣୀର ଗହଣା ଯୋଗାଇଦେବାକୁ ଆମର ଯାତ୍ରା ଜାରି ରଖି ଓ ବ୍ରହ୍ମପୁରରେ ନବୀନତମ ସୋ' ରୁମ୍ ଉଦଘାଟନ କରି ଆମେ



ଗୋମାଞ୍ଚିତ ଅନୁଭବ କରୁଛୁ । ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ଆମର କାରିଗରି ଏବଂ ନୈତିକତାପୂର୍ଣ୍ଣ କାର୍ଯ୍ୟାଭ୍ୟାସକୁ ନେଇ ଗର୍ବ ଅନୁଭବ କରୁଛୁ ଏବଂ ବ୍ରହ୍ମପୁର ଅଧିବାସୀଙ୍କୁ ଏକ ଅବିସ୍ମରଣୀୟ କିଣାକିଣି ଅନୁଭୂତି ଯୋଗ ପାଗାଇଦେବାକୁ ଆମେ ଆଗ୍ରହ ରଖୁଛୁ । କମ୍ପାନୀ ସୁନିଶ୍ଚିତ କରୁଛି ଯେ ସମସ୍ତ ଗହଣା ୧୦୦% ଏଚୟୁଆଇଡି-ଅନୁପାଳନକାରୀ, ଯାହା ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ଅସଲିପଣ ପ୍ରଦାନ କରୁଛି । ପୁନଃ ପ୍ରମାଣିକୃତ ହିରାଗୁଡିକ ୨୮- ପଏଣ୍ଟ ଯାଞ୍ଚ ମଧଦେଇ ଯାଉଛି ଏବଂ କିଣାଯାଉଥିବା ପ୍ରତ୍ୟେକ ଗହଣା ଏକବର୍ଷ ମାଗଣା ବୀମା ସହିତ ଆସୁଛି, ଏବଂ ସେଥିରେ ବର୍ହିତ କଭରେଜ ଓ ଦ୍ୱାରାଣ୍ଟିର ଐଚ୍ଛିକ ବିକଳ୍ପ ରହିଛି । ବ୍ରାଣ୍ଡ୍ ମଧ ଗ୍ୟାରେଣ୍ଟି ଦେଉଛି ଯେ ତାହାର ସୁନା ଦାୟିତ୍ୱସମ୍ପନ୍ନ ଭାବରେ ସ୍ୱୀକୃତିପ୍ରାପ୍ତ ଚାନେଲଗୁଡିକରୁ ସଂଗ୍ରହ କରାଯାଉଛି, ଏବଂ ଏହା ନିଜର ସମୁଦାୟ ଯୋଗାଣ ଶୃଙ୍ଖଳରେ ନୈତିକ କାର୍ଯ୍ୟଭ୍ୟାସକୁ ସୁନିଶ୍ଚିତ କରୁଛି । ମାଲାବାଚ ବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ସମ୍ପର୍କରେ: ମାଲାବାର ଗୋଲୁ ଆଣ୍ଡ ଡାଏମଣ୍ଡସ୍ ୧୯୯୩ରେ ସ୍ଥାପିତ ହୋଇଥିଲା ଏକ ଅଗ୍ରଣୀ ବିବିଧକୃତ ଭାରତୀୟ ବ୍ୟବସାୟ ଗୋଷ୍ଠୀ ମାଲାବାର ଗ୍ରୁପ୍ର ଛାମୁଆ କମ୍ପାନୀ । ବାର୍ଷିକ ୬.୨ ବିଲିଅନ ଡଲାର କାରବାର କାରବାର କରୁଥିବା ଏହି କମ୍ପାନୀ ସମ୍ପ୍ରତି ବିଶ୍ୱସ୍ତରରେ ୬ଷ୍ଠ ସର୍ବବୃହତ ଜୁଏଲାରୀ ରିଟେଲର ଏବଂ ଡିଲଏଟ୍ର ଲକ୍ସରୀ ଗୁସ୍ ଗ୍ୟାଙ୍କିଙ୍ଗରେ ୧୯ତମ ସ୍ଥାନରେ ରହିଛି । ଏହାର ୧୩ଟି ରାଷ୍ଟ୍ରରେ ରାଷ୍ଟ୍ରରେ ୩୮୦ରୁ ଅଧିକ ସୋ'ରୁମ୍ ସହିତ ମଜଭୂତ ରିଟେଲ ନେଟୱର୍କ ରହିଛି ଏବଂ ତାହାସହିତ ଭାରତ, ମଧ୍ୟପ୍ରାଚ୍ୟ, ସୁଦୂର ପ୍ରାଚ୍ୟ, ଆମେରିକା, ବ୍ରିଟେନ, କାନାଡା ନାଜା ଏ ଏବଂ ଅଷ୍ଟ୍ରେଲିଆ ଆଦି ରାଷ୍ଟ୍ରରେ ଏକାଧିକ କାର୍ଯ୍ୟାଳୟ, ଡିଜାଇନ ସେଣ୍ଟର, ହୋଲ୍ସେଲ ୟୁନିଟ ୟୁନିଟ ଏବଂ କାରଖାନା ରହିଛି ।

# ବଡ ଭାଇକୁ ଶାବଳ ଭୁସି ସାନଭାଇର ହତ୍ୟା ଉଦ୍ୟମ



କୁଆଁପାଳ,(ସବ୍ୟୁ): ମାହାଙ୍ଗା ଥାନା କୁମୁଡା ଜୟପୁର ଫାଣ୍ଡି ଅଧିନ କୁହୁଣ୍ଡା ପଂଚାୟତ କୁମୁଡାହାଟ କେଳା ବସ୍ତିରେ ପୂର୍ବ ଶତ୍ରୁତାରୁ ବଡଭାଇକୁ ଶାବଳରେ ଭୁସି ସାନ ଭାଇର ହତ୍ୟା ଉଦ୍ୟମ ଭଳି ଅଭାବନୀୟ ଘଟଣା ଘଟି ଯାଇଛି । ଖବରରୁ ପ୍ରକାଶ ଗତକାଲି ରାତି ପ୍ରାୟ ୧୦ ସମୟରେ ରାଜୁ ଦାସ ତାର ସାନ ଭାଇ ବିଜୁ ଦାସ ସହ ସ୍ଥାନୀୟ ନିକଟସ୍ଥ ଢାବାକୁ ଖାଇବାକୁ ଆସିଥିଲେ । ତାର ସାନ ଭାଇ ବିଜୁ ବଡ ଭାଇ ରାଜୁକୁ ମଦ ପିଆଇଥିଲା । ବଡ ଭାଇ ରାଜୁକୁ ନିଶା ହୋଇଯିବା ପରେ କୁଆଁପାଳ ଗାଁ ନିକଟରେ ଥିବା ଏକ ମୁଗ ବିଲକୁ ଡାକି ନେଇ ଶାବଳରେ ତାର ପେଟକୁ ଭୁସି ଆକ୍ରମଣ କରିଥିଲା । ଯାହା ଫଳରେ ରାଜୁ ସଂଜ୍ଞାହୀନ ହୋଇଯିବା ପରେ ବିଜୁ ଭାବିଲା ତାର ବଡ ଭାଇ ମରିଯାଇଛି । ପରେ ସେଠାରୁ ବିଜୁ ପଳାଇ ଯାଇ ଘର କୁମୁଡାହାଟକୁ ଯାଇ ତାର ପରିବାରକୁ ନେଇ ରାତାରାତି ଫେରାର ହୋଇ ଯାଇଥିଲେ । ବିଜୁ ଘରେ ପହଂଚିବା ପରେ ବଡଭାଇ ରାଜୁର ସ୍ତ୍ରୀ ଭାଇ କୁଆଡେ ଭଲା ପଚାରିବାରୁ ସେ ପଛରେ ଆସୁଛି ବୋଲି କହି ଚାଲି ଯାଇଥିଲା । ରାଜୁ ନ ଆସିବାରୁ ତାର ପତ୍ନୀ ଚିନ୍ତାରେ ରାତିରେ ରହିଥିଲା । ସକାଳ ହେବା ପରେ ବହୁ ଜାଗା ଖୋଜାଖୋଜି କରିଥିଲା । ହେଲେ ରାଜୁର ସନ୍ଧାନ ମିଳିପାରିନଥିଲା । ସକାଳ ୧୦ଟା ସମୟରେ ବିଜୁ ତାର ଭଉଣୀକୁ ଫୋନ କରି କହିଲା ଯେ ମୁଁ ଭାଇକୁ ଭୁସି ମାରି କୁଆଁପାଳ ପୋଲ ନିକଟରେ ଫୋପାଡି ଦେଇ ଆସିଛି । ଏହି ଖବର ରାଜୁର ପତ୍ନୀ ଜାଣିବା ପରେ ସ୍ଥାନୀୟ ଲୋକଙ୍କ ସହାୟତରେ ଖୋଜାଖୋଜି କରିଥିଲେ । କିନ୍ତୁ ରାଜୁର ସନ୍ଧାନ ପାଇନଥିଲେ । ହେଲେ କୁଆଁପାଳ ଗାଁର ଜଣେ ଯୁବକ ମୁଗ ବିଲକୁ ଯାଇଥିବା ସମୟରେ ରାଜୁକୁ ମୁର୍ମୁଷ ଅବସ୍ଥାରେ ଦେଖି ପରିବାରକୁ ଖବର ଦେଇଥିଲେ । ଖବର ଦିଆଯିବାପରେ କୁଆଁପାଳ ଦମକଳବାହିନୀ ସେଠାରେ ପହଂଚି ମୁର୍ମୁଷ ଅବସ୍ଥାରେ ରାଜୁକୁ ଉଦ୍ଧାର କରି ପ୍ରଥମେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ ଓ ଅବସ୍ଥା ଗୁରୁତର ହେବାରୁ ରାଜୁକୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି । ଖବର ପାଇ ମାହାଙ୍ଗା ଥାନା ଆଇଆଇସି ତପନ କୁମାର ରାଉତ ଏବଂ ଏସଏସଆଇ ରାକେଶ ଖୁଂଟିଆ ଘଟଣାସ୍ଥଳରେ ପହଂଚି ସେଠାରେ ଏକ ଛୋଟ ଶାବଳ,ଟର୍ଚ୍ଚ ଲାଇଟ ,ଏକ କମ୍ବଳ ଓ ଏକ ଗାମୁଛା ଉଦ୍ଧାର କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ଅଭିଯୁକ୍ତ ସାନ ଭାଇ ବିଜୁ ଫେରାର ଥିବା ଜାଣି ତତ୍କ୍ଷଣାତ୍ ମାହାଙ୍ଗା ଆଇଆଇସି ଶ୍ରୀ ରାଉତ ଏକ ଟିମ ସହ ବାଲିଚନ୍ଦ୍ରପୁର ଜାତୀୟ ରାଜପଥ ପୋଲ ତଳୁ ଗିରଫ କରି ଥାନାକୁ ଆଣି ପଚାରପଚରା କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି । ଅଭିଯୁକ୍ତ ବିଜୁ ବିଭିନ୍ନ ଚୋରି ଓ ଅପରାଧିକ କାର୍ଯ୍ୟରେ ଲିପ୍ତ ଥିବା ପୋଲିସ ଜାଣିବାକୁ ପାଇଛି ।

# କୃଷ୍ଣଦାସପୁର – ରତ୍ନଗିରି ରାସ୍ତା ନିର୍ମାଣରେ ଦୁର୍ନୀତି : ୨୯ କୋଟି ପାଣିରେ ପଡିବା ଆଶଂକା

ଚଣ୍ଡିଖୋଲ,(ସବ୍ୟୁ) :ଚାରବାଟିଆ ପୂର୍ତ୍ତ ଡିଭିଜନ ଓ ବଡଚଣା ସବଡିଭିଜନ ଅଧିନରେ ଚାଲିଥିବା କୃଷ୍ଣଦାସପୁର – ରତ୍ନଗିରି ରାସ୍ତାର ନିର୍ମାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଏବଂ ଅତି ନିମ୍ନମାନର କଞ୍ଚାମାଲ ବ୍ୟବହୃତ ହେଉଥିବା ଅଭିଯୋଗ ହୋଇଛା କୋଟି କୋଟି ଟଙ୍କା ବ୍ୟୟରେ ଏବେ ଏହି ରାସ୍ତା ନିର୍ମାଣ ଚାଲୁ ରହିଥିଲା ବେଳେ ନିର୍ମାଣ କାମ ଶେଷ ମୁଣ୍ଡରେ ପହଞ୍ଚିବା ପୂର୍ବରୁ ବହୁ ସ୍ଥାନରେ ରାସ୍ତା ନଷ୍ଟଭ୍ରଷ୍ଟ ହୋଇଗଲାଣି। ଫଳରେ ଏହି ରାସ୍ତା ନିର୍ମାଣ ପାଇଁ ମଞ୍ଜୁର ହୋଇଥିବା ୨୯ କୋଟି ୪୯ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ପାଣିରେ ପଡିବା ଆଶଂକା ପ୍ରକାଶ ପାଇଛି ।୧୬ କିମି ଦୈର୍ଘ୍ୟ ବିଶିଷ୍ଟ ଏହି କୃଷ୍ଣଦାସପୁର – ରତ୍ନଗିରି ରାସ୍ତାର ର୍ନିମାଣ ପାଇଁ ଗତ ୨୦୨୨ ମସିହାରେ ୨୯ କୋଟି ୪୯ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଥିଲା । ଟେଣ୍ଡର ପରେ କୋଣାର୍କ ଇନୋଭେସନ ନାମକ ଠିକା ସଂସ୍ଥା ରାସ୍ତାର ନିର୍ମାଣ କାମ ପାଇଥିଲା । ୨୦୨୩ ମସିହା ଜାନୁଆରୀ ୫ ତାରିଖରେ ନିର୍ମାଣ କାମ ଆରମ୍ଭ ହୋଇ ୨୦୨୪ ମସିହା ଅକ୍ଟୋବର ୩୧ ତାରିଖ ମଧ୍ୟରେ ଶେଷ ହେବାକୁ ସଂପୃକ୍ତ ଠିକା ସଂସ୍ଥା ପୂର୍ତ୍ତ ବିଭାଗର ଚାରବାଟିଆ ନିର୍ବାହୀ ଯନ୍ତ୍ରୀଙ୍କ ସହ ଚୁକ୍ତି କରିଥିଲା ।ଇତି ମଧ୍ୟରେ ଚୁକ୍ତି ଅବଧିର ସମୟସୀମା ୫ ମାସ ପୂର୍ବରୁ ଶେଷ ହୋଇ ଯାଇଛ ।ହେଲେ ଅଦ୍ୟାବଧି ରାସ୍ତାର ନିର୍ମାଣକାମ ଅଧାପନ୍ତରା ହୋଇ ପଡିରହିଛି । ରାସ୍ତାର ବ୍ୟାପକ ସ୍ଥାନରେ ସଦ୍ୟ ପଡିଥିବା ପିଚୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ସହ ତା ତଳୁ ବିଛାଯାଇଥିବା କଳା ମେଟାଲ ଉଠିଯାଇଛି ।ଫଳରେ ରାସ୍ତାର ବହୁ ସ୍ଥାନରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି । ଏତେ ଟଙ୍କା ବ୍ୟୟରେ ନିର୍ମାଣହୋଇଥିବା ରାସ୍ତା ମାତ୍ର କେଇଟା ଦିନପରେ କିପରି ଓ କାହିଁକି ନଷ୍ଟ ହେଉଛି ତାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି ।ରାସ୍ତାର ଏପରି ସ୍ଥିତିନେଇ ସ୍ଥାନୀୟ ଲୋକେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ତିନିମାସ ପୂର୍ବରୁ ଦାବି କରିଥିଲେ ମଧ ଅଦ୍ୟାବଧି ସେଥିପ୍ରତି କେହି ଦୃଷ୍ଟି ଦେଇନଥିବା ଅଭିଯୋଗ ହୋଇଛି ।ଅପରପକ୍ଷରେ ଚୁକ୍ତି ଖିଲାପକରି ର୍ନିଦ୍ଧାରିତ ସମୟସୀମା ମଧ୍ୟରେ କାମ ଶେଷ କରିନଥିବା ସଂପୃକ୍ତ ଠିକା ସଂସ୍ଥା ବିରୁଦ୍ଧରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା ଜଣାପଡିଛି ।ଏ ସମ୍ପର୍କରେ ବଡଚଣାର ବିଭାଗୀୟ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ତପନକୁମାର ସେଠୀଙ୍କୁ ପଚାରିବାରେ ସେ ନିର୍ମାଣଧିନ ରାସ୍ତା କେତେକ ସ୍ଥାନରେ ନଷ୍ଟ ହୋଇଥିବା ଓ ଚୁକ୍ତି ଅବଧି ଶେଷ ହୋଇଥିବା ସ୍ୱୀକାର କରିଥିଲେ । ଏଥିନେଇ ତାଙ୍କ ପକ୍ଷରୁ ସଂପୃକ୍ତ ଠିକା ସଂସ୍ଥା କୋଣାର୍କ ଇନୋଭେସନକୁ କାରଣ ଦର୍ଶାଅ ନୋଟିସ ଯାରୀ କରାଯାଇଥିବା ସେ କହିଥିଲେ ।

## ଅଜଣା ବ୍ୟକ୍ତିଙ୍କ ସହ ଛାତ୍ର ନିଖୋଜ: ସିସିଟିଭି ଯାଞ୍ଚ

ମାହାଙ୍ଗା ,(ସବ୍ୟୁ) :ଭଦ୍ରେଶ୍ୱର ଥାନା ଅର୍ନ୍ତଗତ ପୋଡାମରାଇ ପଂଚାୟତର ଅଲିଅରା ଗ୍ରାମର ସୁରେନ୍ଦ୍ର ଖଟୁଆଙ୍କ ପୁଅ ବିଶ୍ୱଜିତ ଖଟୁଆ (୧୬) ଅଜଣା ବ୍ୟକ୍ତିଙ୍କ ସହ ନିଖୋଜ ହୋଇଥିବା ଭଦ୍ରେଶ୍ୱର ଥାନାରେ ଅଭିଯୋଗ ହୋଇଛି। ଏ ସଂପର୍କରେ ଭଦ୍ରେଶ୍ୱର ଥାନାରେ ୧୨/୨୫ରେ ଏକ ମମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଇଛି। ବିଶ୍ୱଜିତ୍ ମାଟ୍ରିକ ପରୀକ୍ଷା ଦେଇଥିଲେ। ଗତ ବୁଧବାର ଦିନ ଜଣେ ଅଜଣା ବ୍ୟକ୍ତିଙ୍କ ସହ ବାଇକ୍ ବସି ପଳାଇଯାଇଥିବା ପରିବାର ପକ୍ଷରୁଅଭିଯୋଗ ହୋଇଛି। ସନ୍ଧ୍ୟାରେ ବିଶ୍ୱଜିତ୍ ଘରୁ ଫେରି ନଥିବାରୁ ପରିବାର ଲୋକେ



ଖୋଜାଖୋଜି ଆରମ୍ଭ କରିଥିଲେ। ବିଶ୍ୱଜିତ୍‌ଙ୍କୁ ନପାଇବାରୁ ଗତ ଗରୁବାର ଦିନ ଥାନରେ ଲିଖିତ ଅଭିଯୋଗ କରିଥିଲେ। ଭଦ୍ରେଶ୍ୱର ଥାନାଅଧିକାରିଣୀ ଏହି ଘଟଣାକୁ ଗୁରୁତର ନେବା ସହ ବିଶ୍ୱଜିତ୍‌ଙ୍କୁ ଖୋଜିବା ପାଇଁ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରିବାସହ ଏକ ପୋଲିସ ଟିମ୍ ଗଠନ କରି ବିଭିନ୍ନ ଅଂଚଳକୁ ପଠାଇଥିବା ଜଣାପଡିଛି। ଖୁବ୍ ଶୀଘ୍ର ବିଶ୍ୱଜିତ୍‌ର ସନ୍ଧାନ ମିଳିବ ବୋଲି ପୋଲିସ ଆଶାବ୍ୟକ୍ତ କରାଯାଇଥିବା ବେଳେ ପୁଅ ନିଖୋଜ ହେବାକୁ ନେଇ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡିଛନ୍ତି।

# ହୋମଗାର୍ଡ ନିଯୁକ୍ତିରେ ଦଲାଲମାନଙ୍କୁ ସାବଧାନ କଲେ ଏସପି

ଜଗତସିଂହପୁର,(ସବ୍ୟୁ):ହୋମଗାର୍ଡ ନିଯୁକ୍ତି ପାଇଁ ମାତିଛନ୍ତି ଟାଉଟର, ଦଲାଲ ଓ ମିଡିଲ ମ୍ୟାନ।ଏହି ଟାଉଟର ଓ ଦଲାଲଙ୍କ ପ୍ରତି ସାବଧାନ ରହିବାକୁ ପୋଲିସ ପ୍ରଶାସନ ସତର୍କ କରାଇଛି।ଆବେଦନକାରମାନଙ୍କୁ ସତର୍କତା ସୁଚନା ଦେଇଛନ୍ତି ଜଗତସିଂହପୁର ଏସ୍ପି ଭବାନୀ ଶଙ୍କର ଉଦଗାତା । ଜଗତସିଂହପୁର ଜିଲ୍ଲାରେ ଖାଲି ପଡିଥିବା ୯୯ଟି ହୋମଗାର୍ଡ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି ।ଏହା ସହିତ ପୋଲିସ ପ୍ରଶାସନ ପକ୍ଷରୁ ଆବେଦନ କରିବାକୁ ଆସୁଥିବା ଯୁବକ ଯୁବତୀ ମାନଙ୍କୁ କୌଣସି ଦଲାଲ ଦ୍ୱାରା ପ୍ରଲୋଭିତ ନ ହେବା ପାଇଁ ଅନ୍ୟ ଏକ ବିଜ୍ଞପ୍ତିରେ ସଚେତନ କରାଯାଇଛି ।ସ୍ୱଛତାର ସହିତ ଏହି ଚୟନ ପ୍ରକ୍ରିୟା ମେରିଟ ବେସିସରେ କରାଯିବ ବୋଲି ସ୍ପଷ୍ଟ ସୂଚନା ରହିଛି ।ତେଣୁ ଆବେଦନକାରୀ ମାନେ କୌଣସି ମିଡ଼ିଲ ମ୍ୟାନ ବା ଦଲାଲଙ୍କ କଥାରେ ନଯିବାକୁ ବିଭାଗ ସତର୍କ ସୁଚନା ଦେଇଛି ।୨୫ ତାରିଖରୁ ଏହି ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଅପ୍ରେଲ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ।ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଆବେଦନ କାରୀମାନେ ଉଭୟ ସଫ୍ଟ ଅଥବା ହାର୍ଡ କପି ମାଧ୍ୟମରେ ଆବେଦନ କରିପାରିବେ ।ଦିନ ୧୧ ରୁ ୨ ଟା ଓ ଅପରାହ୍ନ ୩ ଟାରୁ ୫.୩୦ ସମୟ ମଧ୍ୟରେ ଆବେଦନକାରୀ ମାନେ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିପାରିବେ ବୋଲି ସୂଚନା ରହିଛି ।ହୋମଗାର୍ଡ ଚୟନ ପ୍ରକ୍ରିୟା ସ୍ୱଛତାର ସହିତ କରାଯିବ ବୋଲି ଦିଆଯାଇଥିବା ସର୍ତ୍ତକ ସୂଚନାକୁ ନେଇ ଆବେଦନକାରୀ ମାନେ ଖୁସି ବ୍ୟକ୍ତ କରିଛନ୍ତି ।ଏହା ସହିତ ଏହି ପ୍ରକ୍ରିୟା ଆବେଦନକାରୀ ମାନେ କୌଣସି ଦଲାଲଙ୍କ କଥାରେ ପ୍ରଲୋଭିତ ନହେବା ପାଇଁ ଏସ୍ପି କହିଛନ୍ତି ।ଏହି ହୋମଗାର୍ଡ ନିଯୁକ୍ତି ପ୍ରକ୍ରୀୟାରେ ଯେଉଁ ଆବେଦନକାରୀଙ୍କ ମଧ୍ୟରେ ଡ୍ରାଇଭିଂ ସହିତ ଅନ୍ୟାନ୍ୟ ଦକ୍ଷତା ରହିଥିବ ସେମାନଙ୍କୁ ଅଗ୍ରାଧୀକାର ଦିଆଯିବ ବୋଲି ଜଣାଯାଇଛି ।ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଯୁବକ ଯୁବତୀ ମାନେ ଏହି ଆବେଦନ ପ୍ରକ୍ରୀୟାରେ ସାମିଲ ହୋଇଥିବା ଦେଖାଯାଇଥିଲା ।ଏହି ଚୟନ ପ୍ରକ୍ରୀୟା ସମୟରେ ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ସହିତ ଦୁର୍ନୀତି ନିବାରଣ ବିଭାଗ,ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ସାମିଲ ହୋଇ କିଭଳି ଏହି ଚୟନ ପ୍ରକ୍ରୀୟା ସ୍ୱଚ୍ଛ ଓ ସାଧୁତାର ସହିତ କରାଯିବ ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଏସପି ଭବାନୀ ଶଙ୍କର ଉଦଗାତା କହିଛନ୍ତି ।

# ଧର୍ମଶାଳା ମିଡିଆ କ୍ଲବର ସ୍ୱାଗତ ଉତ୍ସବ



ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ମିଡିଆ କ୍ଲବର ନୂତନ କର୍ମକର୍ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଉତ୍ସବ ଜାରକାସ୍ଥିତ ହନୁମାନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । କ୍ଲବର ସଭାପତି ସୁଧାକର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବ ରେ ସମସ୍ତ ସଭ୍ୟ ପସ୍ଥିତ ରହିଥିଲେ । କାର୍ଯ୍ୟକାରୀ ସଭାପତି ବିମଳ ପତି ପ୍ରାଥମିକ ସୂଚନା ଦେବା ପରେ ନବନିଯୁକ୍ତ ସଭାପତି ସୁଧାକର ରାଉତ, ସଧାରଣ ସମ୍ପାଦକ ବସନ୍ତ କୁମାର ନାୟକ, ଉପସଭାପତି ସୁଶାନ୍ତ ଗୋଛାୟତ, ସହସଂପାଦକ ସୁଶାନ୍ତ ସାହୁ, ସୋସିଆଲ ମିଡିଆ ସଂଯୋଜକ ଗାୟଧର ନାୟକ, କୋଷାଧ୍ୟକ୍ଷ ସେକ୍ ଆଲ୍ଲା ଉଦ୍ଦିନ ପ୍ରମୁଖ ସଂଗଠନ ସମ୍ପର୍କ ରେ ମତାମତ ରଖିଥିଲେ। ଏହି ଅବସରରେ ନବନିଯୁକ୍ତ କର୍ମକର୍ତାମାନଙ୍କୁ ସଭ୍ୟମାନେ ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏଥିସହ କ୍ଲବର ସଦସ୍ୟ ଅଶୋକ ଦାସ, ତ୍ରିଲୋଚନ ଦାସ, ସୁଶାନ୍ତ କୁମାର ନାୟକ, ଗଗନ ଦାସ ଙ୍କୁ ପୁଷ୍ପ ଗୁଛ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ କ୍ଲବ୍ ର ବାର୍ଷିକ ଉତ୍ସବ ଓ ବିଭିନ୍ନ ବିଷୟ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

# ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟାଳୟରେ ଝୁଲୁଛି ତାଲା




କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପରିସର ରେ ଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ ପୋଗ୍ରାମ ମ୍ୟାନେଜମେଣ୍ଟ କର୍ମଚାରୀ କାର୍ଯ୍ୟାଳୟ ରେ ୧୫ ଦିନ ହେବ ତାଲା ଝୁଲୁଛି । ଓଡିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ନିର୍ଦ୍ଦେଶରେ ଭୁବନେଶ୍ୱର ର ଲୋୟର ପିଏମଜି ଛକରେ ଧାରଣା ଚାଲୁ ଥିବାରୁ ସଂଘର ନିର୍ଦ୍ଦେଶରେ ଏହି କର୍ମଚାରୀ ମାନେ ସେଠାରେ ଯୋଗ ଦେଇ ଗଣ ଧାରଣା ରେ ସାମିଲ ହୋଇଛନ୍ତି । ଜାତୀୟ ସ୍ୱାସ୍ଥ୍ୟ ମିଶନ ପୋଗ୍ରାମ ମ୍ୟାନେଜମେଣ୍ଟ କର୍ମଚାରୀ ମାନଙ୍କର ୨ ଦଫା ଦାବିକୁ ସରକାର ମାନି ନେବା ପାଇଁ କର୍ମଚାରୀ ମାନେ ଧାରଣା ରେ ସାମିଲ ହୋଇଛିଁ । ଯାହା ଫଳରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ରେ ଅଚଳ ଅବସ୍ଥା ଦେଖା ଦେଇଛି । ଏହି ଧାରଣାରେ ସଭାପତି ପ୍ରଶା' କୁମାର ଜେନା, ସଂପାଦକ ଅନିଲ କୁମାର ଧଳ, କୋଷାଧ୍ୟକ୍ଷ ଆଶୁତୋଷ ଜେନା, ଉପଦେଷ୍ଟା ଗୀତାଳୀ ଦାସ ଓ ସର୍ବେଶ୍ୱର ପ୍ରଧାନଙ୍କ ସହିତ ସମସ୍ତ କର୍ମଚାରୀ ସାମିଲ ହୋଇଛନ୍ତି ।

# ଗୋଟିଏ ରାତିରେ ତିନି ଜଣଙ୍କ ଘରୁ ଚୋରି

ବାଲିଚନ୍ଦ୍ରପୁର,(ସବ୍ୟୁ) : ବାଲିଚନ୍ଦ୍ରପୁର ଥାନା ଅଧିନ ଗୋପାଳପୁର ପଞ୍ଚାୟତସ୍ଥିତ ଗଜେନ୍ଦ୍ରପୁର ଗ୍ରାମରେ ଗତ କାଲି ରାତିରେ ତିନି ଜଣଙ୍କ ଘରେ ଚୋର ପସି ଦୁଇ ଜଣଙ୍କ ଘରୁ ଲୁଟ କରିଥିବା ବେଳେ ଜଣଙ୍କ ଘରୁ କିଛି ନେଇପାରିନାହାଁନ୍ତି। ସୂଚନା ମୁତାବକ ଏହି ଗାଁର ସରୋଜ କୁମାର ଭୂୟାଁ, ଗୟାଧର ଜେନା ଓ ଅଭିରାମ ସେନାପତିଙ୍କ ଘରେ ଗତ କାଲି ବିଳମ୍ବିତ ରାତିରେ ଚୋରମାନେ ପସି କଳାକନା ବୁଲାଇଛନ୍ତି। ସରୋଜ କୁମାର ଭୂୟାଁଙ୍କ ଘର ପଛପଟ କବାଟ ଭାଙ୍ଗି ଘରେ ପସି ଆଲମିରା ଭାଙ୍ଗି ନଗଦ ୨୫ ହଜାର ଟଙ୍କା ସହ ଗୋଟିଏ ସୁନା ହାର, ଚେନ, କାନଫୁଲ, ଦୁଇଟି ମୁଦି, ଏକ ହଳ ଶାଙ୍ଖି ଓ ଗୋଟିଏ ମଙ୍ଗଳସୂତ୍ର ଆଦି ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟିନେଇଛନ୍ତି। ଗୟାଧର ଜେନାଙ୍କ ଘରୁ ଦୁର୍ବୃତ୍ତମାନେ କିଛି ସୁନା ଗହଣା ଚୋରି କରିନେଇଥିବା ବେଳେ ଅଭିରାମଙ୍କ ଘରୁ କିଛି ନେଇପାରିନଥିବା ଜଣାପଡ଼ିଛି। ଏ ନେଇ ସରୋଜ କୁମାର ଭୂୟାଁ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ପକ୍ଷରୁ ୮୬/୨୫ରେ ମାମଲା ରୁଜୁ କରାଯାଇ ସନ୍ଧାନି କୁକୁର ସହାୟତାରେ ତଦନ୍ତ ଜାରିରହିଥିବା ଥାନା ସୂତ୍ରରୁ ପ୍ରକାଶ।

## ପିକଅପ ଦୁର୍ଘଟଣାଗ୍ରସ୍ତ ଚାଳକ ଆହତ

ପାଣିକୋଇଲି,(ସବ୍ୟୁ) :ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପୁରୁଣା ଟୋଲଗେଟ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଛିଡ଼ା ହୋଇଥିବା ଏକ ଟ୍ରକ ପଛରେ ଏକ ବତକ ବୋଝେଇ ପିକଅପ ଧକ୍କା ଦେବାରୁ ପିକଅପ ଚାଳକ ଆହତ ହୋଇଛନ୍ତି। ପ୍ରକାଶଯେ କଟକ ଜିଲ୍ଲା ଜଗତପୁରରୁ ବତକ ନେଇ କୋଲକାତା ଅଭିମୁଖେ ଯାଉଥିବା ଏକ ପିକଅପ ଭ୍ୟାନ (ଜେଏଚ୦୫ଡ଼ିସି୨୩୩୮)ର ଚାଳକଙ୍କୁ ନିଦ ଲାଗିଯିବାରୁ ସେ ଟୋଲଗେଟ ଠାରେ ଛିଡ଼ା ହୋଇଥିବା ଏକ ଟ୍ରକ ପଛରେ ଧକ୍କା ଦେଇଥିଲେ। ଫଳରେ ଗାଡ଼ିର ଆଗ ପଟ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଥିବା ବେଳେ ପିକଅପ ଚାଳକ ଗାଡ଼ି ଭିତରେ ଚାପି ହୋଇ ରହିଯାଇଥିଲେ। ଖବର ପାଇ ପାଣିକୋଇଲି ପୁଲିସ ଓ ପାଣିକୋଇଲିର ଅଗ୍ରଣୀ ସାମାଜିକ ସଙ୍ଗଠନ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟ ମାନେ ପହଂଚି ଆହତ ଚାଳକଙ୍କୁ ଉଦ୍ଧାର କରି ଡ଼ାକ୍ତରଖାନା ନେଇଥିଲେ। ପୁଲିସ ଦୁର୍ଘଟଣାଗ୍ରସ୍ତ ପିକଅପକୁ ଜବତ କରିଛି ।

# ସାଲେପୁରରେ ଚୋର ଗ୍ୟାଙ୍ଗର ଉତ୍ପାତ

ସାଲେପୁର,(ସବ୍ୟୁ): ଘରେ ପଶି ହାତ ମୁହଁ ବାନ୍ଧି ପକାଇ, ବନ୍ଧୁକ ଦେଖାଇ ଡକାୟତି କରି ୩୦ଲକ୍ଷ ଟଙ୍କା ଲୁଟ କରିବା ସହ ଲକ୍ଷ ଲକ୍ଷ ଟଙ୍କାର ସୁନାଗହଣା ଚୋରି ଘଟଣାର ୩୬ଘଣ୍ଟା ବିତିଯାଇଥିଲେ ମଧ ଏବେବି ପୋଲିସ ହାତ ଖାଲି । ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ସୂଚନା ଦେଇଛନ୍ତି ସାଲେପୁର ଥାନା ଆଇଆଇସି ଅନିତା ସାହୁ । ଗତ ମାର୍ଚ୍ଚ୧୮ ତାରିଖରେ କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ଆସି ସାଲେପୁର ଥାନାରେ ଏକ ଚୋରି ଘଟଣାରେ ସାମ୍ବାଦିକ ସମ୍ମିଳନୀ କରି ଚୋର ଏବଂ ଜବତ କରିଥିବା ସୁନା ରୁପା ଅଳଙ୍କାର ବିଷୟରେ ସୂଚନା ଦେଇଥିଲେ । ସେହିଦିନ ରାତିରେ ମାହାଙ୍ଗା ଅଞ୍ଚଳରୁ ରାତିରେ ହୋଇଥିବା ବେଳେ ଚୋର ମାନେ ଘରେ ପଶି ବନ୍ଧୁକ ଦେଖାଇ ଲକ୍ଷ ଲକ୍ଷ ଟଙ୍କାର ସୁନା ଗହଣା ଏବଂ ନଗଦ ଟଙ୍କା ନେଇଯାଇଥିଲେ । ଏବେ ଠିକ ଏହାର ପାଞ୍ଚ ଦିନ ପରେ ସାଲେପୁର ଥାନା ଅନ୍ତର୍ଗତ ଯାହାଙ୍ଗିରାବାଦ ଗ୍ରାମର ବିଜୟ ମହାନ୍ତି ଙ୍କ ଘରୁ ସମାନ ଢଙ୍ଗରେ ବନ୍ଧୁକ ଲଗାଇ ଲକ୍ଷ ଲକ୍ଷ ଟଙ୍କାର ସୁନା ଗହଣା ସହିତ ନଗଦ ଟଙ୍କା ଲୁଟ କରି ପୋଲିସ କୁ ଖୋଲା ଚାଲେଞ୍ଜ ଦେଇଛନ୍ତି । ଘଟଣାରୁ ପ୍ରକାଶ କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ଜାହାଙ୍ଗିରାବାଦ ଗାଁ ବିଜୟ ମହାନ୍ତିଙ୍କ ଘରୁ ରାତିରେ ୪ ଜଣ ଡକାୟତ ଆସି ତାଙ୍କୁ ଓ ତାଙ୍କ ପତ୍ନୀଙ୍କ ହାତ ମୁହଁ ବାନ୍ଧି ବନ୍ଧୁକ ଦେଖାଇ ୩୦ଲକ୍ଷ ଟଙ୍କା ସହ ବହୁ ଲକ୍ଷ ଟଙ୍କାର ସୁନା ଅଳଙ୍କାର ନେଇ ପଳାଇଥିବା ସେ ଅଭିଯୋଗ କରିଛନ୍ତି । ସାଲେପୁର ପୋଲିସ ଆସି ତଦନ୍ତ ଜାରି ରଖିଛି । ତେବେ ବିଜୟଙ୍କ ଘରୁ ବହୁ ସଂଖ୍ୟାରେ ବାଇକ ଓ କାର ରହିଥିବା ଦେଖିବାକୁ ମିଳିଥିଲା । ଏ ସବୁ ବନ୍ଧକ ରଖି ସୁଧିଆ ଟଙ୍କା ନେଇଥିବା ଲୋକଙ୍କ ଗାଡି ବୋଲି ଗାଁଲୋକେ କହିଛନ୍ତି ।ଏଥିପାଇଁ ବିଜୟ ସରକାରୀ ଭାବେ ଅନୁବନ୍ଧିତ ହୋଇଛନ୍ତି କି ନାହିଁ ତାହା ଜଣାପଡିନାହିଁ । ପୋଲିସ ଏହି ଘଟଣାର ତଦନ୍ତ କରୁଛି । ଏଠାରେ ପ୍ରଶ୍ନ ଉଠୁଛି ବିଜୟ କାହିଁକି ଏତେ ଟଙ୍କା ଏ ସବୁ ଗାଡି ଓ ସୁନା ଘରେ ରଖିଥିବା ପଛରେ ରହସ୍ୟ କଣ ତାହା ଆଗକୁ ଜଣାପଡିବ ।

# ଓଡ଼ିଶା କଂଗ୍ରେସ ପ୍ରଭାରୀଙ୍କୁ ସ୍ୱାଗତ

ଡେରାବିଶ ,(ସବ୍ୟୁ) :ପାଟକୁରା ନିର୍ବାଚନ ମଣ୍ଡଳୀ ଅଧୀନ ଡେରାବିଶ ବ୍ଲକ ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ ଫାଣ୍ଡି ନିକଟରେ ଆଜି ଅପରାହ୍ନରେ ପାଟକୁରା କଂଗ୍ରେସ ପକ୍ଷରୁ ଅଖିଳ ଭାରତୀୟ ଜାତୀୟ କଂଗ୍ରେସର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲୁଲୁଙ୍କୁ ସ୍ୱାଗତ କରାଯାଇଛି । ଶ୍ରୀ ଲୁଲୁ ଆଜି ସାଂଗଠନିକ କାର୍ଯ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାକୁ ଗ୍ରସ୍ତ ଅବସରରେ ଆସିଥିବା ବେଳେ ପାଟକୁରା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋଙ୍କ ନେତୃତ୍ୱରେ ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ଡେରାବିଶ ବ୍ଲକ କଂଗ୍ରେସ ସଭାପତି ଉମେଶ ତ୍ରିପାଠୀ, ଗରଦପୁର ବ୍ଲକ ସଭାପତି ଜ୍ୟୋତିରଞ୍ଜନ ପରିଡ଼ାଙ୍କ ସମେତ ଶହଶହ କଂଗ୍ରେସ କର୍ମୀ ଚାନ୍ଦୋଳ ବଜାର ଠାରେ ସ୍ୱାଗତ କରିଥିଲେ । ଶ୍ରୀ ଲୁଲୁ ଦଳୀୟ କର୍ମୀମାନଙ୍କୁ ଉତ୍ସାହିତ କରିବା ସହ କଂଗ୍ରେସ ସଂଗଠନକୁ ମଝବୁତ୍ କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ କର୍ମୀରାଜୀବ ଲୋଚନ ମିଶ୍ର, ଜୟଦେବ ପରିଡ଼ା, ନିମାଇଁ ଚରଣ ଯେନା, ପ୍ରମୋଦ କୁମାର ନାଥ, ମାନସ କୁମାର ଯେନା, କମଳ କୁମାର ମହାନ୍ତି, ସୁଧିର ରାଉତ, ନିରଞ୍ଜନ ରାଉଳ, ସୁବାସ ସାମଲ, ରମାକାନ୍ତ ସ୍ୱାଇଁ, ବଂଶିଧର ବେହେରା, ହରିହର ଜେନା, ସୁକଦେବ ସାମଲ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଅଦମପୁର ମେଳଣ

କୁଆଖିଆ ,(ସବ୍ୟୁ) :ରସୁଲପର ବ୍ଲକ ଅନର୍ଗତ ଆଦମପୁର ଦୋଳ ମେଳଣ ଉଦଯାପିତ ହୋଇଯାଇଛି । ଏଥିରେ ନଞ୍ଚ ଆବର ଦୋଳ ବିମାନ ସହ ଟିକରପଡା ,ନୂଆହାଟ ,ବିଲିଶାସନ ,ପରିକାଇଁଛି ଆଦି ବିମାନ ଯୋଗ ଦେଇଥିଲେ । କମିଟିର ପ୍ରଦୀପ ନାୟକ ,ଅଭିମନ୍ୟୁ ପରିଡା, ଲିକୁନ ସାନୁ ଦିପୁ ସହ ଅଦମପୁର ଗ୍ରାମବାସୀ ମିଶି ଦୋଳ ମେଳଣ ପାଳନ କରିଥିଲେ । ୪୨ ତମ ଦୋଳ ମିଳନ ବବି ପତି ,ରବି ପତି ସହ ଗ୍ରାମବାସୀ ପରିଚାଳନା କରିଥିଲେ ।

# ୨୨ତମ ଜାତୀୟ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ



ପାରାଦୀପ,( ଜପ୍ର ):ବନ୍ଦର ନଗରୀ ପାରାଦ୍ୱୀପରେ କ୍ୟାନମାସ ଦ୍ୱାରା ଜୟଦେବ ସଦନ ଠାରେ ଆଠ ଦିନ ଧରି ଆୟୋଜିତ କ୍ୟାନଫେଷ୍ଟ – ୨୦୨୫ ଗତକାଲି ୨୬ ତାରିଖ ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଉଦଯାପନୀ ସନ୍ଧ୍ୟାରେ ସକ୍ଷମ୍ ଥିଏଟର, ନୂଆଦିଲ୍ଲୀର କଳାକାରମାନେ ସୁନିଲ ରାଓ୍ୱତଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ନାଟକ ଶତ୍ରୁ – ଦ ଏନ୍ମି ଓ୍ୱିଦିନ୍ ମଞ୍ଚସ୍ଥ କରିଥିଲେ । ନାଟକଟି ବୌଦ୍ଧ କିମ୍ବଦନ୍ତୀ ଏବଂ ରାଜା ଅଜାତଶତ୍ରୁଙ୍କ ଐତିହାସିକ ପୃଷ୍ଠଭୂମି ଉପରେ ଆଧାରିତ । ଏହା ଧର୍ମନିରପେକ୍ଷତା, ନାରୀବାଦ ଏବଂ ମାନବ ପ୍ରକୃତି ମଧ୍ୟରେ ଥିବା ମାନସିକ ହତାଶା ଏବଂ ହିଂସାତ୍ମକ ପ୍ରଭୃତିର ବିଷୟବସ୍ତୁକୁ ସ୍ପର୍ଶ କରି । ମଗଧର ଶାସକ କୁଣିକ ତାଙ୍କର ମାର୍ଗଦର୍ଶକ ଦେବଦତ୍ତଙ୍କ ପ୍ରୋତ୍ସାହନରେ ପରିଚାଳିତ ହୋଇ ପିତା ବିମ୍ବିସାରଙ୍କୁ ବନ୍ଦୀ କରନ୍ତି ଓ ଶେଷରେ ତାଙ୍କୁ ଭୋକରେ ରଖି ହତ୍ୟା କରନ୍ତି । ବିମ୍ବିସାର ତାଙ୍କ ଯୁବକ ଅବସ୍ଥାରେ ଜଣେ ଅଗ୍ନିମୟ ଏବଂ ଆକ୍ରମଣାତ୍ମକ ଶାସକ ଥିଲେ । ଏପରିକି ତାଙ୍କ ଉତ୍ତରାଧିକାରୀ ସୁନିଶ୍ଚିତ କରିବା ପାଇଁ ସମାନ ଉପାୟରେ ଜଣେ ଋଷିଙ୍କୁ ହତ୍ୟା କରିଥିଲେ । ପରେ ତାଙ୍କ ଦ୍ୱିତୀୟ ପତ୍ନୀ ରାଣୀ ଭାସବିଙ୍କ ପ୍ରଭାବରେ ସେ ବୁଦ୍ଧଙ୍କ ଶିଷ୍ୟ ହୋଇଯାଆନ୍ତି । କୁନେକ ତାଙ୍କର ଏହି ଘୃଣ୍ୟ ଅପରାଧର ପରିଣାମ ସ୍ୱରୂପ କୁଷ୍ଠ ରୋଗରେ ପୀଡିତ । ତାଙ୍କର ନାରୀବାଦୀ ଏବଂ ମୂଲ୍ୟବୋଧ ଦ୍ୱାରାପରିଚାଳିତ ପତ୍ନୀ ବାଜିରା ତାଙ୍କ କାର୍ଯ୍ୟ ଏବଂ ପ୍ରକୃତିରେ ବିରକ୍ତ ହୋଇ ତାଙ୍କ ସନ୍ତାନ ଜନ୍ମ କରିବାକୁ ମନା କରନ୍ତି । ପରିତ୍ୟକ୍ତ ଏବଂ ଦୟନୀୟ ଅବସ୍ଥାରେ କୁନେକ୍ ନିଜକୁ ସମ୍ପୂର୍ଣ୍ଣ ଏକା ପାଆନ୍ତି । ର୍ନିବାସକୁ ଯିବା ପୂର୍ବରୁ ଦେବଦତ୍ତ ତାଙ୍କୁ ବୁଦ୍ଧଙ୍କ ଶରଣ ନେବାକୁ ପରାମର୍ଶ ଦିଅନ୍ତି । କୁନେକ ରାଜଗିରିର ଇଗଲ ଶିଖରକୁ ଯାତ୍ରା କରନ୍ତି ଯେଉଁଠାରେ ବୁଦ୍ଧ କମଳ ସୂତ୍ର ପ୍ରବଚନ ଦେଉଛନ୍ତି । ସେଠାରେ ସେ ତାଙ୍କର ଘୋର ପାପରୁ ମୁକ୍ତି ପାଆନ୍ତି ଏବଂ ଶେଷରେ ଦଶନ୍ଧି ଧରି ମଗଧର ଜଣେ ଶାନ୍ତିପ୍ରିୟ ଏବଂ ଦକ୍ଷ ଶାସକ ହୋଇଯାଆନ୍ତି । ଗ୍ରୀକ୍ ପୌରାଣିକ ନାଟକରେ ଓଡ଼ିପସ ତାଙ୍କ ପିତାଙ୍କୁ ହତ୍ୟା କରନ୍ତି ଏବଂ ଏହି ଭୟଙ୍କର ଅପରାଧର ପରିଣାମ ସ୍ୱରୂପ ଏକ ଦୁଃଖଦ ପରିଣାମ ପାଆନ୍ତି । କୁନେକ ସମାନ ଅପରାଧ କରନ୍ତି, କିନ୍ତୁ ବୌଦ୍ଧ ଧର୍ମର ଦର୍ପଣରେ ସେ ସତ୍ୟର ସାମ୍ନା କରନ୍ତି, ନିଜର ଭୁଲକୁ ଗ୍ରହଣ କରନ୍ତି ଏବଂ ସଂଘର୍ଷ ମାଧ୍ୟମରେ ନିଜକୁ ମୁକ୍ତି ଦିଅନ୍ତି । ଶେଷରେ ସେ ଇତିହାସରେ ଅଜାତଶତ୍ରୁ ଭାବରେ ପରିଚିତ । ଅତିଥି ଭାବେ ଯୋଗଦାନ କରି ବନ୍ଦର ଉପାଧ୍ୟକ୍ଷ ନିଳଭ୍ର ଦାସଗୁପ୍ତା ନାଟକ ଉପରେ ମତାମତ ରଖିବା ସଙ୍ଗେ ସଙ୍ଗେ କଳାକାର ମାନଙ୍କୁ ସମ୍ମାନିତ କରିଥିଲେ।

# ଡେଙ୍ଗୁରା ସଚେତନତା କରାଗଲା ନାହିଁ : ଆସିପାରିଲେନି ହିତାଧିକାରୀ

ନିଶ୍ଚିନ୍ତକୋଇଲି ,(ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମିଳନୀ କକ୍ଷରେ କଟକ ଜିଲ୍ଲାପାଳ ଙ୍କ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅତିରିକ୍ତ ବିଡ଼ିଓ ଅଶୋକ କୁମାର ମହାନ୍ତିଙ୍କ ସଂଯୋଜନାରେ ଏଥିରେ ଜିଲ୍ଲପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଯୋଗ ଦେଇ ମୋଟ୍ ୧୩୬ଟି ବିଭିନ୍ନ ଅଭିଯୋଗ ଶୁଣାଣୀ କରି ଏହାର ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯୋଗ ମଧ୍ୟରେ ଭିନ୍ନକ୍ଷମ ଭତ୍ତା ସମ୍ବନ୍ଧୀୟ ୩ଟି, ଅନ୍ୟାନ୍ୟ ଭତ୍ତା ସମ୍ବନ୍ଧୀୟ ୧୪ଟି ସହ ମୋଟ ମିଶି ୧୩୪ ଟି ବ୍ୟକ୍ତିଗତ ଅଭିଯୋଗ ଓ ଦୁଇଗୋଟି ସାମୂହିକ ଅଭିଯୋଗ ଅନ୍ତର୍ଭୁକ୍ତ ଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋ, ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଂଜନ ଦେଓ , ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ, ଜିଲ୍ଲା ଶିକ୍ଷାଧିକାରୀ ସନ୍ତୋଷ କୁମାର ରାଉତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳୀ ପରିଡ଼ା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ବ୍ଲକ ଶିକ୍ଷାଧିକାରୀ ସଂଯୁକ୍ତା ମହାପାତ୍ର, ବ୍ଲକ ଅଧକ୍ଷା ରୋଜି ସେଠୀ, ସିଡ଼ିପିଓ ସତ୍ୟଭାମା ବିଶୋଇ, ତହସିଲଦାର ଅନିତା ନାୟକ ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଏଥିରେ ଯୋଗ ଦେଇଥିଲେ । ଏଠାରେ ସୂଚନା ଥାଉ କି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ହେବା ପାଇଁ ପୂର୍ବରୁ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଯାଇଥିଲା । ପଂଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଜିଲ୍ଲାପରିଷଦ ସଭ୍ୟ ସଭ୍ୟା, ୪୧ ଟି ପଂଚାୟତର ସମିତିସଭ୍ୟସଭ୍ୟା ଓ ସରପଂଚମାନଙ୍କୁ ପରିପତ୍ର ମାଧ୍ୟମରେ ଲିଖିତ ଅବଗତ କରାଯାଇଥିଲା । ଉକ୍ତ ପରିପତ୍ରରେ ଉଲ୍ଲେଖ ଥିଲା କି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀକୁ ଆସିବା ପାଇଁ ଜନସାଧାରଣମାନଙ୍କୁ ସୂଚନା ପ୍ରଦାନ କରିବାକୁ ପଂଚାୟତ ପକ୍ଷରୁ ପ୍ରତ୍ୟେକ ପଂଚାୟତରେ ଲୋକମାନଙ୍କୁ ଡେଙ୍ଗୁରା ମାଧ୍ୟମରେ ସୂଚନା ଦେବା କଥା । ମାତ୍ର ପଂଚାୟତ ପକ୍ଷରୁ ଡେଙ୍ଗୁରା ବାଡେଇ ଲୋକମାନଙ୍କ ମଧ୍ୟରେ ସଚେତନତା କରାଗଲା ନାହିଁ। ଫଳରେ ବହୁ ଜନସାଧାରଣ ଯୁଗ୍ମ ଅଭିଯୋଗ ଶୁଣାଣୀରେ ଅଂଶ ଗ୍ରହଣ କରିନପାରି ଅସନ୍ତୋଷ ପ୍ରକାଶ କରିଛନ୍ତି ।

## ଧାନଚାଙ୍ଗଡ଼ା ୨ ନାବାଳକ ପୁଅଙ୍କ ହତ୍ୟା ଘଟଣା

# ଡେମୋ ଦେଖାଇଲେ ହତ୍ୟାକାରୀ ବାପା

ଭାପୁର, (ସବ୍ୟୁ) : ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଧାନଚାଙ୍ଗଡା ଗାଁର ୨ ନାବାଳକ ଭାଇ ଆକାଶ (୧୪) ଓ ସାନ ଭାଇ ବିକାଶ ମହାନ୍ତି (୯) ହତ୍ୟା ଘଟଣାର ତଦନ୍ତ ଆରମ୍ଭ କରିଛି କ୍ରାଇମବ୍ରାଞ୍ଚ । ଜେଲରେ ଥିବା ହତ୍ୟା ଅଭିଯୁକ୍ତ ବାପା ଓ ଜେଜେମା'ଙ୍କୁ ରିମାଣ୍ଡରେ ନେଇ ତଦନ୍ତ ହେଉଛି। ବୁଧବାର କ୍ରାଇମବ୍ରାଞ୍ଚ କରିଛି ସିନ ରିକ୍ରିଏସନ । ୨ ନାବାଳକ ଭାଇଙ୍କୁ ହତ୍ୟା କରିବାର ଡେମୋ ଦେଖାଇଲେ ହତ୍ୟାକାରି ବାପା।ଘଟଣାରେ ଅନ୍ୟ କିଏ ସଂପୃକ୍ତ ଅଛନ୍ତି ତାର କାରଣ ବି କ୍ରାଇମବ୍ରାଞ୍ଚ ଖୋଜୁଛି ।ମଙ୍ଗଳବାର ୨ ହତ୍ୟା ଅଭିଯୁକ୍ତଙ୍କୁ ଥାନାକୁ ଅଣାଯାଇ ପଚରାଉଚୁରା କରିଥିଲା। ଏନେଇ ଫତେଗଡ଼ ଥାନା ଆଇଆଇସି ପଞ୍ଚାନନ ପରିଡ଼ାଙ୍କୁ ପଚାରିବାରୁ କ୍ରାଇମବ୍ରାଞ୍ଚ ୭ରୁ ୮ଦିନ ହେବ ତଦନ୍ତ କରୁଥିବା ସ୍ୱୀକାର କରିଛନ୍ତି। ଅନ୍ୟପକ୍ଷେ ହତ୍ୟା ଅଭିଯୁକ୍ତ ରିମାଣ୍ଡରେ ଥିବା କହିଛନ୍ତି। ସୂଚନାଯୋଗ୍ୟ, ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଧାନଚାଙ୍ଗଡା ଗାଁର ପ୍ରକାଶ ମହାନ୍ତ ୧୬ ବର୍ଷ ତଳେ କୁମା ମହାନ୍ତିଙ୍କୁ ବିବାହ କରିଥିଲେ । ଏହି ଦମ୍ପତିଙ୍କ ଆକାଶ ଓ ବିକାଶ ନାମରେ ଦୁଇଟି ପୁଅ ଥଲେ। ସାଢ଼େ ୨ ବର୍ଷ ତଳେ କୁମାଙ୍କ ମୃତ୍ୟୁ ପରେ ପ୍ରକାଶ ଦ୍ୱିତୀୟ ବିବାହ କରିବାକୁ ଉଦ୍ୟମ କରି ଆସୁଥିଲେ । ବଡପୁଅ ବାପାଙ୍କ ୨ୟ ବିବାହକୁ ବିରୋଧ କରୁଥିଲେ। ଗତ ୯ ତାରିଖରେ ଭୁବନେଶ୍ୱରରୁ ଏକ ବିବାହ ପ୍ରସ୍ତାବ ଆସିଥିଲା। ପ୍ରକାଶ ଓ ତାଙ୍କ ମା' ବିବାହକୁ ଶୀଘ୍ର କରିବାକୁ ଚେଷ୍ଟା କରୁଥିଲେ। ବାପାଙ୍କର ବିବାହକୁ ବଡପୁଅ ଆକାଶ ବିରୋଧ କରିବାରୁ ପାଟିତୁଣ୍ଡ ଓ ଯୁକ୍ତିତର୍କ ହୋଇଥିଲା। ରାତିରେ ଶୋଇଥିବାବେଳେ ବାପା ଓ ଜେଜେମା' ମିଶି ଗାମୁଛା ଭିଡ଼ିଦୁଇ ଭାଇଙ୍କୁ ଯୋଜନା ମୁତାବକ ହତ୍ୟା କରିଥିଲେ। ଏହାପରେ ଦୁଇ ଭାଇଙ୍କ ମୃତଦେହକୁ ଛାତରେ ଏକ ବାଉଁଶରେ ଝୁଲାଇ ଆମ୍ବହତ୍ୟାର ରୂପ ଦେବାକୁ ଚେଷ୍ଟା କରିଥିଲେ । ମୃତ ୨ ନାବାଳକଙ୍କ ମାମୁ ଲକ୍ଷ୍ମଣ ନାୟକଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୬୧ (୨୫) ରୁଜୁ କରି ଘଟଣାର ତଦନ୍ତ କରିଥିଲା। ହତ୍ୟା ପ୍ରମାଣିତ ପରେ ଫତେଗଡ଼ ଥାନା ପୋଲିସ ନାବାଳିକଙ୍କ ବାପା ପ୍ରକାଶ ମହାନ୍ତି (୪୦) ଓ ଜେଜେମା' ସଉରୀ ମହାନ୍ତି(୬୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

# ପ୍ରେସ୍ ରୁମ୍ ଦାବି : ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସାମ୍ବାଦିକଙ୍କ ଧାରଣା



ନୟାଗଡ଼, (ସବ୍ୟୁ): ନୟାଗଡ଼ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଏକ ପ୍ରେସ୍ ରୁମ୍ ଖୋଲିବାକୁ ଜିଲ୍ଲା ସାମ୍ବାଦିକ ସଂଘ ଦାବି କରିଆସୁଛି। ବିଭିନ୍ନ ଜନ ସମସ୍ୟା ପ୍ରତିକାର ଓ ସମାଧାନ ନେଇ ଜିଲ୍ଲା କାର୍ଯ୍ୟାଳୟକୁ ଆସୁଥିବା ସାମ୍ବାଦିକଙ୍କ ଲାଗି ପ୍ରେସ୍ ରୁମ୍ ଆବଶ୍ୟକତା ରହିଛି। ହେଲେ ତାହା ଆଜିପର୍ଯ୍ୟନ୍ତ ପୂରଣ କରା ନ ଯିବାକୁ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଦିଆ ଯାଇଥିଲା। ଜିଲ୍ଲା ସାମ୍ବାଦିକ ସଂଘ ବାରମ୍ବାର ଦାବି ସତ୍ତ୍ୱେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରେସ୍ ରୁମ୍ ଖୋଲା ନଯିବା ପ୍ରତିବାଦରେ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଧାରଣା ଦିଆ ଯାଇଥିଲା। ବୁଧବାର ସକାଳ ସାଢ଼େ ୧୦ ଟାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ସଂଘ ସଭାପତି ପ୍ରମୋଦ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସାମ୍ବାଦିକଙ୍କ ଧାରଣା ଚାଲୁ ରହିଥିଲା। ହେଲେ ଧାରଣା ସ୍ଥଳକୁ କୌଣସି ଅଧିକାରୀ ଆସି ନଥିଲେ। ସାମ୍ବାଦିକଙ୍କ ଧାରଣା ସମୟ ମଧ୍ୟରେ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଆସି ନଥିଲେ। ଜିଲ୍ଲା କାର୍ଯ୍ୟାଳୟ ପରିସର ଦପ୍ତରରେ ଉପସ୍ଥିତ ରହିଥିବା ଉପଜିଲ୍ଲାପାଳ ଓ ତହସିଲଦାର ଆଦି ପଦସ୍ଥ ଅଧିକାରୀ ସାମ୍ବାଦିକଙ୍କ ଧାରଣା ଆରମ୍ଭର କିଛି ସମୟ ମଧ୍ୟରେ କାର୍ଯ୍ୟାଳୟ ବାହାରକୁ ଚାଲି ଯାଇଥିଲେ। ମୋଟାମୋଟି କହିବାକୁ ଗଲେ ସାମ୍ବାଦିକଙ୍କ ଧାରଣା ଚାଲିଥିବା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରେ ପଦସ୍ଥ ଅଧିକାରୀଙ୍କ ଚୌକି ଦୀର୍ଘ ଘଣ୍ଟା ଧରି ଖାଲି ରହିଥିଲା। ଫଳରେ ବିଭିନ୍ନ ଅଞ୍ଚଳରୁ କାମ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟଳୟକୁ ଆସିଥିବା ସାଧାରଣ ଲୋକେ ନୀରାଶ ହୋଇ ଫେରିଥିଲେ। ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ପ୍ରମୋଦ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ନିଶିକାନ୍ତ ରଥ ଓ ସୁବାଷ ଚନ୍ଦ୍ର ମହାପାତ୍ର, ଉପସଭାପତି ପୁରୁଷୋତ୍ତମ ମହାପାତ୍ର, ସଂପାଦକ ଜୟେନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଗୋକୁଳ ଷଡ଼ଙ୍ଗୀ, ଉପଦେଷ୍ଟା ଆଦର୍ଶ ପଟ୍ଟନାୟକ , ଶିକ୍ଷାବିତ ଉମର ମଲ୍ଲିକ ଧାରଣାରେ ବସିଥିଲେ। ସଂଘର କର୍ମକର୍ତ୍ତା ମଧ୍ୟରେ ସାମ୍ବାଦିକ ଲୋକନାଥ ମିଶ୍ର, ସନ୍ଦିପ ଲେଙ୍କା, ଶୁଭେନ୍ଦୁ ଦାସ, ସତ୍ୟ ନାରାୟଣ ମିଶ୍ର, ଏମ୍ ଆଉରଙ୍ଗଜେବ, ସନ୍ତୋଷ କୁମାର ଷଡ଼ଙ୍ଗୀ, ଶିବ ନାରାୟଣ ଦାସ, ବିଭୁତି ଭୂଷଣ ପଟ୍ଟନାୟକ, ଯଯାତୀ କେଶରୀ ମହାପାତ୍ର, ଶିବନାରାୟଣ ଦାସ, ରଜଂନ କୁମାର ବେହେରା, ବିକ୍ରମ ସ୍ୱାଇଁ, ଜିତୁନ ମହାପାତ୍ର,ଏବଂ ଦୀପକ ନାୟକ , ଆଦି ସାମ୍ବାଦିକ ଧାରଣାରେ ସାମିଲ ହୋଇଥିଲେ। ଦାବି ପୂରଣ ନେଇ ଜିଲ୍ଲାବ୍ୟାପୀ ସାମ୍ବାଦିକଙ୍କ ଉପସ୍ଥିତିରେ ଆଗାମୀ ଏପ୍ରିଲ ମାସ ୯ ତାରିଖ ରେ ପୁନର୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଧାରଣା ଦିଆଯିବା ସଂପର୍କରେ ସଭାପତି ପ୍ରମୋଦ ପଟ୍ଟନାୟକ ଏଠାରେ ସୂଚନା ପ୍ରଦାନ କରିଛନ୍ତି।

## ବସ ଧକ୍କାରେ ଶିଶୁପୁତ୍ର ମୃତ, ମା ଗୁରୁତର

ପିପିଲି,(ସବ୍ୟୁ) : ବୁଧବାର ପୂର୍ବାହ୍ନ ସାଢେ ୯ଟା ସମୟରେ ଭୁବନେଶ୍ୱର ପୁରୀ ଜାତୀୟ ରାଜପଥର ପିପିଲି ନିକଟବର୍ତ୍ତୀ ଗୁଡ଼ିଆପୋଖରୀ ଛକ ଠାରେ ଏକ ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ୩ ବର୍ଷର ଶିଶୁପୁତ୍ରର ମୃତ୍ୟୁ ହୋଇ ଥିବାବେଳେ ଶିଶୁର ମା ଙ୍କୁ ସ୍ଥାନୀୟ ଲୋକ ମାନେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଇଛନ୍ତ।କୌଶଲ୍ୟାଗଙ୍ଗ ଫାଣ୍ଡି ପୋଲିସ ସୂତ୍ରରୁ ଜଣାଯାଏ ଝିଲି ପ୍ରଧାନ (୩୪)ନାମକ ଜଣେ ମହିଳା ନିଜ ଶିଶୁ ପୁତ୍ର ସହ ରାସ୍ତା ଅତିକ୍ରମ କରୁଥିବା ସମୟରେ ପୁରୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଓଆର ୦୨ଆର ୯୦୨୮ ନମ୍ବର ବିଶିଷ୍ଟଅନ୍ନପୁନ୍ନା ନାମକ ବସ୍ ତାଙ୍କୁ ଧକ୍କା ଦେଇଥିଲା ଫଳରେ ଘଟଣା ସ୍ଥଳରେ ଶିଶୁଟିର ମୃତ୍ୟୁ ହୋଇଥିଲା। ମା ର ଦୁଇଟି ଯାକ ଗୋଡ ଭାଙ୍ଗି ଯିବା ସହ ଶରୀରରେ ଗଭୀର କ୍ଷତ ସୃଷ୍ଟି ହୋଇଛି।ଗୁରୁତର ମହିଳାଙ୍କ ଘର ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ଲାଠିପଡା ଗ୍ରାମରେ ବୋଲି ଜାଣିବାକୁ ମିଳିଛି।ମୂଳ କାମ କରିବା ପାଇଁ ଉକ୍ତ ଅଞ୍ଚଳକୁ ଆସିଥିଲେ।ମାତ୍ର ପୁତ୍ରକୁ ହରାଇବା ଭଳି ଏହି ମର୍ମନ୍ତୁତ ଘଟଣା ତାଙ୍କ ଘର ସଂସାର ମେରୁଦଣ୍ଡକୁ ଭାଙ୍ଗି ଦେଇଛ।ଖବର ପାଇ କୌଶଲ୍ୟାଗଙ୍ଗ ଫାଣ୍ଡି ଅଧିକାରୀ ସନ୍ଦୀପ ଦାସ ଘଟଣା ସ୍ଥଳକୁ ଆସି ମୃତ ଶିଶୁକୁ ବ୍ୟବଚ୍ଛେଦ ପାଇଁ ଭୁବନେଶ୍ୱର ପଠାଇବା ସହିତ ଦୁର୍ଘଟଣା ଘଟେଇଥିବା ବସ୍ କୁ ଜବତ କରି ଫାଣ୍ଡିକୁ ନେଇ ତଦନ୍ତ ଚଳାଇଛନ୍ତି।

## ବଧୂହତ୍ୟା : ସ୍ୱାମୀ, ଶଶୁର ଓ ଦେଢଶୁର କୋର୍ଟ ଚାଲାଣ

କୋଣାର୍କ ,(ସବ୍ୟୁ) : ରାମଚଣ୍ଡୀ ଥାନା ଅଧିନସ୍ଥ ଭୂଆଁ ଗ୍ରାମରେ ନବ ବଧୂକୁ ଶାରିରିକ ଓ ଯୌତୁକ ନିର୍ଯାତନା ଦେଇ ହତ୍ୟା କରିବା ଘଟଣାରେ ବୁଧବାର ଅପରାହ୍ନରେ ମୃତ ନବ ବଧୂର ସ୍ୱାମୀ, ଶଶୁର ଓ ଦେଢଶୁର ପ୍ରମୁଖଙ୍କୁ ରାମଚଣ୍ଡୀ ଥାନା ପୋଲିସ ପକ୍ଷରୁ କୋର୍ଟ ଚାଲାଣ କରାଯାଇଛ। ଖବରରୁ ପ୍ରକାଶ ଯେ ଗତ ମାର୍ଚ୍ଚ ମାସ ୬ ଦିନ ଭୂଆଁ ଗ୍ରାମର ନବ ବଧୂ ସୁଭଦ୍ରା ସେଠୀଙ୍କୁ ତାଙ୍କର ସ୍ୱାମୀ ହେମନ୍ତ କୁମାର ସେଠୀ, ଶଶୁର ସୁବାସ ସେଠୀ, ଦେଢଶୁର ସୁମନ୍ତ କୁମାର ସେଠୀ, ଯାଆ ବର୍ଷା ପ୍ରିୟଦର୍ଶିନୀ ସେଠୀ ଓ ଶାଶୁ ମାଗି ସେଠୀ ଶାରିରୀକ ଓ ମାନସିକ ଦେଇ ଅଧିକ ଯୌତୁକ ଦାବୀ କରି ସେଥିରେ ବିଫଳ ହେବା ଯୋଗୁଁ ମିଳିତ ଭାବେ ହତ୍ୟା କରିଥିବା ନେଇ ମୃତ ନବ ବଧୂର ବାପା ସନାତନ ସେଠୀ ଗତ ୬ ତାରିଖରେ ରାମଚଣ୍ଡୀ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ରାମଚଣ୍ଡୀ ଥାନା ପୋଲିସ ପକ୍ଷରୁ ୧୭/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ରାମଚଣ୍ଡୀ ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପ୍ରକ୍ରିୟାରେ ବିଳମ୍ବ ନେଇ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପୁରୀ ଜିଲ୍ଲା ଏସପିଙ୍କ ନିକଟରେ ଅଭିଯୋଗ କରିଥିଲେ ମୃତ ନବ ବଧୂ ସୁଭଦ୍ରା ସେଠୀଙ୍କ ବାପା ସନାତନ ସେଠୀ। ପୁରୀ ଏସପି ଙ୍କ ନିର୍ଦ୍ଦେଶ କ୍ରମେ ରାମଚଣ୍ଡୀ ଥାନା ଅଧିକାରୀ ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ୬ ଜଣିଆ ଟିମ ଗତ ମଙ୍ଗଳବାର ଭୁବନେଶ୍ୱରରୁ ଅଭିଯୁକ୍ତ ସ୍ୱାମୀ ହେମନ୍ତ କୁମାର ସେଠୀ, ଶଶୁର ସୁବାସ ସେଠୀ ଓ ଦେଢଶୁର ସୁମନ୍ତ କୁମାର ସେଠୀଙ୍କୁ ଗିରଫ କରି ଥାନା ଆଣିଥିଲେ। ବୁଧବାର ଅପରାହ୍ନରେ ଭୂଆଁ ଗ୍ରାମର ମୃତ ନବ ବଧୂ ସୁଭଦ୍ରା ସେଠୀଙ୍କ ହତ୍ୟା ଘଟଣାରେ ସ୍ୱାମୀ, ଶଶୁର ଓ ଦେଢଶୁର ପ୍ରମୁଖଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ରାମଚଣ୍ଡୀ ଥାନା ଅଧିକାରୀ ବସନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି।

## ମହଙ୍ଗା ପଡ଼ିଲା ବକେୟା ବିଲ ଆଦାୟ

# ବିଦ୍ୟୁତ କର୍ମଚାରୀଙ୍କୁ ମାଡ ମାରିଲେ ଉପଭୋକ୍ତା

ବାଙ୍କୀ ,(ସବ୍ୟୁ) : ବାଙ୍କୀ ଥାନା ଅନ୍ତର୍ଗତ ତୁଳସୀପୁର ଗାଆଁ ରେ ବକେୟା ବିଦ୍ୟୁତ ବିଲ୍ ମାଗିବାରୁ ଉପଭୋକ୍ତାଙ୍କ ପୁଅ ବିଲ୍ ମାଗିବାକୁ ଯାଇଥିବା ଦୁଇ ଜଣ କର୍ମଚାରିଙ୍କୁ ମାଡ ମାରି ଥିବା ବାଙ୍କୀ ଥାନାରେ ଅଭିଯୋଗ ହୋଇଛି। ବୁଧବାର ଦିନ ମାର୍ଚ୍ଚ ମାସ ବକେୟା ବିଦ୍ୟୁତ ବିଲ ତୁଳସୀପୁର ଗ୍ରାମର ବିଳାସିନୀ ସାହୁଙ୍କ ଉପରେ ଜୋରିମାନା ବାବଦ ପ୍ରାୟ ଏକ ଲକ୍ଷ ଟଙ୍କା ବିଲ୍ ବକେୟା ଥିଲା। ମାତ୍ର ଅଧା ଟଙ୍କା ଅର୍ଥାତ ୫୦ହଜାର ଟଙ୍କା ଦେବା ପାଇଁ ବିଳାସିନୀ ସାହୁଙ୍କ ପୁତ୍ର ରଙ୍କ ନିଧି ସାହୁ କହିବାରୁ ବିଦ୍ୟୁ କର୍ମଚାରିମାନେ ଏକ ଲକ୍ଷ ଟଙ୍କା ଦାବି କରି ସମ୍ପୂର୍ଣ୍ଣ ଟଙ୍କା ପୈଠ ନ କଲେ ବିଦ୍ୟୁତ ବିଛିନ୍ନ କରାଯିବ କହି ଖୁଣ୍ଟି ରେ ଚଢ଼ି ସଂଯୋଗ ବିଚ୍ଛିନ୍ନ କରିବାରୁ ଉତକ୍ଷିପ୍ତ ହୋଇ ରଙ୍କ ନିଧି ଦୁଇ କର୍ମଚାରିଙ୍କୁ ମାଡ ମାରି ଥିବାର ବାଙ୍କୀ ଥାନାରେ ଅଭିଯୋଗ କରିଛନ୍ତି। ବାଙ୍କୀ ପୋଲିସ ତୁଳସୀପୁରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ମାଙ୍କଡା ପଥର ଖଣିରେ ପୋଲିସ ଚଢାଉ : ୨ ଅଟକ

ଟାଙ୍ଗୀ,(ସବ୍ୟୁ) :ଟାଙ୍ଗୀ ଥାନା ଅଧିନସ୍ଥ ଚଣ୍ଡେଶ୍ୱର ନିକଟରେ ଥିବା ତଳଗଡ ମୌଜାରେ ଥିବା ବେଆଇନ ମାଙ୍କଡା ପଥର ଖଣିରେ ଟାଙ୍ଗୀ ଆଇଆଇସି ସୁଶାନ୍ତ କୁମାର ବେହେରା ସଦଳବଳ ଟାଙ୍ଗୀ ତହସିଲ ଅଧିନସ୍ଥ ଚଣ୍ଡେଶ୍ୱର ନିକଟରେ ଥିବା ବେଆଇନ ମାଙ୍କଡା ପଥର ଖଣିରେ ଚଢାଉ କରି ବିପୁଳ ପରିମାଣର ଜେସିବି, ମିଡ଼ିୟମ, ମିନିଟ୍ରକ, ପାୱାରଟିଲର ଓ ମୋଟରସାଇକେଲ ଜବତ କରି କୁହୁଡି ଫାଣ୍ଡି ରେ ମହଯୁଦ ରଖିଥିବା ବେଳେ ଏହି ଥାନା ଅଧିନସ୍ଥ କୁହୁଡି ଗୋପୀନାଥପୁରର ମନୋଜ ଭାରିମଲ ଡ୍ରାଇଭର,ଓ ଏହି ଥାନା ଅଧିନସ୍ଥ ଦିକ୍ଷିତପଡା ର ଅନ୍ୟ ଜଣେ ଜେସିବି ଡ୍ରାଇଭର ଅମଜାଦ ଖାଁ କୁ ପୁଲିସ ଅଟକ ରଖି ଘଟଣାର ତଦନ୍ତ କରୁଥିବା ବେଳେ ୨୦୨ ନମ୍ବର ରେ ଏକ ମୋକଦ୍ଦମା କରିଥିବା ପୁଲିସ ସୂତ୍ରରୁ ପ୍ରକାଶ। ସୂଚନା ଥାଉକି ସରକାରଙ୍କ ନୂତନ ନିୟମାନୁସାରେ ଖଣି ବିଭାଗକୁ ଦାୟିତ୍ୱ ଦିଆଯାଇଥିବା ବେଳେ ବିଗତ ଦିନରେ ତହସିଲଦାର ଓ ରାଜସ୍ୱ ନିରିକ୍ଷକ ମାନଙ୍କୁ ବେଆଇନ ମାଙ୍କଡା ପଥର ଖଣି ଚଢାଉ ଦାୟିତ୍ୱ ନ୍ୟସ୍ତ ଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ କଥା ହେଲା ସରକାର କେବେଳ ପାୱାର ବଦଳାଇଲେ ହେଲେ ଚୋରାଚାଲାଣ ରେ କୌଣସି ଫରକ ପଡିନାହିଁ ।

# ବକେୟା ଋଣ ଅର୍ଥ ଆତ୍ମସାତ : ଏଜେଣ୍ଟ ଗିରଫ

ବାଲୁଗା,(ସବ୍ୟୁ) :ବାଲୁଗାଁ ସ୍ଥିତ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରେ କାର୍ଯ୍ୟରତ ୨ ଜଣ ଏଜେଣ୍ଟ ବକେୟା ଲକ୍ଷାଧିକ ଋଣ ଟଙ୍କା ଆଦାୟ କରି ଆତ୍ମସାତ କରିଥିବା ନେଇ ପୋଲିସରେ ଅଭିଯୋଗ ହୋଇଛି ।ଏହି ଘଟଣାରେ ପୋଲିସ ତଦନ୍ତ କରି ସମ୍ପୃକ୍ତ ଜଣେ ଏଜେଣ୍ଟକୁ ଗିରଫ କରିଥିବା ବେଳେ ଅନ୍ୟଜଣେ ସହକର୍ମୀ ଫେରାର ଥିବା ଜଣାଯାଇଛି । ଗିରଫ ଅଭିଯୁକ୍ତ ହେଲେ ସୌମ୍ୟ ରଞ୍ଜନ ଦେହୁରୀ (୨୮), ଘର ଢେଙ୍କାନାଳ ଜିଲ୍ଲା ରାସୋଳ ଥାନା ଧୂଆଳି ପାଳ ଗ୍ରାମରେ ବୋଲି ଜଣାପଡିଛି । ବାଲୁଗାଁ ସ୍ଥିତ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଅନ୍ନପୂର୍ଣ୍ଣା ଫାଇନାନ୍ସରେ ସୌମ୍ୟରଞ୍ଜନ ଦେହୁରୀ ଏବଂ ଅନ୍ୟ ଜଣେ ସହକର୍ମୀ ଦୁହେଁ ଋଣ ଆଦାୟ ଏଜେଣ୍ଟ ଭାବେ କାର୍ଯ୍ୟ କରନ୍ତି ।ଗତ ୧୨ ତାରିଖରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ବାଲୁଗାଁ ଶାଖାରେ ଅଡିଟ ହୋଇଥିଲା । ଉକ୍ତ ଅଡିଟରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଠାରୁ ଋଣ ଆଦାୟ ଅର୍ଥ ମୋଟ ୩ଲକ୍ଷ ୫୧ହଜାର ଟଙ୍କା କାର୍ଯ୍ୟାଳୟରେ ଜମା ନ କରି ଉପରୋକ୍ତ ଦୁଇ ଏଜେଣ୍ଟ ଆତ୍ମସାତ କରିଥିବା ଜଣାପଡିଥିଲା ।ବିଭାଗୀୟ କର୍ତ୍ତୃପକ୍ଷ ଉଭୟଙ୍କୁ ଡାକି କୈଫତ ମାଗିବାରେ ୨୨ ତାରିଖ ସୁଦ୍ଧା ସମସ୍ତ ଟଙ୍କା ପଇଠ କରିଦେବେ ବୋଲି ପ୍ରତିଶୃତି ଦେଇଥିଲେ ।କିନ୍ତୁ ପ୍ରତିଶୃତି ମୁତାବକ ପଇଠ ନ କରିବାରେ ଭୁବନେଶ୍ୱର କାର୍ଯ୍ୟାଳୟର କଲେକସନ ବିଭାଗ ମୁଖ୍ୟ ପରିଚାଳକ ଅବଦୁଲ ନାଜିମ ଖାନ ଏ ସଂକ୍ରାନ୍ତରେ ବାଲୁଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ କେସ ନଂ ୮୭/୨୫ରେ ମାମଲା ରୁଜୁ କରିବା ସହ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ସୌମ୍ୟରଞ୍ଜନକୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛନ୍ତି । ତେବେ ଅନ୍ୟତମ ଅଭିଯୁକ୍ତକୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ଜୟ ପ୍ରକାଶ ପରିଡା ସୂଚନା ଦେଇଛନ୍ତି ।

# ତାଳବସ୍ତ ମୁଣ୍ଡା ସାହି ନିକଟରେ ଦନ୍ତା ହାତୀ ମୃତ

ବାଙ୍କୀ (ସବ୍ୟୁ) : ଚନ୍ଦକା ଡମପଡ଼ା ଅଭୟାରଣ୍ୟର ନିକଟସ୍ଥ ତାଳବସ୍ତ ମୁଣ୍ଡାସାହି ନିକଟରେ ଅସୁସ୍ଥ ଦନ୍ତା ହାତୀର ମୃତ୍ୟୁ ହୋଇଥିବାର ସୂଚନା ମିଳିଛି। ଗତ ୧୯ତାରିଖ ଦିନ ଠାରୁ ହାତୀ ହାତୀ ମଧ୍ୟରେ ଲଢେଇ ହୋଇ କ୍ଷତାକ୍ତ ହୋଇଥିଲା। ସେ ହାତୀକୁ ଟ୍ରାଙ୍କୁଲାଇଜ କରା ଯାଇ ଚିକିତ୍ସା କରା ଯାଉଥିଲା। ମାତ୍ର ତାର ରକ୍ତ ନମୂନା ପରୀକ୍ଷା କରିବା ପରେ ତାହା ହର୍ପିସ ରୋଗରେ ଆକ୍ରାନ୍ତ ହୋଇଥିବାର ଜଣା ପଡିଥିଲା। ବୁଧବାର ସନ୍ଧ୍ୟାରେ ହାତୀ ଟିର ମୃତ୍ୟ ଘଟିଛି। ଆସନ୍ତା କାଲି ଗୁରୁବାର ବ୍ୟବଚ୍ଛେଦ କରାଯିବ ବୋଲି ଚନ୍ଦକା ଡମପଡ଼ା ଅଭୟାରଣ୍ୟ ଡି,ଏଫ୍, ଓ, ଶରତ କୁମାର ବେହେରା ସୂଚନା ଦେଇଛନ୍ତି ।

---

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

### ଅଧିସୂଚନା

**No RDM-LAA-MBJ-0005-2025-3582/R&DM, Dated 31 JAN 2025**

**XXI-75 :** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ **ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦୁର୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ, ମେରଦା ସବ୍-ମାଇନର, କୁସୁନପୁରା ସବ୍-ମାଇନର** ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ମେରଦା, ଥାନା-ବୈଶିଙ୍ଗା, ନଂ. ୧୧୭, ତହସିଲ-ବେତନଟୀ, ଜିଲ୍ଲା-ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୪.୨୬ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act.2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

1. **ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ -** ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦୁର୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ, ମେରଦା ସବ୍-ମାଇନର, କୁସୁନପୁରା ସବ୍-ମାଇନର ନିର୍ମାଣ ନିମନ୍ତେ ।
2. **ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ -** ଅଧିକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ ।
3. **କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ :** ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।
4. **ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ -** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
5. **ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ :** ଉପ ଜିଲ୍ଲାପାଳ, ବାରିପଦା ।
6. **ଜମିର ବିବରଣୀ :**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ମେରଦା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୩୧.୦୫ | ଏ. ୪.୨୬ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ୦.୨୧ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ.୨, ବହଳଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- (ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା - ୩୮/୨୦୨୨
ଏ. ୪.୨୬ ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଦୁର୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ, ମେରଦା ସବ୍-ମାଇନର, କୁସୁନପୁରା ସବ୍-ମାଇନର ନିମନ୍ତେ**
**ମୌଜା- ମେରଦା, ଥାନା-ବୈଶିଙ୍ଗା, ନଂ-୧୧୭, ତହସିଲ-ବେତନଟୀ, ଜିଲ୍ଲା-ମୟୂରଭଞ୍ଜ**

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୨ | ୧୧୪୯ | ୦.୨୨ | ୦.୦୮ | ଶାରଦ ଏକ | ଅଜୟ କୁମାର ଦାସ, ପି: କୃଷ୍ଣଚନ୍ଦ୍ର ଦାସ, ଜା: ବ୍ରାହ୍ମଣ, ବା-ନିଜଗାଁ |
| ୩ | ୭୨୪<br>୭୩୭ | ୦.୬୬<br>୨.୬୩ | ୦.୦୨<br>୦.୦୨ | ଶାରଦ ଏକ<br>ଶାରଦ ଏକ | ଅଜିତ କୁମାର ଦାସ, ପି: କୃଷ୍ଣଚନ୍ଦ୍ର ଦାସ, ଜା-ବ୍ରାହ୍ମଣ, ବା- ନିଜଗାଁ |
| ୬ | ୭୪୮<br>୮୦୧ | ୦.୨୫<br>୦.୧୫ | ୦.୦୨<br>୦.୦୧ | ଶାରଦ ଏକ<br>ଶାରଦ ଏକ | ଅଜିତ କୁମାର ଡଗରା, ପି: ମାଧବ ଡଗରା, ଜୟନ୍ତୀ ଡଗରା, ପି: ଗଜେନ୍ଦ୍ର ଡଗରା, ସୀତାରାଣୀ ଡଗରା, ସ୍ୱା : ଗଜେନ୍ଦ୍ର ଡଗରା, ସୁଦାମ ଡଗରା, ପି: କୃଷ୍ଣଚନ୍ଦ୍ର ଡଗରା, ରାଧାମଣୀ ଡଗରା, ସ୍ୱା: କୃଷ୍ଣଚନ୍ଦ୍ର ଡଗରା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୮ | ୫୨୧ | ୦.୩୦ | ୦.୦୧ | ପଡିତ | ଅନ୍ତର୍ଯ୍ୟାମି ବୋର୍ଡ, ଅନାଦି କୁମାର ବୋର୍ଡ, ଅମୂଲ୍ୟ କୁମାର ବୋର୍ଡ, ପି : ମହେନ୍ଦ୍ର ବୋର୍ଡ, ଜା-ଖଣ୍ଡାୟତ, ବା: ନିଜଗାଁ |
| ୯ | ୨୯୮<br>୮୩୩<br>୨୯୯ | ୦.୩୧<br>୦.୩୦<br>୦.୪୫ | ୦.୧୦<br>୦.୦୩<br>୦.୨୬ | ଆଶୁ<br>ଶାରଦ ତିନି<br>ଆଶୁ | ଅନ୍ତର୍ଯ୍ୟାମି ବୋର୍ଡ, ଅନାଦି ବୋର୍ଡ, ଅମୂଲ୍ୟ ବୋର୍ଡ, ପି: ମହେନ୍ଦ୍ର ବୋର୍ଡ, ଡୁମୁଣି ବୋର୍ଡ, ସ୍ୱା-ମହେନ୍ଦ୍ର ବୋର୍ଡ ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୨ | ୮୧୮ | ୦.୨୩ | ୦.୦୪ | ଡାହି ଏକ | ଅନାଦି ଚରଣ ଲେଙ୍କା, ପି: ଦିନବନ୍ଧୁ ଲେଙ୍କା, ଲକ୍ଷ୍ମୀଧର ଲେଙ୍କା, ପି: କୃପାସିନ୍ଧୁ ଲେଙ୍କା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୪ | ୭୮୧ | ୦.୨୫ | ୦.୦୫ | ଶାରଦ ଦୁଇ | ଅନାମ ଡଗରା, ପି: କସ୍ତୁରୀ ଡଗରା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୯ | ୭୮୬ | ୦.୩୧ | ୦.୦୪ | ଶାରଦ ଦୁଇ | ଅଲେଖ ଚନ୍ଦ୍ର ବୋର୍ଡ, ପି- ଅପ୍ରତି ବୋର୍ଡ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୪୫ | ୮୭୮/୧୫୧୫ | ୦.୨୧ | ୦.୦୯ | ଶାରଦ ଏକ | କ୍ଷିତିଶ ଚନ୍ଦ୍ର ମହାନ୍ତି, ଜତିଶ ଚନ୍ଦ୍ର ମହାନ୍ତି, ପି: ଗିରିଶଚନ୍ଦ୍ର ମହାନ୍ତି, ଜା: କରଣ, ବା: ନିଜଗାଁ |
| ୫୦ | ୭୯୪ | ୦.୯୮ | ୦.୦୧ | ଶାରଦ ଏକ | ଗଙ୍ଗାଧର ଲେଙ୍କା, ନିଶାକର ଲେଙ୍କା, ପ୍ରଭାକର ଲେଙ୍କା, ଗଣେଶ୍ୱର ଲେଙ୍କା, ଗଣେଶ୍ୱର ଲେଙ୍କା, ପି: ଅଖିଳ ମୋହନ ଲେଙ୍କା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୫୬ | ୮୦୪<br>୮୪୦<br>୮୪୧<br>୭୪୩ | ୦.୧୬<br>୦.୨୬<br>୦.୨୮<br>୦.୬୯ | ୦.୦୫<br>୦.୦୪<br>୦.୦୪<br>୦.୦୨ | ଶାରଦ ଦୁଇ<br>ଶାରଦ ତିନି<br>ଶାରଦ ତିନି<br>ଶାରଦ ଏକ | ଗଣେଶ୍ୱର ଖୁଣ୍ଟିଆ, ପି: ମାଗୁଣି ଚରଣ ଖୁଣ୍ଟିଆ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୬୦ | ୭୫୦/୧୪୮୨ | ୦.୨୮ | ୦.୦୧ | ଶାରଦ ଏକ | ଗିରିଶ୍ଚନ୍ଦ୍ର ଡଗରା, ଅଗିରି ଡଗରା, ପି: ନେତ୍ରାନନ୍ଦ ଡଗରା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୭୪ | ୮୨୫ | ୦.୧୯ | ୦.୦୧ | ଡାହି ଏକ | ଗୋବିନ୍ଦ ଲେଙ୍କା, ଗୋପାଳ ଲେଙ୍କା, ଯଶୋଦା ଲେଙ୍କା, ଲକ୍ଷ୍ମୀ ଲେଙ୍କା, ପି: ଶଙ୍କୁରୁ ଲେଙ୍କା, ରୁକ୍ମଣି ଲେଙ୍କା, ସ୍ୱା: ଶଙ୍କୁର ଲେଙ୍କା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୭୯ | ୮୮୦/୧୪୯୫ | ୦.୩୪ | ୦.୦୧ | ଶାରଦ ଏକ | ଚନ୍ଦ୍ରମଣି ବୋର୍ଡ, ସ୍ୱା: ନରହରି ବୋର୍ଡ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୮୫ | ୮୭୩/୧୪୮୫<br>୮୭୩ | ୦.୪୪<br>୦.୪୪ | ୦.୦୭<br>୦.୦୭ | ଶାରଦ ଏକ<br>ଶାରଦ ଏକ | ଚିନ୍ତାମଣି ମାହାନ୍ତି, ପି ଭାଗବତ ମାହାନ୍ତି, ପଦ୍ମ ଲାଭ ମାହାନ୍ତି, ପି: ଅଗଣି ମାହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୮୬ | ୮୦୬ | ୦.୨୭ | ୦.୦୩ | ଶାରଦ ଦୁଇ | ଚେମି ମଣି ଡଗରା, ପି: ଗୋପି ନାଥ ଲେଙ୍କା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୯୫ | ୭୭୩ | ୦.୮୬ | ୦.୦୧ | ଶାରଦ ଏକ | ଯୋଗେନ୍ଦ୍ର ଲେଙ୍କା, ନରେନ୍ଦ୍ର ଲେଙ୍କା, ପି: ଗୌର ଲେଙ୍କା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୦୨ | ୮୧୩ | ୦.୬୮ | ୦.୦୧ | ଶାରଦ ଦୁଇ | ଦୁର୍ଗାଚରଣ ରାଉତ, ପି: ଜଗ ମୋହନ ରାଉତ, ବାଞ୍ଛା ରାଉତ, ଉପେନ୍ଦ୍ର ରାଉତ, ପି: ହରି ରାଉତ, ଇଶରୀ ରାଉତ, ସ୍ୱା: ହରି ରାଉତ, ସପନୀ ରାଉତ, ଧ୍ରୁବ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୨୮ | ୮୦୨<br>୭୪୯ | ୦.୬୫<br>୦.୪୦ | ୦.୧୫<br>୦.୦୧ | ଶାରଦ ଦୁଇ<br>ଶାରଦ ଏକ | ପ୍ରତାପ ଚନ୍ଦ୍ର ଲେଙ୍କା, ପି: ଦୈତ୍ୟାରରି ଲେଙ୍କା, ଗଙ୍ଗାଧର ଲେଙ୍କା, ପି: ଗୋକୁଳ ଲେଙ୍କା, ଖଗେଶ୍ୱର ଲେଙ୍କା, କାର୍ତ୍ତିକ ଲେଙ୍କା, ଗଣେଶ୍ୱର ଲେଙ୍କା, ପି: ଗୋକୁଳ ଲେଙ୍କା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୧୩ | ୨୭୮<br>୩୦୦ | ୦.୩୪<br>୦.୪୪ | ୦.୧୪<br>୦.୩୦ | ଶାରଦ ଦୁଇ<br>ଆଶୁ | ନରହରି ବୋଡ, ପି: ଭାଗବତ ବୋଡ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୩୩ | ୨୭୫<br>୩୦୨/୧୪୬୭ | ୦.୨୪<br>୦.୦୫ | ୦.୦୯<br>୦.୦୨ | ଶାରଦ ଦୁଇ<br>ରାସ୍ତା | ପ୍ରଭାସ ଚନ୍ଦ୍ର ଖୁଣ୍ଟିଆ, ପି: ଭରତ ଚରଣ ଖୁଣ୍ଟିଆ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୩୭ | ୩୦୨ | ୦.୧୭ | ୦.୦୪ | ଶାରଦ ଦୁଇ | ପ୍ରାଣ କୃଷ୍ଣ ଲେଙ୍କା, ଭଗବାନ ଲେଙ୍କା, ପି: ସାନ ଭାଗବତ ଲେଙ୍କା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୪୧ | ୮୦୮<br>୫୨୦ | ୦.୬୯<br>୦.୨୨ | ୦.୦୮<br>୦.୦୧ | ଶାରଦ ଦୁଇ<br>ଘରବାରି | ପୁରସ୍ତମ ସାହୁ, ପି: ମୋହନ ସାହୁ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୫୨ | ୭୪୨ | ୦.୨୮ | ୦.୦୧ | ଶାରଦ ଏକ | ବଂଶୀଧର ଲେଙ୍କା, ପି: କୃପାସିନ୍ଧୁ ଲେଙ୍କା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୬୩ | ୫୦୫<br>୫୦୮ | ୦.୨୬<br>୦.୩୧ | ୦.୦୧<br>୦.୦୧ | ଜଳାଶୟ ଦୁଇ<br>ଘରବାରି | ବୀଣା ପାଣି ଦାସ, ସ୍ୱା: କୃଷ୍ଣ ଚନ୍ଦ୍ର ଦାସ, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୧୬୫ | ୭୯୮/୧୪୩୫<br>୧୧୨୭ | ୦.୪୦<br>୦.୫୧ | ୦.୧୪<br>୦.୧୫ | ଶାରଦ ଏକ<br>ଶାରଦ ଦୁଇ | ବିଶ୍ୱନାଥ ଲେଙ୍କା, ପି: ଶଚିନ୍ଦ୍ର ଲେଙ୍କା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୬୯ | ୭୮୪ | ୦.୪୬ | ୦.୧୦ | ଶାରଦ ଦୁଇ | ବୈଦ୍ୟନାଥ ଲେଙ୍କା, ପି: ଶଚିନ୍ଦ୍ର ଲେଙ୍କା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୭୩ | ୧୧୨୯<br>୮୨୬<br>୮୨୭<br>୮୨୪<br>୭୫୧ | ୧.୫୬<br>୦.୭୪<br>୦.୨୭<br>୦.୦୯<br>୦.୬୮ | ୦.୧<br>୦.୦୫<br>୦.୦୨<br>୦.୦୩<br>୦.୦୧ | ଶାରଦ ଦୁଇ<br>ଶାରଦ ତିନି<br>ଶାରଦ ତିନି<br>ଶାରଦ ତିନି<br>ଶାରଦ ଏକ | ଭଗବାନ ସାହୁ, ଭୂପତି ସାହୁ, ବିଦ୍ୟାଧର ସାହୁ, ପି: ବନମାଳି ସାହୁ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୭୮ | ୮୩୦ | ୦.୧୩ | ୦.୦୨ | ଶାରଦ ତିନି | ଭୀମ ଲେଙ୍କା, ନକୁଳ ଲେଙ୍କା, ଖୋଲଣା ଲେଙ୍କା, ପି: କାହ୍ନୁ ଲେଙ୍କା, କୁନ୍ତଳା ଲେଙ୍କା, ସ୍ୱା: କାହ୍ନୁ ଲେଙ୍କା, କୁନ୍ତଳା ଲେଙ୍କା, ସ୍ୱା: କାହ୍ନୁ ଲେଙ୍କା ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୮୫ | ୮୧୨/୧୪୧୮ | ୦.୧୯ | ୦.୦୪ | ଶାରଦ ଦୁଇ | ମଣି ଧର ଲେଙ୍କା, ପି: କୃପାସିନ୍ଧୁ ଲେଙ୍କା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୮୬ | ୨୭୪ | ୧.୧୨ | ୦.୧୪ | ପଡିତ | ମହନ ବିନ୍ଧାଣି, ପି: ରାଧୁ ବିନ୍ଧାଣି, ଜା: କମାର, ବା: ନିଜଗାଁ |
| ୧୯୨ | ୮୦୭ | ୦.୭୮ | ୦.୦୯ | ଶାରଦ ଦୁଇ | ରତ୍ନାକର ଲେଙ୍କା, ପି: ଲଛମନ ଲେଙ୍କା, ସୁମିତ୍ରା ଲେଙ୍କା, ସ୍ୱା: ଲଛମନ ଲେଙ୍କା, ହାଡିଆଣି ଲେଙ୍କା, ସ୍ୱା: ଫକିର ଲେଙ୍କା, ଲକ୍ଷ୍ମୀଧର ଲେଙ୍କା, ଶଶଧର ଲେଙ୍କା, ବିଦ୍ୟାଧର ଲେଙ୍କା, ଚକ୍ରଧର ଲେଙ୍କା, ପି: ପ୍ରାଣକୃଷ୍ଣ ଲେଙ୍କା, ଶୁଶିଳା ଲେଙ୍କା, ସ୍ୱା: ପ୍ରାଣକୃଷ୍ଣ ଲେଙ୍କା, ଶ୍ରୀନିବାସ ଲେଙ୍କା, ବଂଶୀଧର ଲେଙ୍କା, ସର୍ବେଶ୍ୱର ଲେଙ୍କା, ଗେହ୍ଲା ମଣି ଲେଙ୍କା, ଛାୟାମଣି ଲେଙ୍କା, ମାୟାମଣି ଲେଙ୍କା, ସୌଦାମିନି ଲେଙ୍କା, ଗୟାମଣି ଲେଙ୍କା, ପି: ଫକିର ଲେଙ୍କା, ରଜନିକାନ୍ତ ଲେଙ୍କା, ପି: ମହନ ଲେଙ୍କା, ଅମି ଲେଙ୍କା, ସ୍ୱା: ମହନ ଲେଙ୍କା, ରାଧାମଣି ଲେଙ୍କା, ସ୍ୱା: କପିଳ ଲେଙ୍କା, ମହେଶ୍ୱର ଲେଙ୍କା, ପି: ପିତାମ୍ବର ଲେଙ୍କା, ବା: ବଇନ୍ତା ଲେଙ୍କା, ସ୍ୱା: ପିତାମ୍ବର ଲେଙ୍କା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୨୦୧ | ୮୧୧<br>୮୧୭ | ୦.୬୬<br>୦.୩୯ | ୦.୦୧<br>୦.୦୮ | ଶାରଦ ଦୁଇ<br>ଡାହି ଏକ | ରାମଚନ୍ଦ୍ର ରାଉତ, ପି: ପହଲି ରାଉତ, କିସ୍ମତ ଆଠଅଣା : ନାଲୁ ରାଉତ କିସ୍ମତ ଆଠଅଣା, ପି: ପହଲି ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୨୧୦ | ୭୭୬ | ୦.୨୮ | ୦.୦୭ | ଶାରଦ ଦୁଇ | ରାଶବିହାରୀ ଡଗରା, ଭଗବାନ ଡଗରା, ବୃନ୍ଦାବନ ଡଗରା, ପି: କେଶବ ଡଗରା, ରତ୍ନାମଣି ଡଗରା, ସ୍ୱା: କେଶବ ଡଗରା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୨୧୫ | ୭୫୦<br>୮୪୨ | ୦.୪୯<br>୦.୩୦ | ୦.୦୧<br>୦.୦୩ | ଶାରଦ ଏକ<br>ଶାରଦ ତିନି | ଲକ୍ଷ୍ମଣ କୁମାର ଡଗରା, ପି: କ୍ଷେତ୍ରମୋହନ ଡଗରା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୨୧୭ | ୧୧୨୮ | ୦.୪୩ | ୦.୦୧ | ଶାରଦ ଦୁଇ | ଲକ୍ଷ୍ମୀଧର ଲେଙ୍କା, ଶଶୀଧର ଲେଙ୍କା, ବିଦ୍ୟାଧର ଲେଙ୍କା, ଚକ୍ରଧର ଲେଙ୍କା, ପ୍ରାଣକୃଷ୍ଣ ଲେଙ୍କା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୨୧୯ | ୮୧୨ | ୦.୧୮ | ୦.୦୫ | ଶାରଦ ଦୁଇ | ଲୟୋଦର ଲେଙ୍କା, ପି: କୃପାସିନ୍ଧୁ ଲେଙ୍କା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୨୬୫ | ୮୦୫ | ୦.୪୦ | ୦.୦୬ | ଶାରଦ ଦୁଇ | ସୃଷ୍ଟିଧର ଲେଙ୍କା, ପୂର୍ଣ୍ଣଚନ୍ଦ୍ର ଲେଙ୍କା, ଦୟାନିଧି ଲେଙ୍କା, ପି: ଯୋଗେନ୍ଦ୍ର ଲେଙ୍କା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୨୬୯ | ୭୪୧<br>୮୭୫ | ୦.୭୫<br>୦.୪୮ | ୦.୦୧<br>୦.୧୦ | ଶାରଦ ଏକ<br>ଶାରଦ ଏକ | ସୌଭାଗ୍ୟ ମହାନ୍ତି, ସ୍ୱା: ଗିରିଶ ଚନ୍ଦ୍ର ମହାନ୍ତି, ଜା: କରଣ, ବା: ନିଜଗାଁ |
| ୨୭୦ | ୮୦୮/୧୪୫୨ | ୦.୩୭ | ୦.୦୪ | ଶାରଦ ଦୁଇ | ହରିହର ଦାଶ, ପି: ଶ୍ରୀଧର ଦାଶ, ଜା: ବ୍ରାହ୍ମଣ, ବା: ସିଙ୍ଗାରପୁର |
| ୨୭୭/୮୧ | ୨୭୬<br>୨୭୭/୧୫୬୮ | ୦.୨୮<br>୦.୦୭ | ୦.୧୧<br>୦.୦୨ | ଶାରଦ ଦୁଇ<br>ଶାରଦ ଦୁଇ | ଶିବ ସିଂ, ଚେମା ସିଂ, ପି: ରାମହରି ସିଂ, ଜା: ଭୂମିଜ, ବା: ନିଜଗାଁ |
| ୨୭୭/୧୩୫ | ୮୦୦ | ୦.୨୧ | ୦.୦୧ | ଶାରଦ ଏକ | ଶକୁନ୍ତଳା ଲେଙ୍କା, ସ୍ୱା: ଗଣେଶ୍ୱର ଲେଙ୍କା, ଜା: ଖଣ୍ଡାୟତ, ବା: ମେରଦା |
| ୨୭୭/୧୬୩ | ୨୭୭ | ୦.୭୨ | ୦.୪୦ | ଶାରଦ ଦୁଇ | ପ୍ରବୀର କୁମାର ବୋଡ, ପି: ଅନାଦି କୁମାର ବୋଡ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୨୭୭/୨୧୦ | ୮୭୮ | ୦.୨୧ | ୦.୦୮ | ଶାରଦ ଦୁଇ | ସତ୍ୟବାନ ବୋଡ, ସଂଜୟ କୁମାର ବୋଡ, ସନ୍ତୋଷ କୁମାର ବୋଡ, ସୁବାସ ଚନ୍ଦ୍ର ବୋଡ, ସୁଶାନ୍ତ କୁମାର ବୋଡ, ପି: ନରହରି ବୋଡ, ଜା: ଖଣ୍ଡାୟତ, ବା: ମେରଦା |
| ୨୭୭/୧୮୧ | ୭୮୨ | ୦.୩୬ | ୦.୦୩ | ଶାରଦ ଏକ | ସୂର୍ଯ୍ୟକାନ୍ତ ରାଉତ, ପି: ଦୁର୍ଗା ଚରଣ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ |
| **ସମପରିମାରଣ ଗୋଚର ପ୍ରତିବଦଳ** | | | | | |
| ୩୯ | ୧୦୨୨ | ୦.୨୧ | ୦.୦୩ | ଶାରଦ ଦୁଇ | କାହ୍ନୁ ଲେଙ୍କା, ଜଗନ୍ନାଥ ଲେଙ୍କା, ଗୋବିନ୍ଦ ଲେଙ୍କା, ଗୋପାଳ ଲେଙ୍କା, ପି : ସୁନ୍ଦର ଲେଙ୍କା, ଇନ୍ଦ ଲେଙ୍କା, ସ୍ୱା: ସୁନ୍ଦର ଲେଙ୍କା, ଜା: ଖଣ୍ଡାୟତ, ବା: ନିଜଗାଁ |
| ୬୪ | ୧୦୨୧ | ୦.୨୨ | ୦.୦୩ | ଶାରଦ ଦୁଇ | ଗୁରୁବାରି ଲେଙ୍କା, ହେମଲତା ଲେଙ୍କା, ପ୍ରାଣକୃଷ୍ଣ ଲେଙ୍କା, ଭଗବାନ ଲେଙ୍କା, ପି: ସାନ ଭଗବାନ ଲେଙ୍କା, ଆସନ ଲେଙ୍କା, ସ୍ୱା: ସାନ ଭାଗବତ ଲେଙ୍କା, ଜା: ଖଣ୍ଡାୟତ, ବା: ନିଜଗାଁ, ପ୍ରଭାସ ସାହୁ, ଲକ୍ଷ୍ମୀ ସାହୁ, ପି: ବନମାଳି ସାହୁ, ବନମାଳି ସାହୁ, ପି: ଏକାଦଶୀ ସାହୁ, ଜା: ଖଣ୍ଡାୟତ, ବା: ଦେଓପଡା |
| ୧୩୪<br>୧୫୪ | ୧୦୧୫<br>୧୦୨୦ | ୦.୩୦<br>୦.୧୬ | ୦.୦୨<br>୦.୦୪ | ଶାରଦ ଦୁଇ<br>ଶାରଦ ଦୁଇ | ପ୍ରଭାସ ଖୁଣ୍ଟିଆ, କୈଶଲ୍ୟା ଖୁଣ୍ଟିଆ, କୈକଇ ଖୁଣ୍ଟିଆ, ସୁମିତ୍ରା ଖୁଣ୍ଟିଆ, ପି: ଭରତ ଖୁଣ୍ଟିଆ, ବଂଶୀଧର ଖୁଣ୍ଟିଆ, ପ୍ରମିଳା ଖୁଣ୍ଟିଆ, ପି: ତ୍ରିଲୋଚନ ଖୁଣ୍ଟିଆ, ଶିରିଷ ଭୋଳ, ବିନୋଦ ଭୋଳ, କଟି ବାବୁ ଭୋଳ, ହଂସୀ ଭୋଳ, ପି: ବାଙ୍କ ବିହାରୀ ଭୋଳ, ବାଙ୍କ ବିହାରୀ ଭୋଳ, ପି: ଭିକାରୀ ଭୋଳ, ଜା: ଖଣ୍ଡାୟତ, ବା: ନିଜଗାଁ<br>ବଂଶୀଧର ଖଣ୍ଟିଆ, ପି: ତ୍ରିଲୋଚନ ଖୁଣ୍ଟିଆ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୨୩୬ | ୧୦୨୩ | ୦.୧୬ | ୦.୦୭ | ଶାରଦ ଦୁଇ | ସନା ସିଂ, ପି: ଫକିର ସିଂ, ଗୁହିନ ସିଂ, ମଇନ ସିଂ, ପି: କାଳିଆ ସିଂ, ଜା: ଦଣ୍ଡଛତ୍ର ମାଝୀ, ବା: ନିଜଗାଁ, ବେଆଇନ ପୋଲା କବଲା ଦ୍ୱାରା ଖରିଦସୁତ୍ରେ ଦଖଲ, ଜଗନ୍ନାଥ ଲେଙ୍କା, ଗୋବିନ୍ଦ ଲେଙ୍କା, ଗୋପାଳ ଲେଙ୍କା, କାହ୍ନୁ ଲେଙ୍କା, ପି: ସୁନ୍ଦର ମୋହନ ଲେଙ୍କା, ଜା: ଖଣ୍ଡାୟତ, ବା: ନିଜଗାଁ, ତା. ୭.୬.୬୨ ଜରସମନ ଟ. ୯୦୦.୦୦ ବା: |
| ୨୭୭/୯୦ | ୧୦୧୮ | ୦.୩୦ | ୦.୦୨ | ଶାରଦ ଦୁଇ | ଅଭିମନ୍ୟୁ ରାଉତ, ରାଧା ମୋହନ ରାଉତ, ପି: ସପନି ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ |
| **ମୋଟ** | **୭୩ ପ୍ଲଟକୁ** | **ଏ. ୩୧.୦୫ ଡେ.ମି.** | **ଏ. ୪.୨୬ ଡେମି.** | | |

Sd/- AMIN
Bahalda Zone

Sd/- Revenue Inspector
Bahalda Zone

Sd/- Zone Officer-cum-L.A. Collector
S.I.P. Bahalda Zone

Sd/- Land Acquistion Officer
S.I.P. Bahalda Zone

OIPR : 24001/14/0164/2425

(ଶ୍ରୀମଭଗବଦ୍ ଗୀତା ୧୪/୦୨)
-କ୍ଷେତ୍ର-କ୍ଷେତ୍ରଜ୍ଞ ବିଭାଗଯୋଗଃ-
(ଶ୍ରୀଭଗବାନୁବାଚ )

ଇଦଂ ଜ୍ଞାନମୁପାଶ୍ରିତ୍ୟ ମମ ସାଧର୍ମ୍ମ୍ୟମାଗତାଃ ।
ସର୍ଗେଽପି ନୋପଜାୟନ୍ତେ ପ୍ରଳୟେ ନ ବ୍ୟଥନ୍ତି ଚ ॥୨॥

ଯେ ଏହି ବକ୍ଷ୍ୟମାଣ ଜ୍ଞାନର ସାଧନ କରନ୍ତି, ସେ ମୋର ସ୍ୱରୂପ ପ୍ରାପ୍ତହୋଇ ସୃଷ୍ଟିକାଳରେ (ବ୍ରହ୍ମାଦିଙ୍କର ଉତ୍ପତ୍ତି ହେଲେ ସୁଦ୍ଧା) ଜାତ ହୁଅନ୍ତି ନାହିଁ, ପ୍ରଳୟକାଳରେ ମଧ୍ୟ (ବ୍ରହ୍ମାଙ୍କର ବିନାଶରେ ମଧ୍ୟ) ପ୍ରଳୟ-ଦୁଃଖ ଅନୁଭବ କରନ୍ତି ନାହିଁ (ମରନ୍ତି ନାହିଁ) ॥୨॥

# ଅଚଳାବସ୍ଥା ଦୂର ହେଉ

ସମ୍ପାଦକୀୟ

ଓଡ଼ିଶା ବିଧାନସଭା ବଜେଟ ଅଧିବେଶନର ଦ୍ୱିତୀୟ ଭାଗରେ ଗୃହରେ ହଟ୍ଟଗୋଳ ହେବା ଘଟଣା ସ୍ୱାଭାବିକ । ମାତ୍ର ଆଚରଣ ଓ ଉଚ୍ଚାରଣରେ ମାନ୍ୟବର ସଦସ୍ୟମାନେ ଯେପରି ଦୃଷ୍ଟାନ୍ତ ସୃଷ୍ଟି କରି ଚାଲିଛନ୍ତି, ତାହା ଶିକ୍ଷିତ ଓ ସଚେତନ ତଥା ଜନସାଧାରଣଙ୍କୁ ବ୍ୟଥିତ କରିଛି । ଗଣତନ୍ତ୍ରର ପବିତ୍ର ସ୍ଥଳୀ ଭାବରେ ବିଧାନସଭା ବା ସଂସଦରେ ମାନ୍ୟବର ସଦସ୍ୟମାନଙ୍କ ବକ୍ତବ୍ୟ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ବିରୋଧୀ ଦଳ ମଧ୍ୟ ଶାସକ ଦଳକୁ ବିଭିନ୍ନ ଦୋଷ ତ୍ରୁଟି ପ୍ରତି ସଚେତନ କରାଇଥା'ନ୍ତି । ମାତ୍ର ସେପରି ଘଟୁନାହିଁ ଓଡ଼ିଶା ବିଧାନସଭାରେ । ବିରୋଧୀ କଂଗ୍ରେସ ଦଳର କେତେକ ବିଧାୟକଙ୍କୁ ସେମାନଙ୍କ ଆଚରଣ ଲାଗି ମାନ୍ୟବର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ନିଲମ୍ବନ କରିବାରୁ ବିରୋଧୀ ଦଳ ଉତ୍ତେଜିତ ହୋଇ ପଡ଼ିବା ସ୍ୱାଭାବିକ । ପ୍ରାୟ ଚଉଦ ଜଣ କଂଗ୍ରେସ ବିଧାୟକ ନିଲମ୍ବନ ହୋଇଛନ୍ତି । କେତେକ ବିରୋଧୀ ଦଳର ବିଧାୟକ ନିରାପତ୍ତା ଦାୟିତ୍ୱରେ ଥିବା ପୋଲିସର ଟୋପି କାଢ଼ିନେବା ଓ ସାର୍ଟ କଲରକୁ ଧରି ପକାଇବା ପରି ଘଟଣାମାନ ଘଟିଥିବା ଅଭିଯୋଗ ହୋଇଛି । ମାତ୍ର ଏପରି ଆଚରଣ ନିନ୍ଦନୀୟ । ଅବଶ୍ୟ ପୋଲିସର ମାତ୍ରାଧିକ କାର୍ଯ୍ୟ ବିଷୟରେ କୌଣସି ଅଭିଯୋଗ ହୋଇନାହିଁ ।

ରାଜ୍ୟରେ ନାରୀ ନିର୍ଯ୍ୟାତନା ଲାଗି ବିରୋଧୀ କଂଗ୍ରେସ ଦଳ ସ୍ୱର ଉତ୍ତୋଳନ କରୁଛି ଓ ଏଥିପାଇଁ ବିଧାନସଭା ଗୃହ କମିଟି ଗଠନ ପାଇଁ ଦାବି ଜଣାଇଛି । ଏ ବିଷୟରେ ରାଜ୍ୟ ସରକାର ହୁଏତ ପଦକ୍ଷେପ ନେବେ । ଅଭିଯୋଗର ଗୁରୁତ୍ୱକୁ ଅନୁଧ୍ୟାନ କରି ବିଧାନସଭାର ବାଚସ୍ପତି ହୁଏତ ଗୃହ କମିଟି ଗଠନ କରିପାରନ୍ତି ବା ନ ପାରନ୍ତି । ମାତ୍ର ଜଣେ କଂଗ୍ରେସ ବିଧାୟକ ଯିଏ କି ଅତୀତରେ ସରକାରୀ ସୁରକ୍ଷା ବାହିନୀରେ କାର୍ଯ୍ୟରତ ଥିଲେ, ସେ ମହିଳା ବାଚସ୍ପତିଙ୍କ ଆଡ଼କୁ କାଗଜପତ୍ର ଫିଙ୍ଗିବା ଓ ପରେ ପୋଡିଅମ୍ ଉପରକୁ ଚଢ଼ିବାକୁ ଉଦ୍ୟମ କରିବା ଆଦୌ ଶୋଭନୀୟ ନୁହେଁ । ଭାରତରେ କଂଗ୍ରେସ ଦଳର ସାଂସଦ ଥାଇ ଦଳକୁ ଦିଗ୍‌ଦର୍ଶନ ଦେଇ ଆସୁଥିବା ଶ୍ରୀମତୀ ସୋନିଆ ଗାନ୍ଧି ସମ୍ଭବତଃ କଂଗ୍ରେସ ବିଧାୟକଙ୍କର ଏପରି ଆଚରଣକୁ ପସନ୍ଦ କରିବେ ନାହିଁ ବୋଲି ମନେ ହେଉଛି ।

ରାଜ୍ୟରେ ସ୍ୱାର୍ଥରକ୍ଷା ଦୃଷ୍ଟିରୁ ବିଧାନସଭାର ପ୍ରଶ୍ନୋତ୍ତର କାଳ, ଶୂନ୍ୟକାଳ ମୁଲତବୀ ପ୍ରସ୍ତାବ, ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଧେୟକର ଆଲୋଚନାରେ ରାଜ୍ୟର ଅଧିକାଂଶ ନୂତନ ବିଧାୟକ ବା ବିଧାୟିକା, ବିଧାନସଭା ଅଚଳ ହେଲେ ହୁଏତ ଲାଭବାନ ହୋଇପାରିବେ ନାହିଁ । ସରକାରଙ୍କୁ ଗଠନମୂଳକ ସମାଲୋଚନା କରି ସେମାନେ ଯେପରି ପ୍ରଶଂସିତ ହୋଇଥା'ନ୍ତେ, ତାହା ଆଉ ସମ୍ଭବ ହେଉନାହିଁ । ବରିଷ୍ଠ ଓ ଅଭିଜ୍ଞ ବିଧାୟକ ଓ ବିଧାୟିକାମାନେ ଗୃହକୁ ଯେପରି ପରାମର୍ଶ ଦେଇଥାନ୍ତେ, ସରକାରଙ୍କ ତ୍ରୁଟିବିଚ୍ୟୁତି ବିଷୟରେ ଅବଗତ କରିଥାନ୍ତେ, ସେପରି ଆଶା କରିବା ବୃଥା । କାରଣ ବିଧାନସଭାରେ ଅଚଳାବସ୍ଥା ଜାରି ରହିଛି । ବାଚସ୍ପତି ମଧ୍ୟ ସର୍ବଦଳୀୟ ବୈଠକ ଡକାଇ ଏପରି ଅଚଳାବସ୍ଥା ଦୂର କରିବା ଦରକାର । କାରଣ ସବୁଦିନ ସମ୍ବାଦପତ୍ର ବା ଟିଭି ଖୋଲିଲେ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଘଟଣା ଓ ସରକାରୀ ପଦକ୍ଷେପ ବିଷୟରେ ଜନସାଧାରଣ କିଛି ଜାଣିପାରୁନାହାନ୍ତି ।

ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ । ପଛରେ ପଡ଼ିଥିବା ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ଉଭୟ ଶାସକ ଓ ବିରୋଧୀ ଦଳଙ୍କର ବଳିଷ୍ଠ ଭୂମିକା ରହିଛି । ଜନସାଧାରଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା କ୍ଷେତ୍ରରେ ଶାସକଙ୍କର କର୍ତ୍ତବ୍ୟ ତ ରହିଛି, କିନ୍ତୁ ବିରୋଧୀ ଦଳ ସରକାରୀ ଦଳକୁ ଠିକ୍ କାମ କରିବା ପାଇଁ ସଚେତନ କରିବା ମଧ୍ୟ ଆବଶ୍ୟକ ।

ମାତ୍ର ପାଞ୍ଚ ବର୍ଷ ପାଇଁ ନିର୍ବାଚିତ ହେଉଥିବା ବିଧାୟକମାନେ ଅନ୍ତତଃ ବର୍ଷକ ପାଇଁ ବିଧାୟକ ରହିଲେ ସେମାନଙ୍କୁ ସର୍ବନିମ୍ନ ମାସିକ ପେନ୍‌ସନ୍ ତିରିଶ ହଜାର ଟଙ୍କା ମିଳୁଛି । ପାଞ୍ଚବର୍ଷରୁ ଅଧିକ କାଳ ଥିବା ବିଧାୟକମାନଙ୍କୁ ମାସିକ ଦୁଇ ହଜାର ଟଙ୍କା ଅଧିକ ହାରରେ ମିଳି ପାରିବ, ମାତ୍ର ସର୍ବାଧିକ ସତୁରୀ ହଜାର ଟଙ୍କା ସୀମା ଧାର୍ଯ୍ୟ କରାଯାଇଛି । ଅବଶ୍ୟ ସରକାରୀ କ୍ଷେତ୍ରରେ ବର୍ଷ ବର୍ଷ ଧରି କାର୍ଯ୍ୟ କରି ଅବସର ନେଉଥିବା ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଠାରୁ ଏହା ଅଧିକ ବୋଲି ହିସାବ କରାଯାଇପାରେ । ବିଧାନସଭାର ପ୍ରତ୍ୟେକ ଅଧିବେଶନ ସମୟରେ ଓଡ଼ିଶାର ବିଧାୟକମାନଙ୍କୁ ପ୍ରତ୍ୟକ ଦିନ ୧୫୦୦ ଟଙ୍କାର ଭତ୍ତା ମିଳିଥାଏ । ସେହିପରି କୌଣସି ସରକାରୀ କାର୍ଯ୍ୟରେ ରାଜ୍ୟ ବାହାରକୁ ଗସ୍ତରେ ଗଲେ, ସେମାନଙ୍କୁ ପ୍ରତି ଦିନକ ପାଇଁ ୨,୦୦୦ ଟଙ୍କାର ଭତ୍ତା ପ୍ରଦାନ କରାଯାଇଥାଏ । ତେଣୁ ଓଡ଼ିଶାବାସୀଙ୍କ ସ୍ୱାର୍ଥରକ୍ଷା ଲାଗି ବିଧାୟକମାନେ ନିନ୍ଦନୀୟ ଆଚରଣ ପ୍ରଦର୍ଶନ ନ କରି ବିଧାନସଭା ଅଧିବେଶନରେ ସେମାନଙ୍କର ଦକ୍ଷତା ପ୍ରତିପାଦନ କରି ସେମାନଙ୍କ ଜ୍ଞାନ ଗାରିମାର ପରିଚୟ ପ୍ରଦାନ କରିବା ଉଚିତ । କାରଣ ଯେଉଁମାନଙ୍କୁ ଲୋକେ ଭୋଟ ଦେଇ ନିର୍ବାଚିତ କରିଛନ୍ତି, ସେମାନଙ୍କ ଦୃଷ୍ଟି ଅମଲାତନ୍ତ୍ର ଉପରେ ନ ପଡ଼ି ବିରୋଧୀ ବା ଶାସକ ବିଧାୟକଙ୍କ ଉପରେ କେନ୍ଦ୍ରୀଭୂତ ହୋଇଥାଏ । ଏହାକୁ ଆମର ମାନ୍ୟବର ବିଧାୟକମାନେ ହୃଦୟଙ୍ଗମ କରିବା ଉଚିତ ।

# ପ୍ରାକ୍ ବିଦ୍ୟାଳୟ ଶିକ୍ଷା

**ଶ୍ରୀବତ୍ସ ନାୟକ**

ଶିକ୍ଷାର୍ଥୀମାନଙ୍କର ମାନସିକ, ଭୌତିକ, ଆଧ୍ୟାତ୍ମିକ, ସାଂସ୍କୃତିକ ଓ ସାମାଜିକ ବିକାଶ ସହିତ ଆର୍ଥିକ ପ୍ରଗତି ମାଧ୍ୟମରେ ଏକ ସୁସ୍ଥ ସମୃଦ୍ଧ ରାଷ୍ଟ୍ର ନିର୍ମାଣ ନିମନ୍ତେ ଦେବଭୂମି ଭାରତ ବର୍ଷରେ ପ୍ରାଚୀନ କାଳରୁ ଏକ ସୁଦୃଢ଼, ସୁଚିନ୍ତିତ, ସୁସଂଗଠିତ ଓ ସୁସଂଯତ ଶିକ୍ଷା ବ୍ୟବସ୍ଥା ପ୍ରଚଳିତ ହୋଇ ଆସୁଅଛି । ଶିକ୍ଷା ମାଧ୍ୟମରେ ଦେଶର ପ୍ରଗତିର ଗୁରୁତ୍ୱକୁ ଉପଲବ୍ଧି କରି ଭାରତ ବିଭିନ୍ନ ସମୟରେ ଯୁଗପୋଯୋଗୀ ଶିକ୍ଷା ବ୍ୟବସ୍ଥାମାନ ପ୍ରଣୟନ କରି ବିଶ୍ୱଗୁରୁ ଆଡ଼କୁ ଅଗ୍ରସର ହେଉଅଛି । ଅଧୁନା ଭାରତ ସରକାର ଶିକ୍ଷାକୁ ସର୍ବବ୍ୟାପୀ ଏବଂ ସର୍ବସ୍ପର୍ଶୀ କରି ଭାରତକୁ ଜ୍ଞାନର ମହାଶକ୍ତିରେ ପରିଣତ କରିବା ପାଇଁ ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରଣୟନ କରିଛନ୍ତି । ଯେପରି ଆଜିର ଅଙ୍କୁର କାଲି ହୁଏ ବିଶାଳ ଦ୍ରୁମ । ଠିକ୍ ସେହିପରି ଆଜିର ଅସହାୟ ଶିଶୁ ଆସନ୍ତା କାଲିର ଭାବୀ ମାନବ । ଜୀବନ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା । ଶିଶୁର ଜୀବନ ଭ୍ରୁଣ ସଂଚାର ଠାରୁ ଆରମ୍ଭ ହୋଇଥାଏ । ଭ୍ରୁଣ ସଂଚାର ଠାରୁ ଆରମ୍ଭ କରି ପରିପକ୍ୱ ହେବା ପର୍ଯ୍ୟନ୍ତ ମାନବ ଜୀବନର ବୃଦ୍ଧି ଅବିରାମ ଗତିରେ ଚାଲୁଥାଏ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିକାଶର ଧାରା କେତେକ ପର୍ଯ୍ୟାୟ ମାଧ୍ୟମରେ ଗତିଶୀଳ ।

ଏତଦ୍ ବ୍ୟତୀତ ବିକାଶର କେତେକ ସମୟ ରହିଛି ଏବଂ ସେହି ନିର୍ଦ୍ଦିଷ୍ଟ ସମୟଗୁଡ଼ିକରେ ଶିଶୁଠାରେ ସ୍ୱତନ୍ତ୍ର ବ୍ୟବହାର ଓ ବୈଶିଷ୍ଟ୍ୟମାନ ପରିଲିକ୍ଷିତ ହୁଏ, ଯାହାକୁ ପର୍ଯ୍ୟାୟ ବୋଲି କୁହାଯାଏ । ମଣିଷର ଜୀବନ କାଳ ଭୃଣାବସ୍ଥା ( ଭ୍ରୁଣ ସଂଚାର ଠାରୁ ଭୂମିଷ୍ଠ ହେବା ପର୍ଯ୍ୟନ୍ତ), ଶୈଶବାବସ୍ଥା(ଜନ୍ମ ଠାରୁ ୬ ବର୍ଷ), ବାଲ୍ୟାବସ୍ଥା (୭ରୁ ୧୨ ବର୍ଷ), କୈଶୋରବସ୍ଥା(୧୩ ରୁ ୧୯ ବର୍ଷ) ଏବଂ ପ୍ରୌଢ଼ାବସ୍ଥା ଓ ବୃଦ୍ଧାବସ୍ଥା (୨୦ ବର୍ଷରୁ ମୃତ୍ୟୁ ପର୍ଯ୍ୟନ୍ତ) ଦେଇ ଗତି କରିଥାଏ । ଶିଶୁର ବିକାଶ, ସ୍ୱାସ୍ଥ୍ୟ, କଲ୍ୟାଣ ଏବଂ ଜୀବନ ବ୍ୟାପୀ ଶିକ୍ଷା ନିମନ୍ତେ ଶିଶୁର ପ୍ରାରମ୍ଭିକ ଶୈଶବ ବର୍ଷ(ଜୀବନର ପ୍ରଥମ ୬ବର୍ଷ)ରେ ମଜଭୁତ ଭିତ୍ତିଭୂମି ନିର୍ମିତ ହୁଏ । ଜୀବନର ଅନ୍ୟ ପର୍ଯ୍ୟାୟ ଗୁଡ଼ିକ ଅପେକ୍ଷା ପ୍ରାରମ୍ଭିକ ଶୈଶବସ୍ଥାରେ ବିକାଶର ହାର ତୁଳନାତ୍ମକ ଭାବେ ଦ୍ରୁତ ହୋଇଥିବାରୁ ଶିଶୁର ପ୍ରାରମ୍ଭିକ ବର୍ଷଗୁଡ଼ିକ ବେଶ୍ ଗୁରୁତ୍ୱ ବହନ କରିଥାଏ । ଏହି ପର୍ଯ୍ୟାୟରେ ଶିଶୁକୁ ଯଦି ଏକ ଉତ୍ସାହ ଜନକ ଓ ମନୋସାମାଜିକ ପରିବେଶ ନ ମିଳେ ତେବେ ତା'ର ମସ୍ତିଷ୍କର ସଂପୂର୍ଣ୍ଣ କ୍ଷମତା ବିକଶିତ ନ ହେବାର ଯଥେଷ୍ଟ ସମ୍ଭାବନା ଥାଏ । ତେଣୁ ପଛୁଆ ପୃଷ୍ଠଭୂମିରେ ବହୁ ସଂଖ୍ୟକ ପିଲା ବିପଦରେ ଥାନ୍ତି । ଏହାକୁ ଆଖି ଆଗରେ ରଖି ବିଦ୍ୟାଳୟରେ ପିଲାମାନେ ପ୍ରବେଶ କରିବା ପୂର୍ବରୁ ସେମାନଙ୍କର ଉତ୍ତମ ମାନର ପ୍ରାରମ୍ଭିକ ଶିଶୁ ଯତ୍ନ ଏବଂ ଶିକ୍ଷା ସୁବିଧା ଯୋଗାଇ ଦେବା ପାଇଁ ପ୍ରଥମଥର ଲାଗି ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଜାତୀୟ ଶିକ୍ଷାନୀତି ୨୦୨୦ରେ ବାଲ୍ ବାଟିକା କାର୍ଯ୍ୟକ୍ରମକୁ ଲାଗୁ କରିଛନ୍ତି ସରକାର । ଏହାଦ୍ୱାରା ଯେ କେବଳ ପିଲାମାନଙ୍କର ବିଦ୍ୟାଳୟ ପ୍ରଦର୍ଶନ ଭଲ ହେବ ତାହା ନୁହେଁ ବରଂ ଜୀବନବ୍ୟାପୀ ଶିକ୍ଷା ଏବଂ ବିକାଶର ଉପରେ ମଧ୍ୟ ଅନୁକୂଳ ପ୍ରଭାବ ପଡିବ ।

ଲୋକଙ୍କ ସରକାରରେ ଶିକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସନ୍ତା ଶିକ୍ଷା ବର୍ଷର ଆରମ୍ଭରୁ ଅର୍ଥାତ୍ ୨୦୨୫ ମସିହା ଅପ୍ରେଲ ମାସ ୨ ତାରିଖରୁ ଓଡ଼ିଶା ସରକାରଙ୍କ ଅଧିନରେ ଥିବା ୪୫,୦୦୦ପ୍ରାଥମିକ ବିଦ୍ୟାଳୟରେ ଏକ ଅତିରିକ୍ତ ଶ୍ରେଣୀ ଖୋଲାଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର, ଯାହାକୁ 'ଶିଶୁ ବାଟିକା' ବା 'ବାଲ୍ ବାଟିକା' ନାମରେ ନାମିତ କରାଯାଇଛି । ପ୍ରାକ୍ ବିଦ୍ୟାଳୟ ଶିକ୍ଷା ନିମନ୍ତେ ୩ ରୁ ୬ ବର୍ଷର ପିଲାମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ । ଏଥିନିମନ୍ତେ ଆସନ୍ତା ମାସ ୨ ତାରିଖରେ ସମସ୍ତ ବିଦ୍ୟାଳୟରେ ଖଡିଛୁଆଁ ବା ପ୍ରବେଶ ଉତ୍ସବ ଅଭିଯାନ ପାଳନ କରାଯିବ । ବାଲ୍ ବାଟିକାରେ ଯୋଗ ଦେଇଥିବା ପିଲାମାନଙ୍କର ଅଭିଭାବକମାନଙ୍କୁ ଏହି ଅଭିଯାନର ମହତ୍ତ୍ୱ ଉପରେ ସଚେତନତା କାର୍ଯ୍ୟକ୍ରମ ମାର୍ଚ୍ଚ ୧୭ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ କରାଯିବ । ସ୍କୁଲ ବାହାରେ ଥିବା ପିଲାମାନଙ୍କୁ ଚିହ୍ନଟ କରାଯିବା ସହ ଉଚିତ ବୟସରେ ସେମାନଙ୍କର ନାମଲେଖା ଉପରେ ଗୁରୁତ୍ୱାରୋପ କରାଯିବା ପାଇଁ ନିଷ୍ପତି ନେଇଛନ୍ତି ରାଜ୍ୟ ସରକାର । ମସ୍ତିଷ୍କର ପାଖାପାଖି ୮୦ ପ୍ରତିଶତ ବିକାଶ ୬ ବର୍ଷ ପୂର୍ବରୁ ହୋଇଥାଏ ତେଣୁ ପ୍ରାକ୍ ଶୈଶବାବସ୍ଥାରେ ମସ୍ତିଷ୍କର ସୁସ୍ଥ ବିକାଶ ପାଇଁ ଏବଂ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ପାଇଁ ଶିଶୁର ପ୍ରାରମ୍ଭିକ ବର୍ଷଗୁଡ଼ିକରେ ମସ୍ତିଷ୍କର ଉପଯୁକ୍ତ ଯତ୍ନ ନେବା ନିହାତି ଜରୁରୀ । ତେଣୁ ୩ ରୁ ୬ ବର୍ଷର ଶିଶୁମାନେ ଏହି ବାଲ୍ ବାଟିକା ଶ୍ରେଣୀରେ ସକ୍ରିୟ ଅଂଶଗ୍ରହଣ କରିବେ । ଫଳରେ ସେମାନଙ୍କର ପ୍ରାକ୍ ବିଦ୍ୟାଳୟ ଭିତ୍ତିଭୂମି ସ୍ଥାପନ ହୋଇପାରିବ । ଏହି ଅଭିଯାନ ମାଧ୍ୟମରେ ଶିଶୁମାନଙ୍କୁ ମାଗଣା, ସୁରକ୍ଷିତ, ଉଚ୍ଚ ଗୁଣବତ୍ତା ସମ୍ପନ୍ନ ଶିକ୍ଷାଦାନ କରାଯିବାର ବ୍ୟବସ୍ଥା ରହିଛି । ବାଲ୍ ବାଟିକା ଶ୍ରେଣୀରେ ଶିଶୁମାନଙ୍କୁ ଜ୍ଞାନଗତ ଦକ୍ଷତା, ଶାରୀରିକ ଦକ୍ଷତା, କୌଶଳ ବିକାଶ, ଜ୍ଞାନାତ୍ମକ ବିକାଶ, ଭାଷା, ସୃଜନଶୀଳତା, ସୌନ୍ଦର୍ଯ୍ୟବୋଧ, ସାମାଜିକ ଓ ଭାବନାତ୍ମକ ଦକ୍ଷତା ବିକାଶ ନିମନ୍ତେ ଶିକ୍ଷା ଦାନ କରିବା ସହ ଶିଶୁର ଆଜୀବନ ଶିକ୍ଷଣ ପ୍ରବୃତ୍ତିକୁ ଆଗେଇ ନେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ମସ୍ତିଷ୍କ ବିକାଶ ନିମନ୍ତେ କ୍ରୀଡା ମାଧ୍ୟମରେ ଶିକ୍ଷା ଦାନ କରିବା, ସଂଖ୍ୟା ଓ ପ୍ରତୀକ ସହ ଅକ୍ଷର ଚିହ୍ନିବା, ଶିଶୁର ଶିକ୍ଷଣ ଅଭିଜ୍ଞତାରେ ପିତାମାତାଙ୍କ ସକ୍ରିୟ ଅଂଶଗ୍ରହଣ କରି ବିଦ୍ୟାଳୟରେ ଶ୍ରେଣୀ ୧ ରେ ନାମଲେଖା ନିମନ୍ତେ ଶିଶୁକୁ ପୂର୍ଣ୍ଣାଙ୍ଗ ପ୍ରସ୍ତୁତ କରିବା ଏହାର ଲକ୍ଷ୍ୟ । ଏତଦ୍‌ବ୍ୟତୀତ ପୂର୍ବ ଶିକ୍ଷା ନୀତିର ୧୦୨ ପ୍ରଣାଳୀ ଉଚ୍ଛେଦ କରି ନୂତନ ଶିକ୍ଷାନୀତିରେ ୫( ପ୍ରାରମ୍ଭିକ), ୩(ପ୍ରସ୍ତୁତି), ୩(ମଧ୍ୟ), ୪(ମାଧ୍ୟମିକ) ପ୍ରଣାଳୀକୁ ରୂପାନ୍ତରିତ କରାଯାଇ ପର୍ଯ୍ୟାୟ କ୍ରମେ କାର୍ଯ୍ୟକାରୀ କରାଯିବାକୁ ମଧ୍ୟ ଲକ୍ଷ୍ୟ ରଖିଛନ୍ତି ସରକାର । ନୂତନ ଶିକ୍ଷା ନୀତିରେ ବାଲ ବାଟିକା ଅଭିଯାନ ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ କିନ୍ତୁ ସାଧାରଣରେ ଦେଖିବା ପାଇଁ ଗଲେ ତୃଣମୂଳ ସ୍ତରରେ ଏହାର ସଫଳ ରୂପାୟନକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅଧୁନା ସମସ୍ୟା ଘେରରେ ରହିଛି ଓଡ଼ିଶା ପ୍ରାଥମିକ ଶିକ୍ଷା ବ୍ୟବସ୍ଥା । ଶିକ୍ଷକମାନଙ୍କ ବିନା ଶିକ୍ଷା ସମ୍ଭବ ନୁହେଁ । ବର୍ତ୍ତମାନ ରାଜ୍ୟରେ ଆବଶ୍ୟକୀୟ ଶିକ୍ଷକ ନାହାନ୍ତି । ଏକାଧିକ ବିଦ୍ୟାଳୟରେ ଗୋଟିଏ ଘରେ ୧ ରୁ ୫ ଶ୍ରେଣୀ ଶିକ୍ଷାଦାନ ଚାଲିଛି । ଅନ୍ୟପକ୍ଷରେ ଦେଖିଲେ ରାଜ୍ୟରେ କିଛି ପ୍ରାଥମିକ ବିଦ୍ୟାଳୟ ଭଡ଼ା ଘରେ ଚାଲିଛି, ଅଧିକାଂଶ ବିଦ୍ୟାଳୟର ଆବଶ୍ୟକ ଶିକ୍ଷକ ନାହାନ୍ତି । ଶିକ୍ଷା ଅଧିକାର ଆଇନ ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ମିଶିଲା କିନ୍ତୁ ଆବଶ୍ୟକୀୟ ଶିକ୍ଷକ ପଦ ସୃଷ୍ଟି ହୋଇପାରିଲା ନାହିଁ । ଅନ୍ୟପକ୍ଷରେ ଘରୋଇ ବିଦ୍ୟାଳୟରେ ଚାହିଦା ବଢ଼ିଛି । ସରକାରୀ ଓ ବେସରକାରୀ ବିଦ୍ୟାଳୟ ମଧ୍ୟରେ ବିଭାଜନ ରେଖା ଶିକ୍ଷା ବ୍ୟବସ୍ଥାକୁ ଏକରକମ ଦୁର୍ବଳ କରିସାରିଲାଣି । ଯଦିଓ ସରକାର ତରବରିଆ ଭାବେ ପର୍ଯ୍ୟାୟ କ୍ରମେ ଶିକ୍ଷକମାନଙ୍କୁ ତାଲିମ ଦେବା ଆରମ୍ଭ କଲେଣି ତଥାପି ବାଲ୍ ବାଟିକା ଶ୍ରେଣୀରେ ଶିକ୍ଷାଦାନର ସଫଳତା ପାଇଁ ଉଚ୍ଚମାନର ଇସିସିଇ ଶିକ୍ଷକମାନଙ୍କର ଆବଶ୍ୟକତା ରହିଛି । ଏହା ସହ ଆବଶ୍ୟକୀୟ ଭିତ୍ତିଭୂମିର ଆବଶ୍ୟକତା ରହିଛି । ଏ ସବୁ ପ୍ରତି ଧ୍ୟାନ ଦିଆଯାଇପାରିଲେ, ଏହି ବାଲ୍ ବା ଶିଶୁ ବାଟିକା ଅଭିଯାନ ଫଳପ୍ରଦ ହୋଇପାରିବ ।

**ଅଧ୍ୟାପକ,ବାଣିଜ୍ୟ ବିଭାଗ,ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ,କଟକ**
**ମୋ-୯୪୩୮୦୭୦୮୪୯**

# ଖରାଦିନେ ପିଲାଙ୍କ ସ୍ୱାସ୍ଥ୍ୟ

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**

ଖରା ବଢ଼ିଲାଣି । ଦିନକୁ ଦିନ ରୌଦ୍ରତାପ ଧରାପୃଷ୍ଠକୁ ଉତ୍ତପ୍ତ କଲାଣି । ଖରାଦିନଟି ପିଲାମାନଙ୍କ ପାଇଁ ପ୍ରାୟ କଷ୍ଟକର ହୋଇଥାଏ ବୋଲି ଅନେକ ସମୟରେ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ବାପାମାଆମାନେ ଦୁଃଖ ପ୍ରକାଶ କରିଥାନ୍ତି । ବାସ୍ତବ କଥା ହେଉଛି ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ପିଲାମାନଙ୍କ ପାଇଁ ସତର୍କ ରହିବା ବାପାମାଆଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ଛୋଟ ପିଲାଙ୍କ ପାଇଁ ଖରାଦିନରେ ଅନେକ ସ୍ୱାସ୍ଥ୍ୟଗତ ସଚେତନ ହେବାକୁ ପଡ଼ିଥାଏ । ଖରାଦିନେ ଦୀର୍ଘଛୁଟି ପାଇ ପିଲାମାନେ ବିଳମ୍ବିତ ରାତି ଯାଏ କାର୍ଟୁନ ଚ୍ୟାନେଲ୍ ଦେଖା, ଟିଭି ଦେଖା କିମ୍ବା କମ୍ପ୍ୟୁଟରରେ ଭିଡ଼ିଓ ଗେମ୍ ଖେଳି ବିଳମ୍ବରେ ଶୋଇ ବିଳମ୍ବରେ ଶଯ୍ୟା ଛାଡ଼ିବା ଭଲ ଅଭ୍ୟାସ ନୁହେଁ ।

ପିଲାମାନଙ୍କୁ ସ୍ୱାସ୍ଥ୍ୟସଚେତନ କରିବା ପାଇଁ ବାପାମାଆମାନେ ସେମାନଙ୍କୁ ପ୍ରତ୍ୟୁଷରୁ ଶଯ୍ୟା ତ୍ୟାଗ ଅଭ୍ୟାସ କରାଇବା ସହ ଯୋଗ ପ୍ରାଣାୟମ ମଧ୍ୟ ଭଲ । ତେବେ ଛୋଟ ପିଲାଙ୍କ କ୍ଷେତ୍ରରେ ସେମାନଙ୍କ ଶରୀର ସାମର୍ଥ୍ୟର ବିଶ୍ରାମ ଅନୁଯାୟୀ ଶୋଇବା ଭଲ । ଖରାଦିନେ ପିଲାମାନଙ୍କ ଦେହରୁ ଜଳୀୟ ଅଂଶ କମିଯାଉଥିବାରୁ ସେମାନଙ୍କୁ ସିଝାପାଣି କିମ୍ବା ଶୋଧିତ ହୋଇଥିବା ପାଣି ପିଇବାକୁ ଦିଅନ୍ତୁ । ତେବେ ସୁରେଇ ପାଣି ମଧ୍ୟ କିଛି ମନ୍ଦ ନୁହେଁ । ଏହିଦିନରେ ଶରୀରରୁ ହଜମ କରିବାର ଶକ୍ତି ବଢୁଥିବାରୁ ପିଲାମାନଙ୍କୁ ଖାଦ୍ୟ ସହିତ ଫଳ, ସାଲାଡ୍ ଖାଇବାକୁ ଦିଆଯିବା ଜରୁରୀ । ସେମାନଙ୍କୁ ବଜାରର ଖାଦ୍ୟ ଓ ପ୍ରଦୂଷିତ ଖାଦ୍ୟ ଠାରୁ ଦୂରେଇ ଘର ଖାଇବା ଖୋଇବା ଶିଖାଇବା ଜରୁରୀ । ଏହି ଦିନରେ ପିଲାମାନେ ଥଣ୍ଡାପାନୀୟ ପିଇବା ପାଇଁ ରୁଚି ରଖୁଥିବାରୁ ପିଲାଙ୍କୁ ସେଥିରୁ ନିରୁତ୍ସାହିତ କରି ବରଂ ଘରେ ଫଳରସ ବି କରିପାରିବେ । ତେବେ ଉତ୍ତମ ସ୍ୱାସ୍ଥ୍ୟମାନର ବାହାର ଫଳରସ ଖରାପ ବି ନୁହେଁ । ତେବେ ସୋଡ଼ା ଜାତୀୟ ପାନୀୟ ଠାରୁ ପିଲାଙ୍କୁ ସର୍ବଦା ଦୂରେଇ ରଖନ୍ତୁ ସେହିପରି ଫ୍ରିଜ୍‌ରୁ ସାଙ୍ଗେ ସାଙ୍ଗେ କଢ଼ା ଯାଇଥିବା ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ଠାରୁ ଅଧିକ କ୍ୟାଲୋରୀଯୁକ୍ତ ଆଇସ୍‌କ୍ରିମ୍ ଓ ଥଣ୍ଡା ଚକୋଲେଟ ମଧ୍ୟ ଖରାପ ।

ଖରାଦିନରେ ପିଲାମାନଙ୍କ ବିଶ୍ରାମକୁ ଗୁରୁତ୍ୱ ଦିଅନ୍ତୁ । ପିଲାମାନଙ୍କୁ ନିର୍ଦ୍ଦିଷ୍ଟ ଖରାର ତେଜ ପଡୁଥିବା ସମୟରେ ଘରୁ ବାହାରକୁ ନଛାଡ଼ିବା ଭଲ । ସେହି ସମୟ ହେଉ ବା ରାତି ସମୟ ପିଲାମାନଙ୍କ ଶୋଇବା କ୍ଷେତ୍ରରେ ଆପଣ ନିଜେ ଏକ ଭଲ ରୁଟିନ୍ କରିପାରିବେ । ପିଲାର ସ୍ୱାସ୍ଥ୍ୟ ଓ ଖାଇବା ସହ ବୌଦ୍ଧିକ କ୍ଷେତ୍ରକୁ ଦେଖି ଶୋଇବା ସମୟ ନିର୍ଘଣ୍ଟ କରିପାରନ୍ତି । ସେହିପରି ଖରାର ତେଜ ପିଲାମାନଙ୍କ ଚର୍ମ ପାଇଁ କିଛି କ୍ଷେତ୍ରରେ କଷ୍ଟଦାୟକ ହୋଇପଡ଼ିଥାଏ । କାରଣ ଏହି ସମୟରେ କିଛି ପିଲାଙ୍କ କ୍ଷେତ୍ରରେ ସଂକ୍ରାମକ ଜାତୀୟ ଚର୍ମରୋଗର କଷ୍ଟକର ସମସ୍ୟା ବି ରହିଥାଏ ।

ପିଲାମାନଙ୍କୁ ସଂକ୍ରାମକ ରୋଗଥିବା ବ୍ୟକ୍ତିଙ୍କ ଠାରୁ ଦୂରେଇ ରଖନ୍ତୁ । ଖରାଦିନରେ କିଛି ପିଲାଙ୍କୁ ନାକରୁ ରକ୍ତ ପଡ଼ିବା ସମସ୍ୟା ଦେଖାଦେଇଥାଏ । ଏ କ୍ଷେତ୍ରରେ ସର୍ବପ୍ରଥମେ ଚିତ୍‌କରି ଶୋଇଦେବା ବାଞ୍ଛନୀୟ । ତେବେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରର ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ପିଲାମାନେ ଏହି ଦିନରେ ଘିମିର ପରି ସାମୂହିକ କୁଣ୍ଡିଆ ରୋଗଟିକୁ କିଛି କ୍ଷେତ୍ରରେ ସାମ୍ନା କରିଥାନ୍ତି । ତେବେ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଚିକିତ୍ସା କଲେ ପ୍ରାରମ୍ଭିକ ସମୟରୁ ନିୟନ୍ତ୍ରଣାଧିନ ହୋଇ ପିଲାଟି ସୁସ୍ଥ ହୋଇଯିବ । ଏହି ସମୟରେ ବିଶେଷକରି ଖରା ସମୟରେ ଯେପରି ପିଲାଟି ବାହାରକୁ ନଯାଏ ସେ ଦିଗଟିକୁ ଦେଖନ୍ତୁ । ଆଗକୁ ଗ୍ରୀଷ୍ମ ଲହରି ବୃଦ୍ଧି ପାଇଲେ ଅଂଶୁଘାତର ସମସ୍ୟା ମଧ୍ୟ ଦେଖାଦେଇପାରେ ।

ତେବେ ଖରାଦିନରେ ପିଲାମାନଙ୍କ ରୁଚିକୁ ଦେଖି ଫୁଡ୍‌ମେନୁ କରିପାରିବେ । ପିଲାଙ୍କୁ ଏହି ଦିନରେ ଖାଦ୍ୟସହ ଡାଲି, ଖୁବ୍ କମ୍ ଦହି, ଫଳରସ, ଗଜାବୁଟସହ ପ୍ରଚୁର ପରିମାଣରେ ସାଲାଡ୍ ରଖନ୍ତୁ ।

ପିଲାମାନଙ୍କୁ ସବୁଜ ପରିବା ଖାଇବାକୁ ଦିଅନ୍ତୁ । ପିଲାମାନଙ୍କ ସ୍ୱାସ୍ଥ୍ୟପାଇଁ କ୍ଷୀର ଅତ୍ୟନ୍ତ ସ୍ୱାସ୍ଥ୍ୟପ୍ରଦ । ଏହି ଦିନରେ ପିଲାମାନେ ବିଶେଷକରି ଥଣ୍ଡା ପାନୀୟ, ଆଇସକ୍ରିମ ଓ ଥଣ୍ଡା ଖାଦ୍ୟ ଖାଇବା ପାଇଁ ପସନ୍ଦ କରିଥାନ୍ତି । ତେବେ ଏଥିରୁ ପିଲାଟିକୁ ଯଥାସମ୍ଭବ ଯେତେ ଦୂରେଇବେ ସେତେ ଭଲ । ବରଂ ଆପଣ ଘରୋଇ ଭାବରେ ଏହିସବୁ ପଦାର୍ଥ ତିଆରି କରିପାରିବେ । ସେହିପରି ଫାଷ୍ଟଫୁଡ ଖାଦ୍ୟ ଓ ଆମିଷ ଖାଦ୍ୟ ଯେତେ କମ ଦେବା ଭଲ । ଏପରି କ୍ଷେତ୍ରରେ ଋତୁକାଳୀନ ଫଳ ପିଲାଟିକୁ ଦିଅନ୍ତୁ । କିମ୍ବା ପିଲାଟି ଭଲ ପାଉଥିଲେ ବିଭିନ୍ନ ଫଳ ସମିଶ୍ରିତ ଜୁସ ତିଆରି କରି ଦେବା ଭଲ । ବଜାରର ଫାଷ୍ଟଫୁଡ ପ୍ରଥମତଃ ପିଲାମାନଙ୍କ ପାଇଁ ଗରିଷ୍ଠ ଦ୍ୱିତୀୟତଃ ଏହା ସେମାନଙ୍କର ଖାଦ୍ୟ ରୁଚିକୁ ବଦଳାଇ ଦେବ । ଖରାଦିନେ ଆପଣ ଯଥାସମ୍ଭବ ପିଲାଟିକୁ ଘରୋଇ ଖାଦ୍ୟ ଦେବା ବହୁତ ଭଲ ।

ପିଲାମାନେ ଶରୀରର ଓଜନ ଅନୁଯାୟୀ କ୍ୟାଲୋରୀଯୁକ୍ତ ଖାଦ୍ୟ ଦିଅନ୍ତୁ । ପିଲାମାନେ ଏହି ଦିନରେ ବାହାରକୁ ଯିବାକୁ ସମୟ ପାଇଥିବାରୁ ପିଲାମାନଙ୍କୁ ଦୂର ଯାତ୍ରାରେ ନେଉଥିଲେ ଆପଣଙ୍କ ଯାତ୍ରା ଓ ଦର୍ଶନୀୟ ଭ୍ରମଣ ସହ ସ୍ୱତନ୍ତ୍ର ରୁଟିନ୍ ରଖିପାରିବେ । ଖରାଦିନ ପିଲାମାନଙ୍କ ପାଇଁ କିଛି ଅବକାଶ ସୃଷ୍ଟି କରିଥାଏ । ସୃଜନଶୀଳ କ୍ଷେତ୍ରରେ ପିଲାମାନଙ୍କୁ ସ୍ୱାସ୍ଥ୍ୟଭିତ୍ତିକ ଶିକ୍ଷା ଦିଅନ୍ତୁ । ପିଲାମାନଙ୍କ ଭିତରେ ଆଧ୍ୟାତ୍ମିକତା ଭାବନାର ଶିକ୍ଷା ଦେବାପାଇଁ ବାଳବିକାଶ ବା ଆଧ୍ୟାତ୍ମିକ ଶିକ୍ଷାଭିତ୍ତିକ ଅନୁଷ୍ଠାନ ଯିବାକୁ ଦିଆଯିବା ଉତ୍ତମ । ପିଲାମାନଙ୍କୁ ଖରାଦିନରେ ସବୁଜ ବନାନୀରେ କିଛି ମୁହୂର୍ତ୍ତ ବିତାଇବାକୁ ସମୟ ଓ ଯୋଜନା ରଖନ୍ତୁ ଏହା ପିଲାମାନଙ୍କ ସ୍ୱାସ୍ଥ୍ୟସହ ବୌଦ୍ଧିକ ସୃଜନଶୀଳ କ୍ଷେତ୍ର ପାଇଁ ବହୁତ ଭଲ । ଖରାଦିନ ପିଲାମାନଙ୍କ ପାଇଁ ଏକ ପ୍ରକାର ଛୁଟି ଦିନ ହୋଇଥିବାରୁ ଏହି ଦିନରେ ସେମାନଙ୍କ ସ୍ୱାସ୍ଥ୍ୟକ୍ଷେତ୍ର ଠାରୁ ସୃଜନଶୀଳକ୍ଷେତ୍ର, ଖାଇବା ଓ ବିଶ୍ରାମ ଠାରୁ ସେମାନଙ୍କୁ ସବୁକ୍ଷେତ୍ରରେ ସେମାନଙ୍କ ପାଇଁ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟ ନିର୍ଘଣ୍ଟ ପ୍ରସ୍ତୁତ କରନ୍ତୁ । ବାହାରେ ରହୁଥିବା ପିଲାମାନଙ୍କ ପାଇଁ ଗାଁରେ ନିଜ ପରିଜନଙ୍କ ସହ ସମୟ ବିତାଇବା ପାଇଁ ସମୟର ଦିନ ହେଉଛି ଏହି ଖରାଦିନ । ଏ କ୍ଷେତ୍ରରେ ପିଲାମାନଙ୍କ ସ୍ୱାସ୍ଥ୍ୟ ଦିଗକୁ ସଚେତନ ରଖନ୍ତୁ । ତେବେ ପିଲାମାନଙ୍କ ପାଇଁ ଖରାଦିନଟି କଷ୍ଟକର ବୋଲି ମନେ ନ କରି ଶିକ୍ଷାଭିତ୍ତିକ, ପ୍ରେରଣାଦାୟକ ଓ ସ୍ୱାସ୍ଥ୍ୟ ଚିନ୍ତନର ରୁଟିନ୍‌ଟି ରଖିଲେ ଦେଖିବେ ପିଲାମାନଙ୍କ ପାଇଁ ଖରାଦିନ ବରଂ ବହୁତ ଭଲର ଦିନ ହୋଇପାରିବ ।

**ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର**

# ଧନର ଦେବତା କୁବେର

**ବୈଷ୍ଣବ ଚରଣ ଦାଶ**

ଯୁଗେ ଯୁଗେ ମନୁଷ୍ୟ ଧନର ଆବଶ୍ୟକତା ପୂରଣ କରିବା ପାଇଁ ଅନେକ ଦେବାଦେବୀଙ୍କୁ ପୂଜା କରିଥାଏ । କିନ୍ତୁ ଧନର ଅଧିପତି ହେଉଛନ୍ତି କୁବେର । କୁବେରଙ୍କର ତିନି ଗୋଡ଼ ଓ ଆଠଟା ଦାନ୍ତ ରହିଛି । ବୈଦିକ ଶାସ୍ତ୍ର ଅନୁଯାୟୀ ସେ ଉତ୍ତର ଦିଗର ଅଧିପତି । ଇନ୍ଦ୍ରାଦି ଦଶ ଦିଗପାଳଙ୍କ ମଧ୍ୟରୁ ଉତ୍ତର ଦିଗର ଦିଗପାଳ ହେଉଛନ୍ତି କୁବେର ।

ମହର୍ଷି ବିଶ୍ରବାଙ୍କ ପୁତ୍ର ହେବା କାରଣରୁ ତାଙ୍କର ଅନ୍ୟ ଏକ ନାମ ବୈଶ୍ରବଣ । ବିଶ୍ରବାଙ୍କ ଔରସରେ ଇଡ଼ବିଡ଼ାଙ୍କ ଗର୍ଭରୁ ଜନ୍ମିଥିଲେ ଏ ରାବଣର ସାନ ଭାଇ ଏ ଧନାଧିପତି, ଯକ୍ଷ ଓ କିନ୍ନରମାନଙ୍କର ରାଜା । ବ୍ରାହ୍ମଣ ଗ୍ରନ୍ଥମାନଙ୍କରେ କୁବେରଙ୍କୁ ଯକ୍ଷ, ଗନ୍ଧର୍ବମାନଙ୍କ ରାଜା ବୋଲି ମଧ୍ୟ ବର୍ଣ୍ଣନା ରହିଛି ।

ଗନ୍ଧର୍ବ ଯକ୍ଷ ବରଲକ୍ଷ ନିସେବ୍ୟ ମାନଂ
ହେମ ଦ୍ୟୁତିମ୍ ନିଜ କରେଣ ଗଦାଭିଧାନମ୍ ।
ଆପିଙ୍ଗ ଲୋଚନ ମଦ ଭ୍ରମୁରଭ୍ରମେକ
ମାରୁହ୍ୟ ଯାନ ମନୁ ଚିନ୍ତୟତାମ୍ କୁବେରଂ ।

ଅନ୍ୟପକ୍ଷରେ କୁବେରଙ୍କୁ ଶିବଙ୍କ ଭ୍ରାତା ବା ସଖା ବୋଲି କୁହାଯାଏ । କୁବେର ତ୍ର୍ୟମ୍ବକମ୍ ସଖା । ତାଙ୍କ ରାଜଧାନୀର ନାମ ଅଳକାପୁରୀ । ମାର୍କଣ୍ଡେୟ ପୁରାଣ ଅନୁଯାୟୀ କୁବେର ଅଷ୍ଟସିଦ୍ଧିର ଦାତା । କୁବେରଙ୍କ ଅଷ୍ଟସିଦ୍ଧି ହେଉଛନ୍ତି ପଦ୍ମ, ମହାପଦ୍ମ, କଛପ, ମୁକୁନ୍ଦ, ନୀଳ, ନଳ, ଶଙ୍ଖ ଓ ରତ୍ନ । କେତେକ ପୁରାଣ ଓ ଗ୍ରନ୍ଥମାନଙ୍କରେ କୁବେରଙ୍କ ରୂପ ଓ ଆୟୁଧ ଭିନ୍ନ ଭିନ୍ନ ପ୍ରକାରର ବର୍ଣ୍ଣନା ରହିଛି ।

କୁବେର ମୁକୁଟ ଧାରଣ କରିଥିବାବେଳେ ବାହୁରେ ବାଜବନ୍ଧ, ହସ୍ତରେ କଙ୍କଣ, ବେକରେ ରତ୍ନମାଳା, କର୍ଣ୍ଣରେ କୁଣ୍ଡଳ ପରିଧାନ କରିଛନ୍ତି । ଆୟୁଧ ଭାବେ କେତେକ ମୂର୍ତ୍ତିରେ ମୁଦ୍ଗର, କମଣ୍ଡଳୁ, ଧରିଥିବା ବେଳେ ଆଉ କେତେକ ମୂର୍ତ୍ତିରେ ଗଦା, ବର୍ଚ୍ଛା, ରତ୍ନଘଟ ଧାରଣ କରିଥିବା ଦେଖାଯାଏ । ଓଡ଼ିଶାର ବିଭିନ୍ନ ମନ୍ଦିରରେ କୁବେରଙ୍କ ବିଭିନ୍ନ ରୂପ ଓ ଆୟୁଧ ଅଲଗା ଅଲଗା ଦେଖିବାକୁ ମିଳେ । କିଛି ମୂର୍ତ୍ତିରେ କୁବେରଙ୍କ ବାହନ ହାତୀ ଥିବାବେଳେ ଆଉ କେତେକ ମୂର୍ତ୍ତିରେ ନର ବା ରାକ୍ଷସ ବାହନ ରୂପେ ରହିଥାଏ । କୁବେର ଧନର ଅଧିପତି ହେବା କାରଣରୁ ବିଭିନ୍ନ ରାଜପ୍ରାସାଦ, ମଠ, ମନ୍ଦିରର ଉତ୍ତର ଦିଗରେ ଏହି ମୂର୍ତ୍ତି ପ୍ରତିଷ୍ଠା କରାଯାଇଥାଏ । କୁବେରଙ୍କୁ ଯଜ୍ଞେଶ୍ୱର ବୋଲି ମଧ୍ୟ ଅଭିହିତ କରାଯାଇଛି । ଯଜ୍ଞ ଶେଷରେ କୁବେରଙ୍କୁ ପ୍ରାର୍ଥନା କରାଯାଇଥାଏ ।

'ରାଜାଧି ରାଜାୟ ପ୍ରସହ୍ୟ ଶାୟିନେ, ନମୋ
ବୟଂ ବୈଶ୍ରବଣାୟ କୁର୍ମହେ । ସମେ କାମାନ୍
କାମ କାମାୟ ମହ୍ୟମ, କା ବୈଶ୍ରବଣୋ
ଦଧାତୁ ।'

ବାସ୍ତୁଶାସ୍ତ୍ର ଅନୁସାରେ ବିଶ୍ୱାସ କରାଯାଏ ଯେ ଯେଉଁ ଲୋକଙ୍କ ଉପରେ ଭଗବାନ କୁବେର ଦେବଙ୍କ ଦୟା ରହିଥାଏ, ସେମାନଙ୍କୁ ଜୀବନରେ ଆର୍ଥିକ ସମସ୍ୟାର ସାମ୍ନା କରିବାକୁ ପଡିନଥାଏ । ଯେଉଁ ବ୍ୟକ୍ତିଙ୍କ ଉପରେ କୁବେର ସନ୍ତୁଷ୍ଟ ରହିଥାନ୍ତି ତାଙ୍କର ଧନ ସମ୍ପତ୍ତିର ଅଭାବ ରହିନଥାଏ । ବିଭିନ୍ନ ଶାସ୍ତ୍ର ଅନୁଯାୟୀ କୁବେର ଥରେ ଏକ ଶିବ ମନ୍ଦିର ଭିତରେ ସେ ପଶିଗଲେ । ଚାରିଆଡ଼େ ଘୋର ଅନ୍ଧକାର ଥିବା ହେତୁ କିଛି ଦିଶୁ ନ ଥିଲା । କୁବେର ସେଠାରେ ଥିବା ଏକ ଦୀପକୁ ପ୍ରଜ୍ୱଳିତ କରିଲେ ।

ଦୀପ ଜଳିବା ମାତ୍ରେ ସେଠାରେ ଥିବା ଧନ ସଂପତ୍ତି ସବୁ ସ୍ପଷ୍ଟ ଭାବେ ଦିଶିଲା କୁବେରଙ୍କୁ । କିନ୍ତୁ ସେତେବେଳେ ପ୍ରବଳ ବେଗରେ ପବନ ବହିଲା, ଯାହାର ପରିଣାମ ସ୍ୱରୂପ ଦୀପଟି ଲିଭିଗଲା । ଏହାପରେ ପୁଣି କୁବେର ଦୀପ ଜଳାଇଲେ । ତା'ପରେ ପୁଣି ପବନ ବହିଲା ଓ ଦୀପଟି ଲିଭିଗଲା । ଏହିଭଳି ଭାବେ କୁବେର ବାରମ୍ବାର ଦୀପ ପ୍ରଜ୍ୱଳିତ କରିବାରେ ଲାଗିଲେ ।

କୁହାଯାଏ ଯେ ଯଦି କେହି ରାତିରେ ଭଗବାନ ଶିବଙ୍କ ସମ୍ମୁଖରେ ଦୀପ ଜଳାଏ, ତେବେ ମହାଦେବଙ୍କର ଅସୀମ କୃପା ମିଳିଥାଏ । ଏକଥା କିନ୍ତୁ କୁବେରଙ୍କୁ ଜଣା ନ ଥିଲା । ତାଙ୍କର ଅଜଣାତରେ ଏହି କାର୍ଯ୍ୟ ସଂପନ୍ନ ହୋଇଗଲା । ଏଥିରେ ଭଗବାନ ଶିବ ପ୍ରସନ୍ନ ହୋଇ କୁବେରଙ୍କୁ ଦେବତାମାନଙ୍କର କୋଷାଧ୍ୟକ୍ଷ ନିଯୁକ୍ତ କରିଥିଲେ । ସେବେଠାରୁ କୁବେର ଭଗବାନ ଶିବଙ୍କର ପରମ ଭକ୍ତ ଏବଂ ଧନପତି ଧନର ଦେବତା ହୋଇଯାଇଥିଲେ ।

ଉତ୍ତରାଖଣ୍ଡ ଅଲମୋଡ଼ା ଜିଲ୍ଲାରୁ ପାଖାପାଖୀ ୪୦ କିଲୋମିଟର ଦୂରରେ ଜାଗେଶ୍ୱର ଧାମରେ କୁବେର ଦେବଙ୍କ ମନ୍ଦିର ରହିଛି । ସେଠାରେ ୧୨୫ ଦେବଦେବୀଙ୍କ ମନ୍ଦିର ଥିବାବେଳେ କୁବେର ଦେବଙ୍କ ମନ୍ଦିରରେ ସବୁବେଳେ ଭିଡ଼ ଲାଗି ରହିଥାଏ । କାରଣ ଧାରକରଜରୁ ମୁକ୍ତ ହେବାକୁ ଏଠାରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥାଏ । ଯେଉଁମାନେ ଏହି ମନ୍ଦିରରେ ଦର୍ଶନ କରିବା ପରେ ମୁଦ୍ରା ଚାହାଁନ୍ତି, ସେମାନେ ଧାରକରଜରୁ ମୁକ୍ତ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି । କୁବେର ଦେବଙ୍କୁ ପ୍ରସନ୍ନ କରିବା ଓ ତାଙ୍କ କୃପା ପ୍ରାପ୍ତ କରିବାକୁ ହେଲେ ଏହି ମନ୍ତ୍ର ପାଠ କରାଯାଏ । 'ଓଁ ଯକ୍ଷାୟ କୁବେରାୟ ବୈଶ୍ରବଣାୟ ଧନଧାନ୍ୟାଧିପତୟେ, ଧନଧାନ୍ୟସମୃଦ୍ଧିଂ ମେ ଦେହି ଦାପୟ ସ୍ୱାହା ।' ତେବେ ଆଜି ମଧ୍ୟ ଧନତେରାସ, ଓ ଗୁରୁବାର ଦିନମାନଙ୍କରେ କୁବେରଙ୍କୁ ପୂଜା କରାଯାଇଥାଏ ।

**ବୀରଧନଞ୍ଜୟ ପୁର**
**ବୁଗୁଡ଼ା, ଗଞ୍ଜାମ,**
**ମୋ-୯୭୭୬୫୩୪୯୩୦**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ବେଦାନ୍ତ ଲାଞ୍ଜିଗଡ଼ ଏହାର ୫ ଏମଟିପିଏ ରିଫାଇନାରୀ

# ସମ୍ପ୍ରସାରଣକୁ ସମର୍ଥନ କରିବା ପାଇଁ ରେଳ ଭିତ୍ତିଭୂମିକୁ ବିସ୍ତାର କରିଛି

ଭୁବନେଶ୍ୱର,(ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଏହାର ଲଜିଷ୍ଟିକ୍ସ ଭିତ୍ତିଭୂମିକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ଦେଇ, ଏକ ନୂତନ ରେଳ ଲାଇନକୁ ସଫଳତାର ସହ ଉଦଘାଟନ କରିଛି, ଯାହା ଏହାର ଯୋଗାଣ ଶୃଙ୍ଖଳ କ୍ଷମତାକୁ ଆହୁରି ମଜବୁତ କରିଛି । ରେଳ ଭିତିଭୂମି ସମ୍ପ୍ରସାରଣ ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ରେ ଏହାର ୫ ଏମଟିପିଏ ଆଲୁମିନା ରିଫାଇନାରୀର କାର୍ଯ୍ୟକ୍ଷମ ସହିତ ସମନ୍ୱିତ । ଏହା କଞ୍ଚାମାଲ ଏବଂ ସାମଗ୍ରୀର ନିର୍ବିଘ୍ନ ଅନ୍ତ ଏବଂ ବାହ୍ୟ ପରିବହନ ସୁନିଶ୍ଚିତ କରିବ । ଏହା ସହିତ, ଏହା ୨୦୫୦ ସୁଦ୍ଧା କିମ୍ବା ତା'ପୂର୍ବରୁ ନେଟ୍ ଜିରୋ କାର୍ବନ, କମ୍ପାନୀର ଲକ୍ଷ୍ୟ ପୂରଣ ସହିତ ସଙ୍ଗତ, କାରଣ ନୂତନ ରେଳ ଲାଇନ ଗୋଟିଏ ବର୍ଷ ମଧ୍ୟରେ ୨୬୨ ଟନ୍ କାର୍ବନ ଡାଇଅକ୍ସାଇଡ୍ (ଟିସିଓ୨) କାର୍ବନ ନିର୍ଗମନକୁ ହ୍ରାସ କରିବ । ନୂତନ ଭାବରେ କାର୍ଯ୍ୟକ୍ଷମ ହୋଇଥିବା ୧୩.୪ କିଲୋମିଟର ରେଳ ଲାଇନ ବେଦାନ୍ତ ଲାଞ୍ଜିଗଡ଼ର ଲଜିଷ୍ଟିକ୍ସ କାର୍ଯ୍ୟ ପାଇଁ ୧୦୦% ରେଳ ସହ-ଦକ୍ଷତା ଆଡକୁ ଯାତ୍ରାରେ ଏକ ପ୍ରମୁଖ ମାଇଲଖୁଣ୍ଟ ଚିହ୍ନିତ



କରେ, ଯାହା ନିଶ୍ଚିତ କରେ ଯେ ସମସ୍ତ ସାମଗ୍ରୀର ପରିବହନ ରେଳ ମାଧ୍ୟମରେ ହେଉଛି । ଏହା ସହିତ, ପ୍ଲାଣ୍ଟ ୟାର୍ଡ ମଧ୍ୟରେ ଛଅଟି ନୂତନ ଲୁପ୍ ଲାଇନ ପ୍ରଚଳନ କରାଯାଇଛି ଯାହା ଏକ ଉନ୍ନତ ଇଲେକ୍ଟ୍ରୋନିକ୍ ସିଗନାଲିଂ ସିଷ୍ଟମ ଦ୍ୱାରା ସମର୍ଥିତ। ଏହି ବିକାଶ ବାର୍ଷିକ ୨୫ ନିୟୁତ ଟନ୍ କଞ୍ଚାମାଲ ଏବଂ ସାମଗ୍ରୀ ପରିଚାଳନା କରିବା ପାଇଁ ପ୍ଲାଣ୍ଟ କ୍ଷମତାକୁ ବୃଦ୍ଧି କରେ, ଉନ୍ନତ ଦକ୍ଷତା ସହିତ ପ୍ରତିଦିନ ୨୦ଟି ରେକ୍ ସ୍ଥାନିତ କରେ । ଏହି ପ୍ରକଳ୍ପର ଏକ ଉଲ୍ଲେଖନୀୟ ଉନ୍ନତି ହେଉଛି ରିଲେ ରୁମ୍ ଇଣ୍ଟରଲକିଂ (ଆରଆରଆଇ) ରୁ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ (ଇଆଇ) କୁ ସ୍ଥାନାନ୍ତର କରି ମାନୁଆଲ୍‌ରୁ ଡିଜିଟାଲ୍‌କୁ ସିଗନାଲିଂ ସିଷ୍ଟମକୁ ପରିବର୍ତନ କରେ, ଯାହା ରେଳ କାର୍ଯ୍ୟରେ ଉନ୍ନତ ଡିଜିଟାଇଜେସନକୁ ସୂଚିତ କରେ । ଏହି ଅତ୍ୟାଧୁନିକ ଅପଗ୍ରେଡ୍ ସୁରକ୍ଷାକୁ ସୁଦୃଢ଼ କରେ, କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରେ ଏବଂ ଉପକରଣର ଜୀବନକାଳକୁ ବୃଦ୍ଧି କରେ । ଏହି ସଫଳତା ବିଷୟରେ କହି, ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି, 'ବେଦାନ୍ତ ଲାଞ୍ଜିଗଡ଼ରେ ୧୩.୪ କିଲୋମିଟର ରେଳ ଲାଇନର କମିଶନିଂ ଏକ ପରିବର୍ତନକାରୀ ପଦକ୍ଷେପ ଯାହା ଲଜିଷ୍ଟିକ୍ସକୁ ସୁଗମ କରିବ, ପରିବର୍ତ୍ତନ ସମୟ ହ୍ରାସ କରିବ ଏବଂ ଆମର ଦୀର୍ଘକାଳୀନ ଉତ୍ପାଦନ ଲକ୍ଷ୍ୟକୁ ସମର୍ଥନ କରିବ, ଏବଂ ଡିଜିଟାଲ୍ ନବସୃଜନ ଏବଂ ନିରାପଦ କାର୍ଯ୍ୟ ପ୍ରତି ଆମର ପ୍ରତିବଦ୍ଧତାକୁ ମଧ୍ୟ ସୁଦୃଢ଼ କରିବ । ଉନ୍ନତ ଡିଜିଟାଲ୍ କାର୍ଯ୍ୟ ସହିତ ଅତ୍ୟାଧୁନିକ ରେଳ ଭିତିଭୂମିକୁ ସମନ୍ୱିତ କରି, ବେଦାନ୍ତ ଆଲୁମିନିୟମ ଆଲୁମିନିୟମ ଶିଳ୍ପରେ ନୂତନ ମାନଦଣ୍ଡ ସ୍ଥାପନ କରିଚାଲିଛି । ଏହି ସମ୍ପ୍ରସାରଣ ଯୋଗାଣ ଶୃଙ୍ଖଳା ଦକ୍ଷତାକୁ ବୃଦ୍ଧି କରିଛି ଏବଂ ଭାରତର ଶିଳ୍ପ ଅଭିବୃଦ୍ଧି ଏବଂ ବିକାଶ ପ୍ରତି କମ୍ପାନୀର ଅବଦାନକୁ ସୁଦୃଢ଼ କରିଛି ।



ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରୀତମ ପୁରୁକାୟାସ୍ଥଙ୍କ ଦ୍ୱାରା ସ୍ୱଚ୍ଛତା ପକ୍ଷରେ ୟୁନିଟ-୪ ସ୍ଥିତ ଇସ୍ପାତ ଭବନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ।

## ବିକ୍ଷୋଭ ପାଇଁ ଟ୍ରାଫିକ୍ କଟକଣା ସୁରକ୍ଷାରେ ୫୦ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର, (ସବ୍ୟୁ) : ରାଜନୈତିକ ଦଳ ବିକ୍ଷୋଭ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ୨୭ ତାରିଖରେ ଟ୍ରାଫିକ୍ କଟକଣା ଜାରି କରାଯାଇଛି । ଟ୍ରାଫିକ୍ କଟକଣା ସାଙ୍ଗକୁ ବିଧାନସଭା ଘେରାଉ ଆଇନଶୃଙ୍ଖଳାରେ ୫୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ । ବିଧାନସଭା ଓ ଏହା ଆଖପାଖ ଅଞ୍ଚଳରେ ବିକ୍ଷୋଭ ପ୍ରଦର୍ଶନ ହେବ । ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସହର ଏବଂ ଏହାର ଆଖପାଖରେ ବିଶେଷ କରି ରାଜମହଲ ଛକରୁ ରୂପାଲି ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱ ରାସ୍ତାରେ ସକାଳ ୯ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଟ୍ରାଫିକ୍ ସମସ୍ୟା ହେବାର ଆଶଙ୍କା କରାଯାଉଛି ।

ଏହି ଟ୍ରାଫିକ୍ ସମସ୍ୟାକୁ ଏଡାଇବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ରାଜମହଲରୁ ରୂପାଲି ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ସକାଳ ୯ଟାରୁ ଅପରାହ୍ଣ ୩ ଘଟିକା ପର୍ଯ୍ୟନ୍ତ ଯାତାୟାତ ନକରିବାକୁ କୁହାଯାଇଛି । ଅନ୍ୟ ରାସ୍ତାରେ ପଥଚାରୀମାନେ ଯିବାକୁ ପୋଲିସ ଅନୁରୋଧ କରିଛି ।

## ଆନ୍ଧ୍ର ବରକୁ ଠକେଇ : ମା'-ଝିଅ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବିବାହ ଉଦ୍ଦେଶ୍ୟରେ ଆନ୍ଧ୍ରର ବରପକ୍ଷ ଓଡ଼ିଶା କନ୍ୟାଙ୍କୁ ଦେଇଥିବା ଟଙ୍କା ଓ ସୁନା ଗହଣା କନ୍ୟାପକ୍ଷ ନଫେରାଇ ବିବାହ ପାଇଁ ମନା କରିଦେବାରୁ ଆନ୍ଧ୍ର ବରପକ୍ଷ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତିକରି ଓଡ଼ିଶା କନ୍ୟା ଓ ତାଙ୍କ ମା'ଙ୍କୁ ନୂଆପଲ୍ଲୀ ଥାନା ପୋଲିସ ଗିରଫ କରିଛି । ଆନ୍ଧ୍ର ବର ରେଣ୍ଟାଲ ଅଞ୍ଚଳରେ ରହୁଥିବା ନୟାଗଡର ଜଣେ ଝିଅକୁ ଦେଖିବା ପରେ ତାଙ୍କର ପସନ୍ଦ ହୋଇଥିଲା । ରେଷ୍ଟୁରାଣ୍ଟରେ ଉଭୟଙ୍କ ଦେଖା ସାକ୍ଷାତ ହେବା ପରେ ଏକ ମଣ୍ଡପରେ ରିଙ୍ଗ୍ ସେରିମନି କରାଯାଇଥିଲା । ଆନ୍ଧ୍ର ଶୈଳୀରେ ଏନ୍‌ଗେଜମେଣ୍ଟ (ନିର୍ବନ୍ଧ) ସମୟରେ କନ୍ୟାକୁ ଟଙ୍କା ଓ ଗହଣା ପ୍ରଭୃତି ବରପକ୍ଷ ଦେଇଥିଲେ । ଦେଢଲକ୍ଷ ଟଙ୍କା, ହାର, କାନଫୁଲ, ହାତକୁ ଚୁଡି, ପାଉଞ୍ଜି, ହାତ ମୁଦି ପ୍ରଭୃତି ଦେଇଥିଲେ । ସେ ସମୟରେ ଉଭୟ ପକ୍ଷ କଥା ହୋଇଥିଲେ ଯେ, କୋର୍ଟକୁ ଯାଇ ରେଜିଷ୍ଟ୍ରି ମ୍ୟାରେଜ କରିବା ପାଇଁ ।ସୋମବାର ବରପକ୍ଷ ପହଞ୍ଚି କନ୍ୟାପକ୍ଷଙ୍କୁ ଫୋନ୍ କରି ଡାକିବା ବେଳକୁ ସେମାନେ ବାହାଘର ହେବନାହିଁ ବୋଲି ମନା କରିଥିଲେ । କ'ଣ ପାଇଁ ସେମାନେ ଅରାଜି ହେଉଛନ୍ତି, ବରପକ୍ଷ ମଧ୍ୟସ୍ଥିଙ୍କ ମାଧ୍ୟମରେ ବୁଝାବୁଝି କରି ଜାଣିବାକୁ ପାଇଥିଲେ ଯେ, ବିବାହ ପାଇଁ ଯେଉଁ କନ୍ୟାକୁ ଗହଣା ପ୍ରଭୃତି ଦେଇଥିଲେ ସେ ବିବାହିତା । ତାଙ୍କର ଏକ ପୁତ୍ର ସନ୍ତାନ ଅଛି । ସ୍ୱାମୀଠାରୁ ମଧ ଛାଡପତ୍ର ନେଇନାହାନ୍ତି । ଏହା ଜାଣିବା ପରେ ମଧ ବରପକ୍ଷ ବିବାହ କରିବାକୁ କହିଥିଲେ । ହେଲେ କନ୍ୟାପକ୍ଷ ବିବାହ କରିବାକୁ ଅସ୍ୱୀକାର କରିଥିଲେ । ଯାହା ଫଳରେ ବରପକ୍ଷ ତାଙ୍କ ଗହଣା ଓ ଟଙ୍କା ଫେରାଇ ଦେବାକୁ କହିଥିଲେ । ତାହା ସେ ଫେରାଇ ଦେଇଥିବା କହିବାରୁ ବରପକ୍ଷ ଅଡୁଆରେ ପଡି ନୂଆପଲ୍ଲୀ ଥାନାକୁ ଯାଇ ଅଭିଯୋଗ କରିଥିଲେ । ଏହା ଜାଣିବା ପରେ କନ୍ୟାପକ୍ଷ ମଙ୍ଗଳବାର ଦିନ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ ଯେ, ଆମେ ତାଙ୍କ ଗହଣା ଓ ଟଙ୍କା ଫେରାଇ ଦେଇଛୁ । ଦୁଇ ପକ୍ଷଙ୍କ ଅଭିଯୋଗକୁ ବିଚାରକୁ ନେଇ ନୂଆପଲ୍ଲୀ ଥାନା ପୋଲିସ ବରପକ୍ଷ ଏତଲାକୁ ଗ୍ରହଣ କରିବା ସହ କନ୍ୟା ଓ ତାଙ୍କ ମା'ଙ୍କୁ ଗିରଫ କରିଥିବା ପୋଲିସ କହିଛି । ଉଭୟଙ୍କୁ ନୟାଗଡରୁ ଗିରଫ କରାଯାଇଥିବା ସୂଚନା ମିଳିଛି । ଏହି ମା'-ଝିଅଙ୍କ ନାଁରେ ପୂର୍ବରୁ ଠକେଇ ଓ ବହୁ ଅପରାଧିକ ମାମଲା ଥିବା ପୋଲିସ ସୂଚନା ଦେଇଛନ୍ତି ।

# ସପ୍ତମ କଳାଭୂମି ଉତ୍ସବ ଉଦଯାପିତ

ଭୁବନେଶ୍ୱର,(ସବ୍ୟୁ): ଅନନ୍ୟ କଳାର ରାଜ୍ୟ ଓଡ଼ିଶା । ଏହାର ସମୃଦ୍ଧ ହସ୍ତଶିଳ୍ପ ଓ ଗରିମାମୟ ହସ୍ତତନ୍ତର ପରମ୍ପରାକୁ ଆଗେଇ ନେବା ଆମର ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି କହିଛନ୍ତି ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ । ସପ୍ତମ କଳାଭୂମି ଉତ୍ସବର ଉଦଯାପନୀ ସମାରୋହରେ ଯୋଗ ଦେଇ ମାନ୍ୟବର ମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକ ପ୍ରାଣରେ ଆମ ଋଦ୍ଧିମନ୍ତ କଳାର ପ୍ରସାର ଓ ବିକାଶ ପାଇଁ ଆମେ ଅଙ୍ଗୀକାରବଦ୍ଧ । ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା




ପୁନମ ତାପସ କୁମାର ଏହି ଅବସରରେ କାରିଗର ଓ ବୁଣାକାରଙ୍କ ମଙ୍ଗଳ ପାଇଁ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନ କରିଥିଲେ । ରାଜ୍ୟର ସମୃଦ୍ଧ ହସ୍ତଶିଳ୍ପ ଓ ହସ୍ତତନ୍ତର ପ୍ରତୀକ କଳାଭୁମି ସାଜିଛି ବୋଲି ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ କହିଥିଲେ । ଏହି ଉଦଯାପନୀ ଉତ୍ସବରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ତଥା ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ମଧୁମିତା ରଥ ସ୍ୱାଗତ ଭାଷଣ ଦେଇଥିଲେ । ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତୀ ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆପୋଲୋ କ୍ୟାନସର ସେଣ୍ଟରର କୋଲଫିଟ୍ ପ୍ରୋଗାମ ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ଦିନକୁ ଦିନ କ୍ୟାନସର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ଲକ୍ଷ୍ୟ ରଖି ସ୍ଥାନୀୟ ଆପୋଲୋ ହସ୍‌ପିଟାଲ କ୍ୟାନସର ସେଣ୍ଟର ପକ୍ଷରୁ କୋଲୋରେକ୍ଟାଲ୍ କ୍ୟାନସର ରୋକିବା ଦିଗରେ ନୂତନଭାବେ କୋଲଫିଟ୍ ପ୍ରୋଗାମର ଶୁଭାରମ୍ଭ କରାଯାଇଛି । ବୁଧବାର ହସପିଟାଲ୍ ପରିସରରେ ଏହି କୋଲଫିଟ୍ ପ୍ରୋଗାମ୍‌କୁ ହସପିଟାଲର ସିଓଓ ଡ. ଆଲୋକ ଶ୍ରୀବାସ୍ତବ ଶୁଭାରମ୍ଭ କରିଛନ୍ତି । ସେ କହିଛନ୍ତି ଯେ, ୪୦ ରୁ ୭୫ ବର୍ଷ ବୟସର ଲୋକଙ୍କ ମଧ୍ୟରେ ଏହି ମାରାତ୍ମକ କଲୋନ କ୍ୟାନସର ବେଶୀ ଦେଖିବାକୁ ମିଳୁଛି । ଦେଶରେ ବର୍ତ୍ତମାନ ପ୍ରତି ଲକ୍ଷେ ପୁରୁଷଙ୍କ ମଧ୍ୟରେ ୭ ଜଣରୁ ଉର୍ଦ୍ଧ୍ୱ ରୋଗୀ ଓ ଲକ୍ଷେ ମହିଳାଙ୍କ ମଧ୍ୟରେ ପାଞ୍ଚଜଣରୁ ଉର୍ଦ୍ଧ୍ୱ ରୋଗୀ ଚିହ୍ନଟ ହେଉଛନ୍ତି । ଝାଡାରେ ରକ୍ତ ପଡିବା, ଓଜନ କମିବା, ଖାଦ୍ୟ ହଜମ ନହେବା, ପତଳା ଝାଡା ହେବା ଭଳି ଲକ୍ଷଣ ଦେଖାଗଲେ ସଙ୍ଗେସଙ୍ଗେ ଏହାର ପରୀକ୍ଷା କରିବା ଉଚିତ । ଆପୋଲୋ ହସପିଟାଲରେ କମ୍ ଖର୍ଚ୍ଚରେ ଏହି ରୋଗର ପରୀକ୍ଷା ଓ ଚିକିତ୍ସା କରିବାର ସୁବିଧା କରିଛି । ଏଥିରେ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ବିଭାଗର ବରିଷ୍ଠ ଡାକ୍ତର ସୁଶାନ୍ତ




କୁମାର ସେଠୀ ଯୋଗଦେଇ କଲୋନ କ୍ୟାନସର ରୋକିବାକୁ ହେଲେ ଜୀବନଶୈଳୀରେ ପରିବର୍ତ୍ତନ, ଜଙ୍କ୍ ଫୁଡ୍ ବଦଳରେ ସନ୍ତୁଳିତ ଓ ତନ୍ତୁଜାତୀୟ ଖାଦ୍ୟ ଗ୍ରହଣ ସହିତ ନିୟମିତ ବ୍ୟାୟାମ କରିବା ଉଚିତ । ଏଥିରେ ଅଙ୍କଲୋଜି ସର୍ଜନ ଡା. ପ୍ରଶାନ୍ତ ଚନ୍ଦ୍ର ଦାସ ଯୋଗଦେଇ କହିଲେ ଏହି ରୋଗର ପ୍ରାରମ୍ଭିକ ସ୍ତରରେ ଚିହ୍ନଟ ପାଇଁ ଆପୋଲୋ ହସପିଟାଲରେ କୋଲଫିଟ୍ ପ୍ରୋଗାମର ଶୁଭାରମ୍ଭ ହୋଇଛି । ଯାହା ରୋଗ ଚିହ୍ନଟ ସହ କମ୍ ଖର୍ଚ୍ଚରେ ଏଠାରେ ଚିକିତ୍ସା କରାଯିବାର ସମସ୍ତ ବ୍ୟବସ୍ଥା ହୋଇଛି । ଅନ୍ୟତମ ଅତିଥିଭାବେ ହେମାଟୋଲୋଜି ବିଭାଗର ଡା. ଶ୍ରେୟା ଦାସ ଯୋଗଦେଇ କହିଲେଯେ, କଲୋରେକ୍ଟାଲ କ୍ୟାନସର ରୋଗ ଯଦି ପ୍ରାରମ୍ଭିକ ପର୍ଯ୍ୟାୟରେ ଚିହ୍ନଟ କରାଯାଏ ତେବେ ଚିକିତ୍ସାରେ ବିଶେଷ ଅସୁବିଧା ହୁଏ ନାହିଁ । ରୋଗୀ ଅଳ୍ପ ଖର୍ଚ୍ଚରେ ସହଜରେ ଆରୋଗ୍ୟ ହୋଇପାରିଥାଏ । ଏହି ରୋଗ ରୋକିବାକୁ ବ୍ୟାପକ ସଚେତନାତାର ଆବଶ୍ୟକ ରହିଛି । ଯାହାର ପ୍ରୟାସ ଆପୋଲୋ ହସପିଟାଲ ଜାରି ରଖିଛି । ଏହି କାର୍ଯ୍ୟକ୍ରମରେ ହସପିଟାଲର ଡାକ୍ତର, ନର୍ସଙ୍କ ସମେତ ବହୁ ସଂଖ୍ୟାରେ କର୍ମଚାରୀ ମାନେ ଯୋଗ ଦେଇଥିଲେ ।

## କଂଗ୍ରେସ ବିଧାୟକଙ୍କୁ ନିଲମ୍ବନ ଘଟଣା

## ବାଚସ୍ପତିଙ୍କ ବିବୃତ୍ତି ସମ୍ପୂର୍ଣ୍ଣ ଏକ ପାଖିଆ: ପ୍ରସନ୍ନ ଆଚାର୍ଯ୍ୟ

ଭୁବନେଶ୍ୱର,(ସବ୍ୟୁ): ବିଜୁଜନତା ଦଳର ବରିଷ୍ଠ ନେତା ତଥା ବିଧାନସଭାର ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଧାନସଭାର ବାଚସ୍ପତି ସୁରମା ପାଢ଼ୀଙ୍କ ଦ୍ୱାରା ଗୃହରେ କଂଗ୍ରେସ ବିଧାୟକମାନଙ୍କ ନିଲମ୍ବନ ସମ୍ବନ୍ଧରେ ପ୍ରଦାନ କରାଯାଇଥିବା ବିବୃତ୍ତି ଏକ ପାଖିଆ ଓ ସମଗ୍ରଘଟଣାର ପ୍ରତିଫଳନ ହୋଇ ନାହିଁ ବୋଲି କହିଛନ୍ତି ।

ଶ୍ରୀ ଆଚାର୍ଯ୍ୟ ଏହି ଘଟଣା ରାଜ୍ୟ ବିଧାନସଭା ଇତିହାସର ଏକ ବିରଳ ଘଟଣା ଓ ପୂର୍ବରୁ ଏପରି ଘଟଣା କେବେ ଘଟି ନଥିଲା ବୋଲି କହିଛନ୍ତି । ଗୃହଚଳାଇବା ପାଇଁ ଉଭୟ ସରକାରୀ ଓ ବିରୋଧୀ ଦଳର ବିଧାୟକମାନଙ୍କ ଆବଶ୍ୟକତା ରହିଛି । କିନ୍ତୁ ସରକାରୀ ଦଳ ବିରୋଧୀ ଦଳକୁବାଦ ଦେଇ ବିଧାନସଭା ଚଳାଇବାକୁ ଚାହୁଁଛନ୍ତି । ସରକାର ସହନଶୀଳ ହେବାର ଆବଶ୍ୟକ ରହିଛି । କିନ୍ତୁ ସରକାର ଅସହିଷ୍ଣୁ ହୋଇ ପଡୁଛନ୍ତି । ବିରୋଧୀ ଦଳର ସମାଲୋଚନାକୁ ଗ୍ରହଣ କରି ପାରୁ ନାହାନ୍ତି । ମଙ୍ଗଳବାର ବିଧାନସଭାର ବାଚସ୍ପତି ଦେଇଥିବା ବିବରଣୀ ସମ୍ପୂର୍ଣ୍ଣ ଏକପାଖିଆ ଓ ସମଗ୍ରଘଟଣାର ପ୍ରତିଫଳନ ନୁହେଁ ବୋଲି ସେ କହିଥିଲେ । ଶ୍ରୀ ଆଚାର୍ଯ୍ୟ ଆହୁରି କହିଥିଲେ, ଗୃହଭିତରକୁବାହାରଲୋକଙ୍କ ପ୍ରବେଶରବାରଣରହିଛି। ଆମେ ଜାଣିବାକୁ ପାଉଛୁ, ମଙ୍ଗଳବାର ଗୃହରୁ କିଛି ବିଧାୟକଙ୍କୁ ବାହାର କରିବା ପାଇଁ କିଛି ବାହାରଲୋକ ଗୃହ ଭିତରକୁ ପ୍ରବେଶ କରିଥିଲେ । ଗୃହର ପରମ୍ପରାକୁ ସରକାର ଭାଙ୍ଗୁଥିବାରୁ ଆମେ ଦୃଢ଼ ନିନ୍ଦା କରୁଛୁ । ରାଜ୍ୟରେ ଓବିସି, ଏସସି ଓ ଏସଟିମାନଙ୍କ ସଂରକ୍ଷଣ ବ୍ୟବସ୍ଥା ଉପରେ ଆଲୋଚନା ପାଇଁ ବିଜୁ ଜନତା ଦଳ ତରଫରୁ ଗତ ତିନି ଦିନ ହେଲା ଦାବି କରାଯାଇ ଆସୁଛି । କିନ୍ତୁ ସରକାର ଆଲୋଚନା ପାଇଁ ଅନୁମତି ଦେଉ ନାହାନ୍ତି । ଆଜି ସକାଳେ, ବିଧାନସଭାରେ ଏହି ଅନୁମତି ପ୍ରଦାନ ନକରିବା ବିରୋଧରେ କକ୍ଷତ୍ୟାଗ କରି ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଧାରଣା ଦେବାକୁ ଯାଉଥିଲା ବେଳେ ପୋଲିସ ଆମର ବିଧାୟକମାନଙ୍କୁ ବିଧାନସଭାରଗେଟ ପାଖରେରୋକିଥିଲେ, ଯେଉଁଥିପାଇଁ ଧସ୍ତାଧସ୍ତି ପରିସ୍ଥିତିସୃଷ୍ଟିହୋଇଥିଲା ଓ ସେଥିରେ ଆମର କିଛି ବିଧାୟକ ଆହତ ହୋଇଥିଲେ। ଆମେ ପୋଲିସରଏହିବ୍ୟବହାରକୁ ମଧ୍ୟ ନିନ୍ଦାକରୁଛୁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

## ଜରୁରୀକାଳୀନ ହୃଦରୋଗ ପ୍ରାଥମିକ ଚିକିତ୍ସା ନିମନ୍ତେ

## ସମ୍ ହସ୍ପିଟାଲ୍ ଆଞ୍ଚଳିକ ତାଲିମ କେନ୍ଦ୍ର ଭାବେ ମନୋନୀତ

ଭୁବନେଶ୍ୱର,(ସବ୍ୟୁ): ଜରୁରୀକାଳୀନ ପରିସ୍ଥିତିରେ ହୃଦରୋଗୀର ଜୀବନ ରକ୍ଷା ନିମନ୍ତେ ଆବଶ୍ୟକୀୟ ପ୍ରାଥମିକ ଚିକିତ୍ସା ସମ୍ବନ୍ଧୀୟ ଆଞ୍ଚଳିକ ତାଲିମ କେନ୍ଦ୍ର ଭାବେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍‌କୁ ଇଣ୍ଡିଆନ ରେସୁସିଟେସନ୍ କାଉନ୍‌ସିଲ୍ (ଆଇଆର୍‌ସି) ଦ୍ୱାରା ମନୋନୀତ କରାଯାଇଛି । ଏହି କେନ୍ଦ୍ରରେ ବେସିକ୍ କାର୍ଡିଆକ୍ ଲାଇଫ୍ ସପୋର୍ଟ (ବିସିଏଲ୍‌ଏସ୍) ଓ କମ୍ପ୍ରେହେନସିଭ୍ କାର୍ଡିଆକ୍ ଲାଇଫ୍ ସପୋର୍ଟ (ସିସିଏଲ୍‌ଏସ୍) ବିଷୟରେ ଡାକ୍ତର ତଥା ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ



ଦିଆଯିବ । ଓଡ଼ିଶାରେ କେବଳ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌କୁ ଏଥି ନିମନ୍ତେ ମନୋନୀତ କରାଯାଇଛି । ଏଥି ନିମନ୍ତେ ହସ୍ପିଟାଲ୍‌ରେ ମାର୍ଚ୍ଚ ୨୩ ଓ ୨୪ ଦୁଇ ଦିନ ଧରି ଆଇଆରସି ଦ୍ୱାରା ଅନୁମୋଦିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ଆଇଆରସିର ଅଧ୍ୟକ୍ଷ ପ୍ରଫେସର (ଡାକ୍ତର) ଏସ୍. ଚକ୍ର ରାଓ, ତିରୁପତିସ୍ଥିତ ଭେଙ୍କଟେଶ୍ୱର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍‌ର ଆନେସ୍ଥେସିଆ ଓ କ୍ରିଟିକାଲ୍ କେୟାର ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଆଲୋକ ସାମନ୍ତରାୟ ଓ ତିରୁପତିସ୍ଥିତ ଏସ୍‌ଭି ମେଡିକାଲ୍ କଲେଜର ଆନେସ୍ଥେସିଓଲୋଜି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଶ୍ରୀନିବାସ ରାଓ ବିଶେଷଜ୍ଞ ଭାବେ ଯୋଗ ଦେଇ ଏହି ତାଲିମ୍ ପ୍ରଦାନ କରିଥିଲେ । ଏହି କର୍ମଶାଳାରେ ୪୫ ଜଣ ଡାକ୍ତର ଓ ପି.ଜି ଛାତ୍ରଛାତ୍ରୀ ଯୋଗ ଦେଇ ତାଲିମ ନେଇଥିଲେ ।

## ଜାଲ୍ କାଗଜପତ୍ରରେ ୩.୮୨ କୋଟି ଋଣ ଠକେଇ : ୫ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜାଲ୍ କାଗଜପତ୍ର ଦେଇ ଋଣ ନେଇଥିବା ୫ଜଣଙ୍କୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) । କଟକ ମଧୁପାଟଣା ଷ୍ଟେଟ୍‌ବ୍ୟାଙ୍କ ଶାଖାରୁ ଋଣ ନେଇ ଠକେଇ କରିଥିବାରୁ ଆଞ୍ଚଳିକ ମ୍ୟାନେଜର ଭବାନୀଶଙ୍କର ମହାନ୍ତିଙ୍କ ଏତଲାକୁ ଭିତ୍ତିକରି ଗିରଫ ୫ଜଣଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି । ଗିରଫ ୫ଜଣ ହେଲେ ଧନଞ୍ଜୟ ପୁଷ୍ଟି, ନିରାପଦ କର୍ମକାର, ସୁରେନ୍ଦ୍ର କୁମାର ବେଉରା, ନିରଞ୍ଜନ ଶତପଥୀ ଓ ରୀନାରାଣୀ ଶତପଥୀ । ୨୦୨୨ ଡିସେମ୍ବର ୩ ତାରିଖରୁ ୨୦୨୩ ସେପ୍ଟେମ୍ବର ୨୦ ମଧ୍ୟରେ ଏହି ଠକେଇ ଘଟଣା ଘଟିଥିଲା । ବାର୍ଷିକ ଅଡିଟ୍ ସମୟରେ ଜାଲ୍ କାଗଜପତ୍ର ସମ୍ପର୍କରେ ସ୍ପଷ୍ଟ ଜଣାପଡିବାରୁ ଆଞ୍ଚଳିକ ମ୍ୟାନେଜର ଇଓଡବ୍ଲ୍ୟୁରେ ଏତଲା ଦାଏର କରିଥିଲେ । ମା'ଗଙ୍ଗା ଏଣ୍ଟର ପ୍ରାଇଜର୍ସର ସବୁ ପାର୍ଟନର ରିଜାଇନ୍ କରିବା ପରେ ଅନ୍ୟ ପାର୍ଟନରମାନଙ୍କୁ ଦାୟିତ୍ୱ ଦେଇଥିଲେ । ସେମାନେ ଶରତ କୁମାର ସ୍ୱାଇଁଙ୍କ ନାଁରେ ଭୁବନେଶ୍ୱର କେଶୁରାରେ ଥିବା ଜମିର କାଗଜପତ୍ର ନକଲ କରିବା ସହ ଆଧାର, ପ୍ୟାନ୍‌କାର୍ଡ ଓ ଏଟିଏମ୍ କାର୍ଡ ପ୍ରଭୃତି ନକଲି କରିଦେଇଥିଲେ । ଏହି ନକଲି କାଗଜପତ୍ର ଦେଇ ଗିରଫ ଅଭିଯୁକ୍ତମାନେ ୩.୮୨ କୋଟି ଋଣ ନେଇଥିଲେ । ସେହି ଋଣ ଜନକୀ କର୍ମକାରଙ୍କ ନାଁରେ ଅନୁମୋଦନ ହୋଇଥିଲା ବେଳେ ଇଓଡବ୍ଲ୍ୟୁ କହିଛି । ବାର୍ଷିକ ଅଡିଟ୍ ସମୟରେ ସବୁ ଜଣାପଡିବା ପରେ ୫ଜଣଙ୍କୁ ଗିରଫ କରାଗଲା । ଗିରଫ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଯକ୍ଷ୍ମା ନିରାକରଣ ପାଇଁ ଜାତୀୟ ପ୍ରୟାସକୁ ବେଦାନ୍ତର ସମର୍ଥନ

# ଦୁର୍ଗମ ଅଞ୍ଚଳରେ ସଚେତନତା ସୃଷ୍ଟି ପାଇଁ 'ନିକ୍ଷୟ ମିତ୍ର ବାହାନ'ର ଶୁଭାରମ୍ଭ

ଭୁବନେଶ୍ୱର,(ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ନିକଟରେ ଓଡ଼ିଶାର ସୁନ୍ଦରଗଡ ଜିଲ୍ଲାରେ ଯକ୍ଷ୍ମା (ଟିବି) ଉପରେ ଏକ ସଚେତନତା ଅଭିଯାନ ଆରମ୍ଭ କରିଛି, ଯାହା ୪୫୦୦ ରୁ ଅଧିକ ବାସିନ୍ଦାଙ୍କ ନିକଟରେ ପହଞ୍ଚିଛି । ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ବିଲେଇମୁଣ୍ଡା ଗାଁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ 'ନିକ୍ଷୟ ମିତ୍ର ବାହାନ' ନାମକ ଏକ ଯକ୍ଷ୍ମା ସଚେତନତା ଯାନକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା ।

ଏହି ସଚେତନତା ଅଭିଯାନ ଜାମଖାନୀ ଏବଂ ଘୋଘରପଲ୍ଲୀ ଖଣି ଅଞ୍ଚଳ ସମେତ ହେମଗିର ବ୍ଲକର ଆଖପାଖ ଗ୍ରାମଗୁଡ଼ିକୁ ସାମିଲ କରିଥିଲା । ସାର୍ବଜନୀନ ଘୋଷଣା ମାଧ୍ୟମରେ ସୂଚନା ପ୍ରସାର କରିବା ଏବଂ ଯକ୍ଷ୍ମା ଏବଂ ଏହାର ଚିକିତ୍ସା ଉପରେ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ପ୍ରସ୍ତୁତ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ସାମଗ୍ରୀ ବନ କରିଥିଲା । ଏହାବ୍ୟତୀତ, କମ୍ପାନୀର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ (ଏମ୍‌ଏଚ୍‌ୟୁ) ଯକ୍ଷ୍ମା ଉପରେ ସଚେତନତା ଅଧିବେଶନ ଆୟୋଜନ କରିଥିଲ । ଯେଉଁଥିରେ ରୋଗୀମାନଙ୍କ ପାଇଁ ଶୀଘ୍ର ଚିହ୍ନଟ, ନିରାକରଣ, ପୁଷ୍ଟିକର ମାର୍ଗଦର୍ଶନ ଏବଂ ଉପଲବ୍ଧ ସରକାରୀ ସୁବିଧାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା । 'ଯକ୍ଷ୍ମା ମୁକ୍ତ ଭାରତ' ପାଇଁ ପ୍ରଧାନମନ୍ତ୍ରୀଙ୍କ ସ୍ପଷ୍ଟ



ଆହ୍ୱାନ ଅନୁଯାୟୀ କମ୍ପାନୀ ଏହି ଅଞ୍ଚଳରେ ନିକ୍ଷୟ ମିତ୍ର କାର୍ଯ୍ୟକ୍ରମ ପ୍ରତି ମଧ ନିଜର ସମର୍ଥନ ଦେବାକୁ ପ୍ରତିଶ୍ରୁତି ଦେଇଛି । ୨୦୨୫ ସୁଦ୍ଧା ଦେଶରୁ ଯକ୍ଷ୍ମାକୁ ଦୂର କରିବା ପାଇଁ 'ନିକ୍ଷୟ ମିତ୍ର' କାର୍ଯ୍ୟକ୍ରମ ହେଉଛି ଭାରତ ସରକାରଙ୍କ ଏକ ପଦକ୍ଷେପ । ବେଦାନ୍ତ ସୁନ୍ଦରଗଡ଼ ଜିଲ୍ଲାର ୬୩ ଜଣ ଯକ୍ଷ୍ମା ରୋଗୀଙ୍କୁ ବର୍ଷସାରା ପୁଷ୍ଟିକର କିଟ୍ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ।

ଏହି ଅବସରରେ କୋଇଲା ଖଣିର ସିଇଓ ଡାଭିଡ ଷ୍ଟୋନ କହିଥିଲେ, ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଜରିଆରେ ଆମେ ଗୋଷ୍ଠୀ ସଚେତନତା ବୃଦ୍ଧି କରିବା ଏବଂ ଯକ୍ଷ୍ମା ସହ ଜଡ଼ିତ କଳଙ୍କ ଦୂର କରିବା ଲକ୍ଷ୍ୟ ରଖିଛୁ । ଗୋଷ୍ଠୀ ସ୍ୱାସ୍ଥ୍ୟ ହେଉଛି ଆମର ସାମାଜିକ ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଲୋକଙ୍କ ଘର ନିକଟରେ ସେବା ଏବଂ ସ୍ୱାସ୍ଥ୍ୟ ଶିବିର ପାଇଁ 'ନିକ୍ଷୟ ମିତ୍ର ବାହାନ' ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ଭଳି ପଦକ୍ଷେପ ଗ୍ରହଣ କରିଛୁ । ବିଲେଇମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚସି) ର ଚିକିତ୍ସା ଅଧିକାରୀ ଡାକ୍ତର ଅଭିଳାଷ ସାହୁ କହିଛନ୍ତି, ବେଦାନ୍ତ ଆଲୁମିନିୟମର ଯକ୍ଷ୍ମା ସଚେତନତା ଅଭିଯାନ ଯକ୍ଷ୍ମାର ଶୀଘ୍ର ନିରାକରଣ ଏବଂ ଚିକିତ୍ସା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । କମ୍ପାନୀର ଏହି ପଦକ୍ଷେପ ସୁନ୍ଦରଗଡ଼ ଜିଲ୍ଲାରୁ ଯକ୍ଷ୍ମା ଦୂରୀକରଣ ପାଇଁ ଚାଲିଥିବା ପ୍ରୟାସକୁ ସୁଦୃଢ଼ କରିଛି ।

ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରର କ୍ରୀଡା ଏବଂ ସଂସ୍କୃତି ମାଧ୍ୟମରେ ସାମାଜିକ ପ୍ରଭାବ ପଦକ୍ଷେପ ଜରିଆରେ ଓଡ଼ିଶାରେ ପରିର୍ବନ ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ । ସ୍ଥାନୀୟ କର୍ତୃପକ୍ଷ ଏବଂ ଗୋଷ୍ଠୀ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ସହଯୋଗ କରି, କମ୍ପାନୀ ନିଶ୍ଚିତ କରିଥାଏ ଯେ ଏହାର ହସ୍ତକ୍ଷେପ ବାସ୍ତବ ସାମାଜିକ-ଅର୍ଥନୈତିକ ପ୍ରଗତି ଦିଗରେ ଆଗେଇ ନେବ ।

# ଭୁପେଶ ବାଘେଲଙ୍କ ଘରେ ସିବିଆଇ ରେଡ୍



ନୂଆଦିଲ୍ଲୀ: ମହାଦେବ ବେଟିଂ ଆପ୍ ମାମଲାରେ ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲଙ୍କ ବାସଭବନରେ ବୁଧବାର ସକାଳୁ ସିବିଆଇ ଚଢ଼ାଉ ହେଉଛି । କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କଂଗ୍ରେସ ମହାସଚିବ ତଥା ପୂର୍ବତନ ଛତିଶଗଡ଼ ମୁଖ୍ୟମନ୍ତ୍ରୀଲଙ୍କ ବାସଭବନରେ ଚଢ଼ାଉ କରିଛି । ଦିଲ୍ଲୀରେ କଂଗ୍ରେସ ମୁଖ୍ୟାଳୟରେ ଏକ ବୈଠକରେ ଯୋଗଦେବା ପୂର୍ବରୁ କେନ୍ଦ୍ରୀୟ ତଦନ୍ତ ଦଳର ଅଧିକାରୀମାନେ ରାୟପୁର ଏବଂ ଭିଲାଇରେ ପହଞ୍ଚିଥିଲେ । ଏକ ଏକ୍ସ ପୋଷ୍ଟରେ ଏନେଇ ସୂଚନା ପ୍ରଦାନ କରାଯାଇଛି ।

ଏକ୍ସ ପୋଷ୍ଟରେ ଉଲ୍ଲେଖ କରାଯାଇଛି ଯେ ଏବେ ସିବିଆଇ ଆସିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ୮ ଏବଂ ୯ ଏପ୍ରିଲରେ ଅହମ୍ମଦାବାଦ (ଗୁଜରାଟ)ରେ ଅନୁଷ୍ଠିତ ହେବାକୁ ଥିବା ଏଆଇସିସି ବୈଠକ ପାଇଁ ଗଠିତ ଡ୍ରାଫ୍ଟିଂ କମିଟିର ବୈଠକ ପାଇଁ ଆଜି ଦିଲ୍ଲୀ ଯିବାର କାର୍ଯ୍ୟକ୍ରମ ରହିଛ । ଏହା ପୂର୍ବରୁ ମଧ୍ୟ ସିବିଆଇ ରାୟପୁର ଏବଂ ଭିଲାଇ ବାସଭବନରେ ପହଞ୍ଚିଛି । ମାର୍ଚ୍ଚ ୧୦ ତାରିଖରେ ସମାନ ମାମଲା ସହିତ ଜଡିତ ଦୁର୍ଗ ଜିଲ୍ଲାର ୧୪ଟି ସ୍ଥାନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଚଢ଼ାଉ କରାଯିବାର କିଛି ଦିନ ପରେ ଏହା ଆସିଛି । ତେବେ ଚଢ଼ାଉ ବେଳେ ମିଳିଥିବା ୩୩ ଲକ୍ଷ ଟଙ୍କା ଚାଷ, ଦୁଗ୍ଧ ଏବଂ ପରିବା ବେପାରରୁ ଆୟ ହୋଇଛି ବୋଲି ବାଘେଲ କହିଛନ୍ତି ।

## ଜଷ୍ଟିସ୍ ବର୍ମାଙ୍କ ଘରୁ ଟଙ୍କା ଜବତ ମାମଲା

# କାହାରି ଏତଲା ନଥିବାରୁ ନାନା ସନ୍ଦେହ



ନୂଆଦିଲ୍ଲୀ: ଦିଲ୍ଲୀ ହାଇକୋର୍ଟ ଜଷ୍ଟିସ୍ ଯଶବନ୍ତ ବର୍ମାଙ୍କ ବାସଭବନରୁ ବିପୁଳ ନଗଦ ଟଙ୍କା ମିଳିବା ପରେ ଏହି ଘଟଣା ଏକ ବିରଳ ରାଜନୈତିକ ଏକମତ ସୃଷ୍ଟି କରିଛି, ଯେଉଁଠାରେ ଶାସକ ବିଜେପି ଓ ବିରୋଧୀ କଂଗ୍ରେସ ମୁହଁରୁ ଗୋଟିଏ ସ୍ୱର ଶୁଣିବାକୁ ମିଳୁଛି । ଜଷ୍ଟିସ ବର୍ମାଙ୍କ ବିରୋଧରେ ସୋସିଆଲ ମିଡିଆରେ ଅଭିଯାନ ଆରମ୍ଭ ହେବା ସହ ସମାଲୋଚନାରେ ଉଭୟ ବିଜେପି ଓ କଂଗ୍ରେସ ଏକଜୁଟ ହୋଇଛନ୍ତି ।

ଏକ ମୌଳିକ ପ୍ରଶ୍ନ ହେଉଛି– 'ସାଧାରଣ' ଲୋକ ହୋଇଥିଲେ ଏତେ ପରିମାଣର ହିସାବ ବହିର୍ଭୂତ ନଗଦ ଟଙ୍କା ଆପେ ଆପେ ଏଫ୍‌ଆଇଆର୍ ଓ ଆୟକର (ଆୟକର) ଚଢ଼ଉକୁ ପ୍ରୋତ୍ସାହିତ କରିଥାନ୍ତା । ବିଚାରପତି ହୋଇଥିବାରୁ 'ଚାରିଖୁଣ' ମାଫ କରାଯାଉଛି କି ? ଭାରତୀୟ ଆଇନ ବର୍ତ୍ତମାନର ବିଚାରପତିମାନଙ୍କୁ ଛାଡ଼ କରୁଛି କି ? ରାଜନୈତିକ ବୟାନ ବ୍ୟତୀତ ଏହି ଘଟଣା କେତେକ କଠିନ ପ୍ରଶ୍ନ ଉଠାଉଛି: ଏହା କାହାର ନଗଦ ଟଙ୍କା ଥିଲା ? କାହିଁକି ତୁରନ୍ତ ଏଫ୍‌ଆଇଆର୍ କିମ୍ବା ଆୟକର କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ ?

ଏ ପର୍ଯ୍ୟନ୍ତ ଟଙ୍କାର ପରିମାଣ ସଂପର୍କରେ କିଛି କୁହାଯାଇନାହିଁ । ଅଗ୍ନିକାଣ୍ଡ ସର୍ଟ ସର୍କିଟରୁ ହେଲା ନା ଅନ୍ୟ କେଣସି କାରଣରୁ ହେଲା ତାହା ଜାଣିବା ପାଇଁ କେଣସି ଏଫ୍‌ଆଇଆର୍ ନାହିଁ କିମ୍ବା ସାମାନ୍ୟତମ କେସ୍ ଡାଇରି ମଧ୍ୟ ହୋଇ ନାହିଁ । ଯଦିଓ ଜଷ୍ଟିସ ବର୍ମା ତାଙ୍କ ସଫେଇରେ ନଗଦ ଟଙ୍କା ବିଷୟରେ କିଛି ଜାଣି ନ ଥିବା କହିଛନ୍ତି, ତଥାପି ଏହା କାହାର ନଗଦ ଟଙ୍କା ତାହା ଜାଣିବା ପାଇଁ ଏପର୍ଯ୍ୟନ୍ତ ପୁଲିସ ତଦନ୍ତ କରିନାହିଁ । ସେପଟେ ସୋସିଆଲ ମିଡିଆରେ ସତ୍ୟାସତ୍ୟ ଯାଞ୍ଚ ହୋଇ ନ ଥିବା ଅନେକ ତଥ୍ୟ, ଫଟୋ ଓ କ୍ଲିପ୍ ଭାଇରାଲ ହେବାରେ ଲାଗିଛି ।

ସୁପ୍ରିମକୋର୍ଟ ଏହି ମାମଲାର ତଦନ୍ତ ପାଇଁ ଏକ ତିନିଜଣିଆ କମିଟି ଗଠନ କରିଛନ୍ତି ଏବଂ ରିପୋର୍ଟ ଆସିବା ପର୍ଯ୍ୟନ୍ତ ବିଚାରପତିଙ୍କୁ ଦିଲ୍ଲୀ ହାଇକୋର୍ଟରେ ତାଙ୍କ ଦାୟିତ୍ୱରୁ ହଟାଇ ଦିଆଯାଇଛି । ତାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରାଯାଇଛି, ଯାହାର ବାର୍ ଆସୋସିଏସନ୍ ଏହାକୁ ବିରୋଧ କରି ଆଜିଠାରୁ ଆନ୍ଦୋଳନ ଆରମ୍ଭ କରିଛି । ସୁପ୍ରିମକୋର୍ଟ ଓ କଲିକତା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବିକାଶ ଭଟ୍ଟାଚାର୍ଯ୍ୟ କହିଛନ୍ତି, ଜଣେ ବିଚାରପତି ଦାୟିତ୍ୱକୁ ଏଡ଼ାଇ ପାରିବେ ନାହିଁ । ତାଙ୍କ ପରିସରକୁ ନଗଦ ଟଙ୍କା କିପରି ପହଞ୍ଚିଲା ତାହାର ଉତ୍ତର ଦରକାର । ନ୍ୟାୟପାଳିକାର ପବିତ୍ରତା ପାଇଁ ସେ ଇସ୍ତଫା ଦେବା ଉଚିତ ଥିଲା । ଯେ କୌଣସି ସାଧାରଣ ନାଗରିକ ହୋଇଥିଲେ ଏଭଳି ମାମଲାରେ ଦୁର୍ନୀତି ନିବାରଣ ଆଇନ, ପିଏମ୍‌ଏଲ୍‌ଏ ଓ ଆଇଟି ଆକ୍ଟ ଅଧୀନରେ ଏଫ୍‌ଆଇଆର୍ ରୁଜୁ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାନ୍ତା । ଆହ୍ଲାବାଦ ହାଇକୋର୍ଟର ଜଣେ ବରିଷ୍ଠ ଆଇନଜୀବୀ ମଧ୍ୟ ସିବିଆଇ ତଦନ୍ତ ଦାବି କରିଛନ୍ତି । କଲେଜିୟମ ବ୍ୟବସ୍ଥା କାହାକୁ ସୁରକ୍ଷା ଦେବା ଉଚିତ ନୁହେଁ । କେବଳ ବିସ୍ତୃତ, ସ୍ୱଚ୍ଛ ତଦନ୍ତ ହିଁ ବିଶ୍ୱାସ ଫେରାଇ ଆଣିପାରିବ ବୋଲି ବରିଷ୍ଠ ଆଇନଜୀବୀ କହିଛନ୍ତି । ଏହି ଘଟଣାକୁ ନେଇ ସୃଷ୍ଟି ହୋଇଥିବା ବିବାଦ କଲେଜିୟମ୍ ବ୍ୟବସ୍ଥା ଓ ନ୍ୟାୟିକ ନିଯୁକ୍ତିରେ ଉତ୍ତରଦାୟିତ୍ୱହୀନତାର ଅଭାବକୁ ନେଇ ଚର୍ଚ୍ଚା ବଢ଼ାଇଛି ।

# କୁନାଲ କାମରାଙ୍କୁ ଦ୍ୱିତୀୟ ସମନ



ନୂଆଦିଲ୍ଲୀ: ମୁମ୍ବାଇର ହାସ୍ୟାଭିନେତା କୁନାଲ କାମରାଙ୍କୁ ମୁମ୍ବାଇର ଖାର ପୁଲିସ୍ ଷ୍ଟେସନ ଦ୍ୱିତୀୟ ସମନ ଜାରି କରିଛି । ତାଙ୍କୁ ପଚରାଉଚରା ପାଇଁ ହାଜର ହେବାକୁ କହିଛି । ପୂର୍ବରୁ ମୁମ୍ବାଇ ପୁଲିସ ହାସ୍ୟ ଅଭିନେତା କୁନାଲ କାମରାଙ୍କୁ ସମନ କରିଥିଲା ଏବଂ ମଙ୍ଗଳବାର ସକାଳ ୧୧ଟାରେ ହାଜର ହେବାକୁ କହିଥିଲା । ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଉପରେ ତାଙ୍କର 'ବିଶ୍ୱାସଘାତକ' ମନ୍ତବ୍ୟ ଏକ ବ୍ୟାପକ ବିବାଦ ସୃଷ୍ଟି କରିବାର କିଛି ଦିନ ପରେ ତାଙ୍କୁ ଦ୍ୱିତୀୟ ସମନ ଜାରି କରାଯାଇଛ । ଯେତେବେଳେ କାମରା ତାଙ୍କ ଓକିଲଙ୍କ ମାଧ୍ୟମରେ ଗୋଟିଏ ସପ୍ତାହ ସମୟ ମାଗିଥିଲେ, ପୁଲିସ ତାଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଥିଲା ।

ଖାର ପୁଲିସ ଷ୍ଟେସନରେ ଶିବସେନା ବିଧାୟକ ମୁରଜୀ ପଟେଲଙ୍କ ଅଭିଯୋଗ ଆଧାରରେ କାମରାଙ୍କ ବିରୋଧରେ ଏଫଆଇଆର ରୁଜୁ ହେବା ପରେ ମୁମ୍ବାଇ ପୁଲିସ ଏହି ସମନ ଜାରି କରିଛି । ହାସ୍ୟ ଅଭିନେତାଙ୍କ ବିରୋଧରେ ମାନହାନି ଅଭିଯୋଗ ଆସିଛି ଏବଂ ଡୋମ୍ବିଭଲି ପୁଲିସ ଷ୍ଟେସନରେ ମଧ୍ୟ ଏକ ଏଫଆଇଆର ରୁଜୁ ହୋଇଛ । ଉଲ୍ଲେଖଯୋଗ୍ୟ, ନିକଟରେ ହାସ୍ୟ ଅଭିନେତା କାମ୍ରା ହସରେ ହସରେ ବ୍ୟଙ୍ଗ କରି ମହାରାଷ୍ଟ୍ର ଉପ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ସମାଲୋଚନ କରିଥିଲେ, ଯାହାକୁ ନେଇ ବିବାଦ ଆରମ୍ଭ ହୋଇଥିଲା ।

## କାନାଡା ନିର୍ବାଚନରେ ହସ୍ତକ୍ଷେପ

# ଭାରତ–ଚୀନ୍ ବିରୋଧରେ ଆପତ୍ତି ଉଠାଇଲା କାନାଡା ଏଜେନ୍ସି

ଅଟାୱା: ଆସନ୍ତା ଏପ୍ରିଲ ୨୮ରେ ହେବାକୁ ଥିବା କାନାଡା ସାଧାରଣ ନିବାଚନରେ ଭାରତ ଓ ଚୀନ୍ ହସ୍ତକ୍ଷେପ କରିବାକୁ ଚେଷ୍ଟା କରିପାରନ୍ତି ଏବଂ ରୁଷ୍ ଓ ପାକିସ୍ତାନ ମଧ୍ୟ ଏହା କରିବାର ସମ୍ଭାବନା ରହିଛି । ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜାର ହତ୍ୟାରେ ଭାରତର ସମ୍ପୃକ୍ତି ଅଭିଯୋଗ ସହିତ ଭାରତବିରୋଧୀ ତତ୍ତ୍ୱ ଓ ଖଲିସ୍ତାନୀ ସମର୍ଥକଙ୍କ ବିରୋଧରେ କାନାଡାର ନିଷ୍କ୍ରିୟତା କାରଣରୁ ନୂଆଦିଲ୍ଲୀ ସହ ଅଟାୱାର ସମ୍ପର୍କ ସର୍ବକାଳୀନ ସର୍ବନିମ୍ନ ସ୍ତରରେ ଥିବା ବେଳେ କାନାଡା ସିକ୍ୟୁରିଟି ଇଣ୍ଟେଲିଜେନ୍ସ ସର୍ଭିସ (ସିଏସ୍‌ଆଇଏସ୍) ଏହି ମନ୍ତବ୍ୟ ଦେଇଛି । ଭାରତ ପୂର୍ବରୁ ସମାନ ଅଭିଯୋଗକୁ ଖଣ୍ଡନ କରିଥିବା ବେଳେ ଚୀନ୍ ମଧ୍ୟ ସମାନ ମନ୍ତବ୍ୟ ଦେଇଥିଲା ।

କାନାଡା ସିକ୍ୟୁରିଟି ଇଣ୍ଟେଲିଜେନ୍ସ ସର୍ଭିସର ଡେପୁଟି ଡାଇରେକ୍ଟର ଭାନେସା ଲଏଡ୍ କହିଛନ୍ତି ଯେ, ନିର୍ବାଚନରେ ହସ୍ତକ୍ଷେପ କରିବା ପାଇଁ ଶତ୍ରୁ ରାଷ୍ଟ୍ରନେତାମାନେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ କରୁଛନ୍ତି । ଚଳିତ ନିର୍ବାଚନରେ କାନାଡାର ଗଣତାନ୍ତ୍ରିକ ପ୍ରକ୍ରିୟାରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କରିବା ପାଇଁ ପିଆରସି (ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନା) ଏଆଇ–ସମର୍ଥିତ ଉପକରଣ ବ୍ୟବହାର କରିବାର ଯଥେଷ୍ଟ ସମ୍ଭାବନା ରହିଛି । ସେ ଆହୁରି କହିଛନ୍ତି, କାନାଡାର ଗଣତାନ୍ତ୍ରିକ ପ୍ରକ୍ରିୟାରେ ହସ୍ତକ୍ଷେପ କରିବାକୁ ଭାରତ ସରକାରଙ୍କ ଉଦ୍ଦେଶ୍ୟ ଓ ସାମର୍ଥ୍ୟ ରହିଛି ।

# ଧାର୍ମିକ ସ୍ୱାଧୀନତା ରିପୋର୍ଟକୁ ଭାରତର ଖଣ୍ଡନ

ନୂଆଦିଲ୍ଲୀ : ୟୁନାଇଟେଡ୍ ଷ୍ଟେଟ୍ କମିଶନ ଅନ୍ ଇଣ୍ଟରନ୍ୟାସନାଲ ରିଲିଜିୟସ ଫ୍ରିଡମ୍ (ୟୁଏସ୍‌ସିଆଇଆର୍‌ଏଫ) ପକ୍ଷରୁ ଭାରତର ଧାର୍ମିକ ସ୍ୱାଧୀନତା ନେଇ ଯେଉଁ ରିପୋର୍ଟ ପ୍ରକାଶ ପାଇଥିଲା ତାହାକୁ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଖଣ୍ଡନ କରାଯାଇଛି । ୨୦୨୫ର ଏହି ବାର୍ଷିକ ରିପୋର୍ଟଟି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଓ ଏକପାଖିଆ ବୋଲି ଉଲ୍ଲେଖ କରାଯାଇଛି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ୟୁଏସ୍‌ସିଆଇଆର୍‌ଏଫର ରିପୋର୍ଟ କେତେକ ନିର୍ଦ୍ଦିଷ୍ଟ ଘଟଣାକୁ ଭୁଲ୍ ଭାବେ ଉପସ୍ଥାପନ କରିଛି । ଭାରତ ହେଉଛି ଏକ ବିବିଧତାର ସମାଜ । ଯେଉଁଥିରେ ଧାର୍ମିକ ସ୍ୱାଧୀନତା ନେଇ ଯେଉଁ ଚିନ୍ତା ପ୍ରକଟ କରାଯାଇଛି ଏହା ଏକ ଉଦ୍ଦେଶ୍ୟମୂଳକ ଏଜେଣ୍ଡା । ଭାରତର ୧.୪ ବିଲିୟନ୍ ଲୋକ ମାନବକଲ୍ୟାଣ ପାଇଁ ସମସ୍ତ ଧର୍ମରେ କାର୍ଯ୍ୟ କରନ୍ତି । ତେବେ ୟୁଏସ୍‌ସିଆଇଆର୍‌ଏଫ୍ ଭାରତର ଏହି ବିବିଧତାର ବାସ୍ତବତାକୁ ବୁଝିପାରିନାହିଁ ।

ଏଭଳି ପ୍ରଚେଷ୍ଟା ଭାରତର ଗଣତନ୍ତ୍ରକୁ ନିଚା ଦେଖାଇବା ପାଇଁ କରାଯାଇଛି । ଭାରତ ସବୁବେଳେ ସହନଶୀଳତାରେ ବିଶ୍ୱାସ କରେବୋଲି ସେ ଉଲ୍ଲେଖ କରିଛନ୍ତି ।

# ପାକ୍‌ରେ ତେଜିଲା ପାଣି ପାଇଁ ଯୁଦ୍ଧ

## ଖଣ୍ଡା ଧରିଲେ ମରିୟମ, ବିଲାୱଲଙ୍କ ସମର୍ଥକ



ଇସଲାମାବାଦ: ମରୁଡ଼ି ଚେତାବନୀ ମଧ୍ୟରେ ପାକିସ୍ତାନରେ ପାଣି ପାଇଁ ଯୁଦ୍ଧ ଆରମ୍ଭ ହୋଇଛି । ପାକିସ୍ତାନର ଦୁଇଟି ପ୍ରମୁଖ ପ୍ରଦେଶ, ପଞ୍ଜାବ ଏବଂ ସିନ୍ଧ୍ ପାଣି ପାଇଁ ମୁହାଁମୁହିଁ ହୋଇଛନ୍ତି । ପଞ୍ଜାବରେ ପିଏମଏଲଏନ ସରକାର ଅଛି ଏବଂ ନୱାଜ ସରିଫଙ୍କ ଝିଅ ମରିୟମ ସେଠାକାର ମୁଖ୍ୟମନ୍ତ୍ରୀ ।

ସେହିପରି ବିଲାୱଲ ଭୁଟ୍ଟୋଙ୍କ ଦଳ ସିନ୍ଧ୍ରେ କ୍ଷମତାରେ ଅଛି । ମୁରାଦ ଅଲ୍ଲୀ ଶାହ ସେଠାକାର ମୁଖ୍ୟମନ୍ତ୍ରୀଛ ମାମଲା ଏତେ ବଢ଼ିଯାଇଛି ଯେ, ଉଭୟ ଗୋଷ୍ଠୀର ଲୋକମାନେ ପରସ୍ପର ବିରୁଦ୍ଧରେ ଖଣ୍ଡା ଉଠାଇଛନ୍ତି । ପାଣି ପ୍ରସଙ୍ଗରେ ନା ମରିୟମଙ୍କ ସମର୍ଥକ ତଥା ବିଲାୱଲ ଭୁଟ୍ଟୋଙ୍କ ସମର୍ଥକ ମୁଣ୍ଡ ନୁଆଁଇବାକୁ ପ୍ରସ୍ତୁତ ହେଉ ନାହାନ୍ତି । ପାକିସ୍ତାନର ପାଣିପାଗ ବିଭାଗ କହିଛି ଯେ, ଏଥର ଦେଶର ଚାରୋଟି ପ୍ରମୁଖ ପ୍ରଦେଶରେ ଜଳ ସଙ୍କଟ ଆହୁରି ଘନିଭୂତ ହୋଇପାରେ । ସିନ୍ଧରେ ନଦୀବନ୍ଧଗୁଡ଼ିକ ଶୁଖିବା ଆରମ୍ଭ କରିଦେଲାଣି । କରାଚି ଭଳି ବଡ଼ ସହରରେ ଟ୍ୟାଙ୍କର ମାଫିଆମାନେ ସକ୍ରିୟ ହୋଇ ସାରିଛନ୍ତି । କୁହାଯାଉଛି ଯେ, ଏଥର ଗ୍ରୀଷ୍ମ ମାସରେ ପରିସ୍ଥିତି ଆହୁରି ଖରାପ ହୋଇପାରେ ।

ବିଶେଷଜ୍ଞମାନେ କହିଛନ୍ତି ଯେ, ପାକିସ୍ତାନରେ ଜଳ ସଙ୍କଟ ପାଇଁ ବର୍ଦ୍ଧିତ ଜନସଂଖ୍ୟା, ଜଳବାୟୁ ପରିବର୍ତ୍ତନ ଏବଂ ସରକାରଙ୍କ ଭୁଲ୍ ପରିଚାଳନା ଦାୟୀ । ଜଳ ସଙ୍କଟ ଦୂର କରିବା ପାଇଁ ପାକିସ୍ତାନ ସରକାର ୪୨ କୋଟି ଟଙ୍କାର ଏକ ପ୍ରସ୍ତାବ ପ୍ରସ୍ତୁତ କରିଛନ୍ତି । ୧୯୯୧ ଜଳ ଚୁକ୍ତିନାମା ଅନୁଯାୟୀ ପାକିସ୍ତାନ ସରକାର ସିନ୍ଧୁ ନଦୀରୁ ଏକକାଳୀନ ଅନେକ କେନାଲ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହି କେନାଲ ନିର୍ମାଣ ହେବା ଦ୍ୱାରା, ପଞ୍ଜାବ ସହଜରେ ସିନ୍ଧୁ ନଦୀରୁ ପାଣି ପାଇପାରିବ । ଏପର୍ଯ୍ୟନ୍ତ, ସିନ୍ଧୁ ନଦୀରୁ ସର୍ବାଧିକ ପାଣି ସିନ୍ଧ୍ ପାଉଥିଲା । ପଞ୍ଜାବ ପ୍ରଦେଶରେ ନୱାଜ ସରିଫଙ୍କ ସରକାର କ୍ଷମତାରେ ଅଛି । ସେହିପରି କେନ୍ଦ୍ରରେ ନୱାଜଙ୍କ ସାନ ଭାଇ ଶାହବାଜ ସରିଫ ପ୍ରଧାନମନ୍ତ୍ରୀ ପଦରେ ଅଛନ୍ତି । ସିନ୍ଧର ଲୋକମାନେ କହୁଛନ୍ତି ଯେ, ଆମର ଅଧିକାର ଜାଣିଶୁଣି ପଞ୍ଜାବର ଲୋକମାନଙ୍କୁ ଦିଆଯାଉଛି । ଏହାକୁ ନେଇ ସିନ୍ଧରେ ସରକାରଙ୍କ ବିରୋଧରେ ପ୍ରତିବାଦ ମଧ୍ୟ ହେଉଛି । ସିନ୍ଧର ମୁଖ୍ୟମନ୍ତ୍ରୀ ସମଗ୍ର ମାମଲା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ସହିତ ଯୋଗାଯୋଗ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯଦି ପ୍ରଧାନମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ ନ କରନ୍ତି, ତେବେ ପରିସ୍ଥିତି ଆହୁରି ଖରାପ ହୋଇପାରେ ।

ଅନ୍ୟପକ୍ଷରେ, ପଞ୍ଜାବ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଆଜମା ବୁଖାରୀ କହିଛନ୍ତି ଯେ, ଆମ ପ୍ରଦେଶରେ ପାଣିର ଅଭାବ ରହିଛି । ଗତଥର ତୁଳନାରେ ଏଥର ଜଳ ସଂରକ୍ଷଣରେ ୪୧ ପ୍ରତିଶତ ହ୍ରାସ ଘଟିଛି । ଯଦି ଏବେ ଏଥିପ୍ରତି ଧ୍ୟାନ ନ ଦିଆଯାଏ, ତେବେ ସଙ୍କଟ ବଢ଼ିପାରେ ବୋଲି କୁହାଯାଉଛି ।

## ଜାତୀୟ ସଙ୍ଗୀତକୁ ଅପମାନ

# ନୀତିଶଙ୍କୁ ନୋଟିସ

ବେଗୁସରାଇ: ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଜାତୀୟ ସଙ୍ଗୀତକୁ ଅପମାନ କରିଥିବା ଅଭିଯୋଗ ହୋଇଥିଲା । ଏହି ଅଭିଯୋଗକୁ କେନ୍ଦ୍ର କରି ନୀତିଶ କୁମାରଙ୍କ ବିରୋଧରେ ବେଗୁସରାଇ କୋର୍ଟ ଏକ ନୋଟିସ ଜାରି କରିଛନ୍ତି ।



ଓକିଲ ବିକାଶ ପାସୱାନ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ବିରୋଧରେ ଜାତୀୟ ସଙ୍ଗୀତର ଅପମାନ କରିଥିବା ଅଭିଯୋଗ କରିଥିଲେ । ସେ ମାର୍ଚ୍ଚ ୨୨ ତାରିଖରେ କୋର୍ଟରେ ଜାତୀୟ ସମ୍ମାନ ଅପମାନ ନିବାରଣ ଆଇନ, ୧୯୭୧ର ଧାରା ୩ ଅନୁଯାୟୀ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ବିରୋଧରେ ମାମଲା ଦାୟର କରିଛନ୍ତି । ଅଭିଯୋଗକାରୀ ବିକାଶ ପାସୱାନ ଅଭିଯୋଗ କରି କହିଥିଲେ, ୨୦୨୫ ମାର୍ଚ୍ଚ ୨୦ ଅପରାହ୍ନ ପ୍ରାୟ ଦୁଇଟା ସମୟରେ ଏକ ଭିଡିଓ ଦେଖିବାକୁ ପାଇଥିଲି । ଏହି ଭିଡିଓଟି ଅନେକ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା । ଏଥିରେ ଦେଖିବାକୁ ମିଳିଥିଲା ପ୍ରତିଯୋଗିତାର ଉଦଘାଟନୀ ଉତ୍ସବ ସମୟରେ ଜାତୀୟ ସଙ୍ଗୀତ ବାଜୁଥିଲା । ସେହି ସମୟରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ତାଙ୍କ ପାଖରେ ଠିଆ ହୋଇଥିବା ବ୍ୟକ୍ତିଙ୍କ ସହ କଥା ହୋଇ ହସୁଥିଲେ ।ଏଥିସହିତ ତାଙ୍କୁ ବାରମ୍ବାର ସ୍ପର୍ଶ କରି ହଇରାଣ ମଧ୍ୟ କରୁଥିଲେ । ଏହା ଅତ୍ୟନ୍ତ ନିନ୍ଦନୀୟ ଘଟଣା ।

## ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନକୁ ଅଦାଲତି ଝଟ୍‌କା

# ଭାଙ୍ଗିଥିବା ଘର ପୁଣି ତିଆରି କର



ପ୍ରୟାଗରାଜ: ଉତ୍ତରପ୍ରଦେଶର ପ୍ରୟାଗରାଜରେ ଆଇନକୁ ବେଖାତିର କରି ବୁଲଡୋଜର କାର୍ଯ୍ୟାନୁଷ୍ଠାନ ହୋଇଥିବାରୁ ସୁପ୍ରିମ୍‌କୋର୍ଟ କ୍ଷୁବ୍ଧ ହୋଇଛନ୍ତି । ସୁପ୍ରିମ୍‌କୋର୍ଟ ଆବେଦନକାରୀଙ୍କୁ ନିଜ ଖର୍ଚ୍ଚରେ ଘର ପୁନଃନିର୍ମାଣ ପାଇଁ ନିର୍ଦ୍ଦେଶ ଦେବା ସହ ବୁଲ୍ଡୋଜର କାର୍ଯ୍ୟାନୁଷ୍ଠାନ ସଂପର୍କିତ ପୂର୍ବ ଆଦେଶ କଡ଼ାକଡ଼ି ଭାବେ ପାଳନ କରିବାକୁ ସରକାରଙ୍କୁ କହିଛନ୍ତି ।

ଆବେଦନକାରୀଙ୍କ ତରଫରୁ ଅଦାଲତଙ୍କୁ କୁହାଯାଇଥିଲା ଯେ ସଂପୃକ୍ତ ଜମିର କିଛି ଅଂଶ ଗ୍ୟାଙ୍ଗଷ୍ଟର ଅତିକ୍ ଅହମ୍ମଦର ମାଲିକାନାରେ ଥିବାରୁ ରାଜ୍ୟ ସରକାର ଏହି ଘରଗୁଡ଼ିକୁ ଭାଙ୍ଗି ଦେଇଛନ୍ତି । ୨୦୨୩ରେ ଅତିକଙ୍କୁ ହତ୍ୟା କରାଯାଇଥିଲା । ଜଷ୍ଟିସ ଅଭୟ ଏସ୍ ଓକା ଓ ଜଷ୍ଟିସ ଉଜ୍ଜଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରୁଥିଲେ । ସୁପ୍ରିମ୍ କୋର୍ଟ କହିଛନ୍ତି ଯେ ଆବେଦନକାରୀ ମାନଙ୍କୁ ନିଜ ଖର୍ଚ୍ଚରେ ଭାଙ୍ଗି ଯାଇଥିବା ଘରଗୁଡ଼ିକର ପୁନଃନିର୍ମାଣ କରିବାକୁ ଅନୁମତି ଦିଆଯିବ । ତେବେ ଏଥିରେ କିଛି ସର୍ତ୍ତ ଅନ୍ତର୍ଭୁକ୍ତ କରାଯାଇଛି । ଉଦାହରଣ ସ୍ୱରୂପ ନିର୍ଦ୍ଧାରିତ ସମୟ ମଧ୍ୟରେ ଆପିଲେଟ୍ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବାକୁ ପଡ଼ିବଛ ଅଦାଲତ କହିଛନ୍ତି ଯେ ଯଦି ସେମାନଙ୍କ ଆବେଦନ ଖାରଜ ହୋଇଯାଏ, ତେବେ ଆବେଦନକାରୀଙ୍କୁ ନିଜ ଖର୍ଚ୍ଚରେ ଘର ଭାଙ୍ଗିବାକୁ ପଡ଼ିବ । ସେମାନେ ନିଜ ଖର୍ଚ୍ଚରେ ଘରର ପୁନଃନିର୍ମାଣ କରିପାରିବେ ବୋଲି ଆମେ ଆଦେଶ ଦେବୁ ଏବଂ ଯଦି ଆବେଦନ ଖାରଜ ହୁଏ, ତେବେ ସେମାନଙ୍କୁ ନିଜ ଖର୍ଚ୍ଚରେ ଏହାକୁ ଭାଙ୍ଗିବାକୁ ପଡ଼ିବ ବୋଲି ଖଣ୍ଡପୀଠ କହିଛନ୍ତି । ଏହି ମାମଲାରେ ଆଇନଜୀବୀ ଜୁଲଫିକର ହାଇଦର, ପ୍ରଫେସର ଅଲ୍ଲୀ ଅହମ୍ମଦ ଏବଂ ଅନ୍ୟ ୪ ଜଣ ବ୍ୟକ୍ତି ଆବେଦନକାରୀ ଥିଲା ।

ସୂଚନାଯୋଗ୍ୟ, ଆହ୍ଲାବାଦ ହାଇକୋର୍ଟରେ ଆବେଦନ ଖାରଜ ହେବା ପରେ ଆବେଦନକାରୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସେମାନେ ଅଭିଯୋଗ କରିଥିଲେ ଯେ ଶନିବାର ବିଳମ୍ବିତ ରାତିରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ନୋଟିସ୍ ଜାରି କରାଯାଇଥିଲା ଏବଂ ପରଦିନ ଉଚ୍ଛେଦ କରାଯାଇଥିଲା । ଏହି କାର୍ଯ୍ୟକୁ ଚ୍ୟାଲେଞ୍ଜ କରିବାକୁ ସେମାନଙ୍କୁ ସୁଯୋଗ ମିଳିନଥିଲା । ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣି କହିଛନ୍ତି ଯେ ଆବେଦନକାରୀମାନେ ଡିସେମ୍ବର ୮, ୨୦୨୦ ଏବଂ ପରେ ଜାନୁଆରି ଏବଂ ମାର୍ଚ୍ଚ ୨୦୨୧ରେ ନୋଟିସ୍ ପାଇଥିଲେ । ଏଭଳି ସ୍ଥିତିରେ ପର୍ଯ୍ୟାପ୍ତ ପ୍ରକ୍ରିୟା ଅନୁସରଣ କରାଯାଇ ନାହିଁ ବୋଲି ଆମେ କହିପାରିବୁ ନାହିଁ । ତେବେ ଅଦାଲତ ରାଜ୍ୟ ସରକାରଙ୍କ ସ୍ପଷ୍ଟୀକରଣକୁ ଗ୍ରହଣ ନ କରି ଅନୁପଯୁକ୍ତ ଭାବେ ନୋଟିସ୍ ଦିଆଯାଇଥିବା କହିଛନ୍ତି ।

# ପୂର୍ବତନ ଇଡି ମୁଖ୍ୟ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା



ନୂଆଦିଲ୍ଲୀ: ବୁଧବାର ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ (ଇଏସି–ପିଏମ୍)ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ପୂର୍ବତନ ମୁଖ୍ୟ ସଞ୍ଜୟ କୁମାର ମିଶ୍ରଙ୍କୁ ସାମିଲ୍ କରାଯାଇଛି । ଉତ୍ତର ପ୍ରଦେଶର ୧୯୮୪ ମସିହା ବ୍ୟାଚର ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ମିଶ୍ରଙ୍କୁ ସଚିବ ପଦବୀରେ ନିଯୁକ୍ତ କରାଯାଇଥିଲା । ଇଏସି–ପିଏମ୍ ହେଉଛି ଏକ ସ୍ୱାଧୀନ ସଂସ୍ଥା , ଯାହା ପ୍ରଧାନମନ୍ତ୍ରୀଙ୍କୁ ଅର୍ଥନୈତିକ ପ୍ରସଙ୍ଗରେ ପରାମର୍ଶ ଦେବାର ଦାୟିତ୍ୱ ବହନ କରେ ।

୨୦୧୮ରେ ପ୍ରଥମେ ଇଡି ମୁଖ୍ୟ ଭାବରେ ନିଯୁକ୍ତ ହୋଇଥିବା ମିଶ୍ରଙ୍କୁ ଏଜେନ୍ସି ନେତୃତ୍ୱ ନେବା ସମୟରେ କେନ୍ଦ୍ର ପକ୍ଷରୁ ଅନେକ ଥର କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା । ପରେ ସୁପ୍ରିମକୋର୍ଟ ତୃତୀୟ ଏବଂ ଶେଷ କାର୍ଯ୍ୟକାଳ ବୃଦ୍ଧିକୁ ଅବୈଧ ଘୋଷଣା କରିଥିଲେ । ମିଶ୍ର ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ, କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର, ଶରଦ ପାୱାର, ପୂର୍ବତନ ଜମ୍ମୁ–କାଶ୍ମୀର ମୁଖ୍ୟମନ୍ତ୍ରୀ ମେହବୁବା ମୁଫତି, ବର୍ତ୍ତମାନର ଜମ୍ମୁ–କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବଂ ପୂର୍ବତନ ପଶ୍ଚିମବଙ୍ଗ ଶିକ୍ଷା ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ବିରୋଧରେ ତଦନ୍ତ ସମେତ ଅନେକ ହାଇ–ପ୍ରୋଫାଇଲ୍ ମାମଲାର ତଦାରଖ କରିଥିଲେ ।୨୦୨୪ ମସିହା ନଭେମ୍ବର ୧ ତାରିଖରେ ପରିଷଦର ପୂର୍ବତନ ଅଧ୍ୟକ୍ଷ ବିବେକ ଦେବରୟଙ୍କ ମୃତ୍ୟୁ ହେବା ପରେ ଏହି ନିଯୁକ୍ତି ଦିଆଯାଇଛି ।

# ଅମିତଙ୍କୁ ଡିଫେଣ୍ଡର ଅଫ୍ ଦ ଇୟର ପୁରସ୍କାର




ନୂଆଦିଲ୍ଲୀ, ୨୬ା୩ (ଏଜେନ୍ସି): ଭାରତୀୟ ପୁରୁଷ ହକି ଦଳର ତାରକା ଡିଫେଣ୍ଡର ଅମିତ ରୋହିଦାସଙ୍କୁ ହକି ଇଣ୍ଡିଆର ସପ୍ତମ ବାର୍ଷିକ ପୁରସ୍କାରରେ ୨୦୨୪ ବର୍ଷ ପାଇଁ ଡିଫେଣ୍ଡର ଅଫ୍ ଦି ଇୟର ପର୍ଗତ ସିଂହ ପୁରସ୍କାର ମିଳିଛି । ପୁରସ୍କାର ବାବଦକୁ ତାଙ୍କୁ ୫ଲକ୍ଷ ଟଙ୍କା ସହ ମାନପତ୍ର, ଉପଢୌକନ ପ୍ରଦାନ କରାଯାଇଛି । ବର୍ଷର ଶ୍ରେଷ୍ଠ ଡିଫେଣ୍ଡର ହକି ଖେଳାଳି ସମ୍ମାନ ପାଇବା ତାଲିକାରେ ଅମିତଙ୍କ ବ୍ୟତୀତ ସଞ୍ଜୟ, ହରମନପ୍ରୀତି ସିଂ ଓ ଉଦ୍ଦିତା ଥିଲେ । ସେମାନେ ସମସ୍ତେ ଶ୍ରେଷ୍ଠ ଖେଳାଳି । ତେଣୁ ଏମାନଙ୍କ ମଧ୍ୟରୁ ଅମିତ ପୁରସ୍କାର ପାଇବେ ବୋଲି ଆଶା କରି ନଥିଲେ । ସେ କହିଛନ୍ତି, ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଆନନ୍ଦିତ ଅଛି । ଏହା ମୋ ପାଇଁ ଅବିଶ୍ୱସନୀୟ ଅନୁଭବ । ବିଶ୍ୱର ସର୍ବୋତ୍ତମ ରସରମାନଙ୍କ ମଧ୍ୟରେ ରୋହିଦାସ ଅନ୍ୟତମ । ବନ୍ଧୁ, ସାଥୀ ଖେଳାଳି, ଶୁଭେଚ୍ଛୁଙ୍କଠାରୁ ପାଇଥିବା ଉତ୍ସାହ ଓ ମମର୍ଥନ ଯୋଗୁ ମୁଁ ସଫଳତାର ଶିଖରରେ ପହଞ୍ଚିଛି । ପରଗତ ସିଂ ପୁରସ୍କାର ଜିତିବା ଏକ ନୂଆ ଅନୁଭବ । ଏହି ମୋତେ ପୁରସ୍କାର ମୋତେ ଆହୁରି କଠିନ ପରିଶ୍ରମ କରିବାକୁ ପ୍ରେରଣା ଯୋଗାଇବ । ଆଗକୁ ଥିବା ପ୍ରତିଯୋଗିତାଗୁଡ଼ିକରେ ଆହୁରି ଭଲ କରିବା ପାଇଁ ଚେଷ୍ଟା କରିବି । ବିଶେଷକରି ଏସିଆ କପ୍ ଏଫ୍ଆଇଏଚ୍ ପ୍ରୋଲିଗ୍ ଜରିଆରେ ୨୦୨୬ ବିଶ୍ୱକପ ଯୋଗ୍ୟତା ହାସଲ କରିବାକୁ ଆମେ ଚେଷ୍ଟା କରିବୁ ବୋଲି ଅମିତ କହିଛନ୍ତି ।

ଅଧୁନା ମୋର ଲକ୍ଷ୍ୟ ଜୁନ୍ ମାସରେ ଖେଳାଯିବାକୁ ଥିବା ପ୍ରୋଲିଗ୍ ଉପରେ । ବର୍ଷ ଶେଷରେ ଏସିଆ କପ୍ ଖେଳାଯିବ । ତେଣୁ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିବା ନିମନ୍ତେ ଏହି ଦୁଇଟି ପ୍ରତିଯୋଗିତାରେ ଆମକୁ ଭଲ କରିବାକୁ ହେବ । ରୋହିଦାସଙ୍କ ପାଇଁ ସବୁଠୁ ସ୍ମରଣୀୟ ମୁହୂର୍ତ୍ତ ଥିଲା ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ । କାରଣ ଅଲିମ୍ପିକ୍ସରେ ଭାରତ ଲଗାତାର ବ୍ରୋଞ୍ଜ ପଦକ ହାସିଲ କରିଥିଲା । ଏତଦ୍‌ବ୍ୟତୀତ ଅଷ୍ଟ୍ରେଲିଆ ବିପକ୍ଷରେ ଦଳ ଧମାକାଦାର ବିଜୟ ହାସଲ କରିଥିଲା । କାରଣ ଭାରତ ୫୨ ବର୍ଷରେ ଅଷ୍ଟ୍ରେଲିଆକୁ ଅଲିମ୍ପିକ୍ସରେ ହରାଇଥିଲା । ଏହା ଭାରତ ପାଇଁ ତଥା ଅମିତ୍ ରୋହିଦାସଙ୍କ ପାଇଁ ବିଶେଷ ମୁହୂର୍ତ୍ତ ଥିଲା ।

ଆଇପିଏଲ୍ ମହାସମର

# କୋଲକାତାକୁ ବିଜୟ ଦେଲେ ଡିକକ୍



ଗୌହାଟୀ, ୨୬ା୩ (ଏଜେନ୍ସି): ଆଇପିଏଲ୍‌ର ୧୮ତମ ସଂସ୍କରଣରେ ବିଜୟ ଖାତା ଖୋଲିଛି ଗତଥରର ଚାମ୍ପିଅନ କୋଲକାତା ନାଇଟ୍ ରାଇଡର୍ସ । ଉଦ୍‌ଘାଟନୀ ମ୍ୟାଚ୍‌ରେ ବେଙ୍ଗାଲୁରୁଠାରୁ ପରାଜିତ ହୋଇଥିବା କୋଲକାତା ବୁଧବାର ରାଜସ୍ଥାନ ରୟାଲ୍ସକୁ ୮ ୱିକେଟରେ ଧରାଶାୟୀ କରିଛି । ଦଳ ବିଜୟରେ କର୍ଣ୍ଣଧାର ସାଜିଛନ୍ତି କ୍ୱିଣ୍ଟନ ଡିକକ୍ । ସେ ୬୧ ବଲରୁ ୯୭ ରନର ଅପରାଜିତ ଇନିଂସ୍ ଖେଳି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ୨୦ ଓଭରରେ ୯ ୱିକେଟ ହରାଇ ୧୫୧ ରନ କରିଥିଲା । ଜବାବରେ କୋଲକାତା ୧୭.୩ ଓଭରରେ ୧୫୩/୨ ରନ କରି ଲକ୍ଷ୍ୟସ୍ଥଳରେ ପହଞ୍ଚି ଥିଲା । ଏହା ରାଜସ୍ଥାନର ଦ୍ୱିତୀୟ ପରାଜୟ ।

ଟସ୍ ଜିତି କୋଲକାତା ନାଇଟ୍ ରାଇଡର୍ସ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା । ତେଣୁ ଗୌହାଟୀର ବର୍ଷାପାରା କ୍ରିକେଟ ଷ୍ଟାଡିୟମରେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିଲା ରାଜସ୍ଥାନ ରୟାଲ୍ସ । ଓପନର ଯଶସ୍ୱୀ ଜୟଶ୍ୱାଲଙ୍କ ସହ ସଞ୍ଜୁ ସାମ୍‌ସନ ପାଳି ଆରମ୍ଭ କରିଥିଲେ । ଉଭୟଙ୍କ ମଧ୍ୟରେ ପ୍ରଥମ ୱିକେଟ ପାଇଁ ୩୩ ରନର ପାର୍ଟନରସିପ୍ ହୋଇଥିଲା । ଭଲ ଖେଳିଆସୁଥିବା ସଞ୍ଜୁ ୧୧ ବଲରୁ ୧୩ ରନ କରି ବୈଭବ ଅରୋରାଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ । ପରେପରେ ଜୟସ୍ୱାଲ ମଧ ୨୪ ବଲରୁ ୨ଟି ଲେଖାଏଁ ଚୌକା ଓ ଛକା ମାରି ୨୯ ରନ ସ୍କୋର୍‌ରେ ପାଭିଲିୟନ ଫେରିଥିଲେ । ଅଧିନାୟକ ରିଆନ ପରାଗ ୩ଟି ଛକା ସହ ୧୫ ବଲ୍‌ରୁ ୨୫ ରନ, ନିତିଶ ରାଣା ୮ ରନ, ୱାନିନ୍ଦୁ ହସରଙ୍ଗା ୪ ରନ, ଧ୍ରୁବ ଜୁରେଲ ୩୩ ରନ ଏବଂ ଜୋଫ୍ରା ଆର୍ଚ୍ଚର ୨ଟି ଛକା ସହ ୧୬ ରନ କରିଥିଲେ । ତେଣୁ ରାଜସ୍ଥାନ ୨୦ ଓଭରରେ ୯ ୱିକେଟ ହରାଇ ୧୫୧ ରନ କରିଥିଲା । ବୋଲିଂରେ କୋଲକାତାର ବୈଭବ ଅରୋରା, ହର୍ଷିତ ରାଣା, ମୋଇନ ଅଲ୍ଲୀ ଓ ବରୁଣ ଚକ୍ରବର୍ତ୍ତୀ ଦୁଇଟି କରି ତଥା ସ୍ପେନ୍‌ସର୍ ଜନସନ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।

୧୫୨ ରନର ବିଜୟକୁ କୋଲକାତା ପିଛା କରିଥିଲା । ଏହି ମ୍ୟାଚ୍‌ରେ ସୁନୀଲ ନାରିନ୍‌ଙ୍କ ଅନୁପସ୍ଥିତିରେ ମୋଇନ ଅଲ୍ଲୀଙ୍କ ସହ କ୍ୱିଣ୍ଟନ ଡିକକ୍ ପାଳି ଆରମ୍ଭ କରିଥିଲେ । ମୋଇନ ଅଲ୍ଲୀ ୧୨ ବଲ୍‌ରୁ ମାତ୍ର ୫ ରନ କରି ରନ୍‌ଆଉଟ ହୋଇଥିଲେ । କିନ୍ତୁ ଡିକକ୍‌ଙ୍କ ବ୍ୟାଟ୍ ଥମି ନଥିଲା । ସେ ୬୧ ବଲ୍‌ରୁ ୮ଟି ଚୌକା ଓ ୬ଟି ଛକା ସହାୟତାରେ ୯୭ ରନର ଅପରାଜିତ ଇନିଂସ୍ ଖେଳିଥିଲେ । ଅଧିନାୟକ ଆଜିଙ୍କ୍ୟ ରାହାଣେ ୧୫ ବଲରୁ ୧୮ ରନ ଓ ଅଙ୍ଗକ୍ରିସ ରଘୁବଂଶୀ ୧୭ ବଲରୁ ୨୨ ରନ କରିଥିଲେ । ଫଳରେ ୧୫ଟି ବଲ୍ ପୂର୍ବରୁ କୋଲକାତା ନାଇଟ୍ ରାଇଡର୍ସ ୧୫୩/୨ ରନ କରି ଲକ୍ଷ୍ୟସ୍ଥଳରେ ପହଞ୍ଚି ଯାଇଥିଲା । ବିଜୟ ସହ କୋଲକାତା ୨ ପଏଣ୍ଟ ହାସଲ କରି ଟେବୁଲର ଷଷ୍ଠ ସ୍ଥାନକୁ ଉଠିଥିବାବେଳେ ରାଜସ୍ଥାନ ୨ଟି ପରାଜୟ ସହ ୧୦ମ ସ୍ଥାନରେ ରହିଛି ।

**ଆଜିର ମ୍ୟାଚ**
ହାଇଦ୍ରାବାଦ – ଲକ୍ଷ୍ନୌ
ସମୟ: ରାତି ୭.୩୦
ସ୍ଥାନ: ହାଇଦ୍ରାବାଦ
ପ୍ରସାରଣ: ଷ୍ଟାରନେଟ୍‌ୱର୍କ

# ମ୍ୟାକ୍ସୱେଲ୍‌ଙ୍କ ଅଲୋଡ଼ା ରେକର୍ଡ଼

ନୂଆଦିଲ୍ଲୀ, ୨୬ା୩ (ଏଜେନ୍ସି): ଅଷ୍ଟ୍ରେଲିଆ ବ୍ୟାଟର ଗ୍ଲେନ୍ ମ୍ୟାକ୍ସୱେଲ ଆଇପିଏଲ୍‌ରେ ଅଲୋଡ଼ା ରେକର୍ଡ଼ କରିଛନ୍ତି । ସେ ସର୍ବାଧିକ ୧୯ ଥର ଶୂନ୍(୦)ରେ ଆଉଟ୍ ହୋଇ ଭାରତର ରୋହିତ ଶର୍ମା ଓ ଦିନେଶ କାର୍ତ୍ତିକଙ୍କୁ ପଛରେ ପକାଇଛନ୍ତି । ରୋହିତ ଓ ଦିନେଶ ୧୮ ଥର ଶୂନ୍‌ରେ ଆଉଟ ହୋଇଛନ୍ତି । ପିୟୁଷ ଚାୱଲା ଓ ସୁନୀଲ ନାରିନ୍ ୧୬ ଥର ଶୂନ୍‌ରେ ଆଉଟ୍ ହୋଇ ୩ୟ ସ୍ଥାନରେ ରହିଛନ୍ତି । ଏଥର ମେଗା ନିଲାମରେ ପଞ୍ଜାବ କିଙ୍ଗ୍ ୪.୨୦ କୋଟି ଟଙ୍କାରେ ମ୍ୟାକ୍ସୱେଲ୍‌ଙ୍କୁ ଦଳରେ ନେଇଥିଲା । ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚ୍‌ରେ ମ୍ୟାକ୍ସୱେଲ ୫ନଂ ସ୍ଥାନରେ ବ୍ୟାଟିଂ କରିବାକୁ ଆସି ଖାତା ଖୋଲିପାରି ନଥିଲେ । ତାଙ୍କୁ କିଶୋର ପ୍ରଥମ ବଲ୍‌ରେ ଆଉଟ କରିଥିଲେ ।

# ଧୋନୀଙ୍କୁ ପସନ୍ଦ ନୁହେଁ ଆଇପିଏଲ୍ ନିୟମ

ନୂଆଦିଲ୍ଲୀ, ୨୬ା୩ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ କିଛି ନୂଆ ନିୟମ ଲାଗୁ ହୋଇଛି । ଏସବୁ ଭିତରୁ କିଛି ନିୟମକୁ ନାପସନ୍ଦ କରିଛନ୍ତି ପୂର୍ବତନ ଅଧିନାୟକ ତଥା ଚେନ୍ନାଇ ଖେଳାଳି ଏମ୍‌ଏସ୍ ଧୋନୀ । ଧୋନୀ ଆଇପିଏଲ୍‌ର ଇମ୍ପାକ୍ଟ ପ୍ଲେୟାର ନିୟମ ବିଷୟରେ ନିଜର ପ୍ରତିକ୍ରିୟା ରଖିଛନ୍ତି । ୨୦୨୩ରେ ଲାଗୁ ହୋଇଥିବା ଏହି ନିୟମକୁ ନେଇ ଧୋନୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ନିୟମ ତ ଠିକ୍‌ଠାକ୍ ଚାଲିଥିଲା, ପୁଣି କାହିଁକି ବଦଳାଗଲା ? ଏଥିରେ ଏତେସବୁ ପରିବର୍ତ୍ତନ କରାଯିବା ଉଚିତ ନୁହେଁ । କାରଣ ଏକାଧିକ ପରିବର୍ତ୍ତନର କିଛି ଆବଶ୍ୟକତା ନାହିଁ । ଆଇପିଏଲ୍ ଏବେ ଭଲ ସ୍ଥିତିରେ ଅଛି । ଆଉ କିଛି ପରିବର୍ତ୍ତନ କରିବାର ଆବଶ୍ୟକତା ନାହିଁ । ପ୍ରାୟ ସବୁ ମ୍ୟାଚ୍ ହାଇସ୍କୋରିଂ ରହୁଛି । ଟକ୍କର ବି ଜୋରଦାର ହେଉଛି । ତେଣୁ ପରିବର୍ତ୍ତନର ଆବଶ୍ୟକତା ପଡ଼ି ନଥିଲା । ମୁଁ ଏବେ କିପିଂ କରୁଛି, ଇମ୍ପାକ୍ଟ ପ୍ଲେୟାର ନୁହେଁ । କହିବାକୁ ଗଲେ ଚେନ୍ନାଇ ଦଳ ଆଇପିଏଲ୍ ୨୦୨୫ ସିଜନରେ ନିଜର ପ୍ରଥମ ମ୍ୟାଚ୍ ଜିତିସାରିଛି । ମୁମ୍ବାଇକୁ ୪ ୱିକେଟରେ ହରାଇ ବିଜୟୀ ହୋଇଥିଲା ଚେନ୍ନାଇ ।



# କେକେଆର ବ୍ୟାଟର ଭାଙ୍ଗିବେ ରେକର୍ଡ଼



ନୂଆଦିଲ୍ଲୀ, ୨୬ା୩ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ ଆରମ୍ଭରୁ କୋଲକାତା ନାଇଟ୍ ରାଇଡର୍ସ ଝୁଣ୍ଟିଛି । ଡିଫେଣ୍ଡିଂ ଚାମ୍ପିଅନ କେକେଆର୍ ପ୍ରଥମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ପରାଜୟର ସମ୍ମୁଖୀନ ହୋଇଥିଲା । ତଥାପି ଏହି ମ୍ୟାଚ୍‌ରେ ଆଜିଙ୍କ୍ୟ ରାହାଣେ ଭଲ ପ୍ରଦର୍ଶନ କରିଥିଲେ । ରାହାଣେ ୫୬ ରନର ଇନିଂସ୍ ଖେଳିଥିଲେ । ଦ୍ୱିତୀୟ ମ୍ୟାଚ୍‌ରେ ଦଳ ରାଜସ୍ଥାନକୁ ଭେଟିଛି । ବାସ୍ତବରେ ଆଜିଙ୍କ୍ୟ ରାହାଣେ ଆଇପିଏଲ୍‌ରେ ଚୌକା ମାରିବାରେ ୭ମ ସ୍ଥାନରେ ଅଛନ୍ତି । ଏପର୍ଯ୍ୟନ୍ତ ସେ ମୋଟ ୪୮୪ଟି ଚୌକା ମାରିଛନ୍ତି । ସର୍ବାଧିକା ଚୌକା ମାରିବାରେ ଗୌତମ ଗମ୍ଭୀରଙ୍କୁ ପଛରେ ପକାଇପାରନ୍ତି ରାହାଣେ । ଗମ୍ଭୀର ଆଇପିଏଲ୍‌ରେ ୪୯୨ଟି ଚୌକା ମାରିଛନ୍ତି । ଯଦି ରାହାଣେ ଆଉ ୯ଟି ଚୌକା ମାରିବେ ତେବେ ଗମ୍ଭୀରଙ୍କୁ ପଛରେ ପକାଇବେ ।

ଆଇପିଏଲ୍‌ରେ ସର୍ବାଧିକ ଚୌକା ମାରିବା ତାଲିକାରେ ଶିଖର ଧାୱନ ଶୀର୍ଷରେ ଅଛନ୍ତି । ଧାୱନ ୨୨୨ଟି ଆଇପିଏଲ୍ ମ୍ୟାଚ୍ ଖେଳିଛନ୍ତି । ସେ ମୋଟ ୭୬୮ ଚୌକା ମାରିଛନ୍ତି । କୋହଲି ୨୫୩ ମ୍ୟାଚ୍‌ରୁ ୭୦୯ ଚୌକା ମାରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଡେଭିଡ୍ ୱାର୍ଣ୍ଣର ୬୬୩ ଚୌକା ସହ ତୃତୀୟ ସ୍ଥାନରେ ଅଛନ୍ତି । ରୋହିତ ଶର୍ମା ୫୯୯ ଚୌକା ମାରି ଚତୁର୍ଥ ସ୍ଥାନରେ ଅଛନ୍ତି ।

ରାହାଣେ ମୋଟ ଉପରେ ୧୮୬ ମ୍ୟାଚ୍ ଖେଳିଛନ୍ତି । ସେ ୪୬୯୮ ରନ ସଂଗ୍ରହ କରିଛନ୍ତି । ଦୁଇଟି ଶତକ ସହ ୩୧ଟି ଅର୍ଦ୍ଧଶତକ ରହିଛି । ରାହାଣେଙ୍କ ପାଇଁ ୨୦୧୨ ଓ ୨୦୧୫ ସିଜନ ଭଲ ଥିଲା । ୨୦୧୨ ସିଜନରେ ସେ ୫୬୦ ରନ ଓ ୨୦୧୫ରେ ୫୪୦ ରନ କରିଥିଲେ ।

# ମିଆମି ଓପନ : ଝେଙ୍ଗଙ୍କୁ ଧରାଶାୟୀ କଲେ ସାବାଲେଙ୍କା



ନୂଆଦିଲ୍ଲୀ, ୨୬ା୩ (ଏଜେନ୍ସି): ବିଶ୍ୱର ଏକନମ୍ବର ମହିଳା ଟେନିସ୍ ଖେଳାଳି ଆର୍ୟାନା ସାବାଲେଙ୍କା ମିଆମି ଓପନ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି । ସେ ମହିଳା ସିଙ୍ଗଲ୍ସ କ୍ୱାର୍ଟରରେ ଚୀନ୍‌ର ଝେଙ୍ଗ କ୍ୱିନ୍‌ୱିନ୍‌ଙ୍କୁ ୬–୨, ୭–୫ ସିଧାସଳଖ ସେଟ୍‌ରେ ପରାଜିତ କରି ଟାଇଟଲ ଆଡ଼େ ଆଉପାଦେ ଆଗେଇଛନ୍ତି । ଫାଇନାଲରେ ପ୍ରବେଶ କରିବା ପାଇଁ ସାବାଲେଙ୍କା ସେମି ଲଢ଼େଇର ଯସ୍ମିନ୍ ପାଓଲିନ୍‌ଙ୍କୁ ଭେଟିବେ ।

## କ୍ୱାର୍ଟର୍‌ରେ ଜୋକୋଭିକ୍

ସର୍ବିୟାର ପେଶାଦାର ପୁରୁଷ ଟେନିସ ଖେଳାଳି ନୋଭାକ ଜୋକୋଭିକ୍ ମିଆଇମି ଓପନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ସେ ଇଟାଲିର ଲୋରେଞ୍ଜୋ ମୁସେଟିଙ୍କୁ ୬–୨, ୬–୨ ସିଧାସଳଖ ସେଟ୍‌ରେ ହରାଇଥିଲେ । ଉଭୟଙ୍କ ମଧ୍ୟରେ ୧ଘଣ୍ଟା ୨୨ ମିନିଟ୍‌ର କଡ଼ା ସଂଘର୍ଷ ହୋଇଥିଲା । ୨୦୧୬ରେ ଶେଷଥର ପାଇଁ ଜୋକୋଭିକ୍ ମିଆମି କ୍ୱାର୍ଟରରେ ପ୍ରବେଶ କରିଥିଲେ । ଅର୍ଥାତ ୯ ବର୍ଷ ପରେ ଜୋକୋଭିକ୍ ମିଆମି ଓପନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ୩୭ ବର୍ଷୀୟ ଜୋକୋଭିକ୍ ୧୦୦ତମ ଟୁର୍ ଲେଭଲ୍ ଟାଇଟଲଠାରୁ ୩ ପଛରେ ଅଛନ୍ତି । ପରବର୍ତ୍ତୀ ମ୍ୟାଚ୍‌ରେ ସେ ଆମେରିକାର ସେବାଷ୍ଟିଆନ କୋର୍ଡାଙ୍କୁ ଭେଟିବେ । କୋର୍ଡା ୬–୪, ୨–୬, ୬–୪ ସେଟ୍‌ରେ ଫ୍ରାନ୍ସର ଭେଟେରାନ ଗାଏଲ୍ ମନଫିଲ୍ସଙ୍କୁ ପରାଜିତ କରିଥିଲେ ।

# ମୁମ୍ବାଇରେ ଘର କିଣିଲେ ସୂର୍ଯ୍ୟକୁମାର

ନୂଆଦିଲ୍ଲୀ, ୨୬ା୩ (ଏଜେନ୍ସି): ମୁମ୍ବାଇରେ ନୂଆ ଘର କିଣିଛନ୍ତି ଟିମ୍ ଇଣ୍ଡିଆର ତାରକା ବ୍ୟାଟର ସୂର୍ଯ୍ୟକୁମାର ଯାଦବ । ଦେଓନାରର ଗୋଦେରେଜ ସ୍କାଇ ଟେରେସରେ ଦୁଇଟି ଫ୍ଲାଟ୍ କିଣିଛନ୍ତି । ଏହା ପାଖାପାଖି ୪,୩୦୦ ସ୍କୋୟାର ଫୁଟ୍‌ର ଫ୍ଲାଟ । ସୂର୍ଯ୍ୟକୁମାର ଓ ତାଙ୍କ ପତ୍ନୀ ଦେବେସା ଯେଉଁ ଘର କିଣିଛନ୍ତି, ତାହାର ମୂଲ୍ୟ ୨୧.୧୧ କୋଟି ହୋଇଥିବାବେଳେ ନାମ ଫଳକର ଦାମ ୧.୨୬ କୋଟି ଟଙ୍କା । ତେବେ ଏପର୍ଯ୍ୟନ୍ତ ସୂର୍ଯ୍ୟକୁମାରଙ୍କ ଘରର ଫଟୋ ସୋସିଆଲ ମିଡିଆକୁ ଆସିନାହିଁ ।

ଅନ୍ୟପଟେ ସୂର୍ଯ୍ୟକୁମାର ଆଇପିଏଲ୍ ପାଇଁ ବ୍ୟସ୍ତରେ ଅଛନ୍ତି । ସୂର୍ଯ୍ୟ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳୁଛନ୍ତି । ଅନେକ ସମୟରେ ସେ ଜମାଣିଆ ବ୍ୟାଟିଂ କରି ଚର୍ଚ୍ଚାରେ ରହିଥାନ୍ତି । କିନ୍ତୁ ଏଥର ଆଇପିଏଲ୍‌ରେ ସେମିତି କିଛି ଚମତ୍କାର କରିନାହାନ୍ତି ସୂର୍ଯ୍ୟକୁମାର । ଦଳ ଚେନ୍ନାଇ ସୁପର କିଙ୍ଗସ ବିପକ୍ଷରେ ମ୍ୟାଚ୍ ଖେଳିଥିଲା । ମୁମ୍ବାଇ ୧୫୬ ରନର ଇନିଂସ୍ ଖେଳିଥିଲାବେଳେ ଚେନ୍ନାଇ ୧୫୮ ରନ କରି ବିଜୟ ହାସଲ କରିଥିଲା । ଦଳ ପକ୍ଷରୁ ରଚିନ ରବୀନ୍ଦ୍ର ୬୫ ଓ ରୁତୁରାଜ ଗାଇକ୍ୱାଡ୍ ୫୩ ରନ କରିଥିଲେ । ଏହି ମ୍ୟାଚ୍‌ରେ ଧୋନୀ ଆଖିପିଛୁଳାରେ ସୂର୍ଯ୍ୟକୁମାର ଯାଦବଙ୍କୁ ଷ୍ଟମ୍ପିଂ କରି ଷ୍ଟାଡିୟମରେ ହଇଚଇ ସୃଷ୍ଟି କରିଥିଲେ ।



# ଦ୍ରାବିଡ଼ଙ୍କ ପନ୍ଥା ଆପଣାଇବେ କି ଗମ୍ଭୀର



ନୂଆଦିଲ୍ଲୀ, ୨୬ା୩ (ଏଜେନ୍ସି): ଚାମ୍ପିଅନ୍ସ ଟ୍ରଫିରେ ଭାରତ ଚାମ୍ପିଅନ୍ ହୋଇଥିଲା । ଏହାପରେ ବିସିସିଆଇର ସମ୍ପୂର୍ଣ୍ଣ ଟିମ୍ ପାଇଁ ୫୮ କୋଟି ଟଙ୍କା ପୁରସ୍କାର ରାଶି ମଧ ଘୋଷଣା ବିସିସିଆଇ । ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ୩ କୋଟି ଟଙ୍କା ପାଇଛନ୍ତି । ତେବେ ପୂର୍ବତନ ମହାନ୍ ଖେଳାଳି ସୁନୀଲ ଗାଭାସ୍କର କହିଛନ୍ତି ଯେ ରାହୁଲ ଦ୍ରାବିଡ଼ଙ୍କ ପନ୍ଥା ଗମ୍ଭୀର ଆପଣାଇବା ଉଚିତ ହେବ । ଦ୍ରାବିଡ ଦଳର କୋଚ୍ ଥିବାବେଳେ ଭାରତ ଟି–୨୦ ବିଶ୍ୱକପ ଜିତିଥିଲା । ସେ ସମୟରେ ମଧ ପୁରସ୍କାର ରାଶି ଘୋଷଣା କରିଥିଲା । ଦ୍ରାବିଡ୍‌ଙ୍କୁ ମଧ ଅନ୍ୟ ସପୋର୍ଟିଂ ଷ୍ଟାଫ୍‌ଙ୍କ ତୁଳନାରେ ଅଧିକ ଅର୍ଥ ପ୍ରଦାନ କରାଯିବାରୁ ସେ ଏହାକୁ ନେବାପାଇଁ ମନା କରିଥିଲେ । ସମସ୍ତ କୋଚିଂ ଷ୍ଟାଫ୍‌ଙ୍କ ସମାନ ପରିମାଣର ଅର୍ଥ ଦେବାକୁ ସେ ବୋର୍ଡ଼କୁ ଅନୁରୋଧ କରିଥିଲେ । ଗମ୍ଭୀର ମଧ ଏହି ନୀତି ଆପଣାଇଲେ ଭଲ କୋଚ୍ ହେବେ ବୋଲି ଗାଭାସ୍କର କହିଛନ୍ତି । ଅବଶ୍ୟ ଗମ୍ଭୀରଙ୍କ ପକ୍ଷରୁ ଏନେଇ କୌଣସି ପ୍ରତିକ୍ରିୟା ମିଳିନାହିଁ । ସେ ଏବେ ତାଙ୍କ ପରିବାର ସହ ଫ୍ରାନ୍ସରେ ଛୁଟି କଟାଉଛନ୍ତି ।

# ଜାତୀୟ ଉପକନିଷ୍ଠ ଫେନସିଂ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୨୬ା୩ (ସବ୍ୟୁ): କଟକର ଜବାହରଲାଲ୍ ନେହରୁ ଇଣ୍ଡୋର ଷ୍ଟାଡିୟମରେ ୨୭ରୁ ୩୦ତାରିଖ ପର୍ଯ୍ୟନ୍ତ ଜାତୀୟ ଉପକନିଷ୍ଠ ଫେନସିଂ ପ୍ରତିଯୋଗିତା ଆୟୋଜିତ ହେବ । ଏନେଇ ଓଡ଼ିଶା ଦଳ ଘୋଷଣା ହୋଇଛି । ଓଡ଼ିଶା ଦଳ ଚୟନ ଲାଗି ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ଭୁବନେଶ୍ୱର ଫେନସିଂ ଏକାଡେମୀରେ ଗତ ୫ରୁ ୨୫ ତାରିଖ ପର୍ଯ୍ୟନ୍ତ ଶିବିର ଅନୁଷ୍ଠିତ ହୋଇଥିଲା ।

ଏହି ଶିବିରରେ ଭୁବନେଶ୍ୱର ଫେନସିଂ ଏକାଡେମୀର କୋଚ୍ ସୁକାନ୍ତ ସେଠ, ନୀତୀନ ସ୍ୱାଇଁ, ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ କୋଚ୍ ଅନ୍ୱେଷା ରାଉତ, ରୋସନ ସାହୁ, ଫେନସିଂ ଏନ୍‌ଆର୍‌ଏଚ୍ କୋଚ୍, କରିସ୍ମା ରାଉତ, ମଣିପୁର ଏସ୍‌ଏସ୍‌ବି କୋଚ ଲେନିନ୍ ମିତାଇ, କୋଚ୍ ଜ୍ୟୋତିରଞ୍ଜନ ଠାକୁର ଶିବିର ପରିଚାଳନା କରିଥିଲେ । ଏହି ଶିବିରରେ ମୋଟ ୩୪ ଜଣ ଖେଳାଳି ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ୨୪ ଜଣଙ୍କୁ ଓଡ଼ିଶା ଦଳରେ ସ୍ଥାନ ମିଳିଥିବା ରାଜ୍ୟ ସଙ୍ଘ ସମ୍ପାଦକ ଦେବେନ୍ଦ୍ର ସାହୁ ଏବଂ ସାଂଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି । ରାଜ୍ୟ ସଭାପତି ଅନଙ୍ଗ ଉଦୟ ସିଂହଦେଓ, ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଉପସଭାପତି ରମେଶ ମଲ୍ଲିକ ପ୍ରମୁଖ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

**ଓଡ଼ିଶା ବାଳକ ଦଳ :** ଲିଖିତ ବିଶ୍ୱାଳ, ନିଶାଙ୍କ ପଟେଲ, ବିଭୂତି ପଟେଲ, ଓମ୍ ଖୋରା, ସ୍ୱାଗତ ପଟେଲ, ପଦ୍ମଲୋଚନ ନାୟକ, ଓମ୍ ଶଙ୍କର ପଟେଲ, ଶୁଭମ ଯୋଶୀ, ପ୍ରେମଜିତ୍ ବେସ୍ରା, ସୌମ୍ୟ ପ୍ରଧାନ, ମଣିକେଶ ନାୟକ, କାହ୍ନା ଗଡ଼ତିଆ ।

**ଓଡ଼ିଶା ବାଳିକା ଦଳ :** ସ୍ମୃତିପ୍ରଭା ଅରୁଣ, ସଞ୍ଜନା ଜାଲ, ଡଲିରାଣୀ ମାଝୀ, ଆସ୍ଥା ଗଜେନ୍ଦ୍ର, ସାରିକା ପଟେଲ, ଶ୍ରୀୟାସ୍ମୃତି ପଟେଲ, ପ୍ରଜ୍ଞାସ ମହାନ୍ତି, ଇସ୍ପିତା ମିଶ୍ର, ନମ୍ରତା ପଟେଲ, ଅମ୍ରିତା ଆଦିଜୁଆଡ଼, ମୁକ୍ତି ବିଶ୍ୱାଳ ।



ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Editor:** Papu Mohanty: ସମ୍ପାଦକ: ପପୁ ମହାନ୍ତି